R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୧୯
ତିଥି : ଅଷ୍ଟମୀ
୨୪ ଅକ୍ଟୋବର ୨୦୨୪, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

समय SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

28th ANNIVERSARY

Bhubaneswar | Balasore | Angul | Berhampur | Sambalpur | Jeypore

# ଆଜି 'ଦାନା'ର କରାଳରୂପ

ଭୁବନେଶ୍ୱର, ୨୩।୧୦ (ସବ୍ୟୁ) : ସାମୁଦ୍ରିକ ଝଡ଼ ବା ବାତ୍ୟା 'ଦାନା' ଏବେ ଉପକୂଳ ମୁହାଁ । ସମୁଦ୍ରରେ ଏବେ ଶକ୍ତିଶାଳୀ ହୋଇ ମାଡ଼ି ଆସୁଛି। ଆସନ୍ତାକାଲି(ଗୁରୁବାର) ସକାଳ ସୁଦ୍ଧା ଭୀଷଣ ବାତ୍ୟା ରୂପ ନେବ । ତେବେ ଆଜି(ବୁଧବାର) ସନ୍ଧ୍ୟାରୁ କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ ଓ ପରାଦୀପରେ ବର୍ଷା ଆରମ୍ଭ ହେବା ସହିତ ପବନର ବେଗ ବଢ଼ିଛି । ଏହାସହ ସମୁଦ୍ର ବି ଅଶାନ୍ତ ହେବାରେ ଲାଗିଛି । ୨୪ ସନ୍ଧ୍ୟାରୁ 'ଦାନା'ତା'ର କରାଳ ରୂପ ଦେଖାଇବ । ବାଲେଶ୍ୱରର କୁମ୍ଭୀରଗାରୀ, ଭଦ୍ରକର ମୋହନପୁର ଓ କେନ୍ଦ୍ରାପଡ଼ାର ସୁରଭି ନିକଟରେ ବାତ୍ୟା ଯିବ ବୋଲି ଆଇଏନ୍‌ସିଓଆଇଏସ୍ ସ୍ପଷ୍ଟ ଚିତ୍ର ପ୍ରକାଶ କରିଛି । ପୁରୀ, ଧାମରା, ପାରାଦୀପ ବନ୍ଦରକୁ ୧୦ନଂ ବିପଦ ସଙ୍କେତ ଜାରି ହୋଇଥିବା ବେଳେ ଗୋପାଳପରକୁ ୮ନଂ ବିପଦ ସଙ୍କେତ ଦିଆଯାଇଛି ।

ପାଣିପାଗ ବିଭାଗର କହିବା ଅନୁସାରେ, ପୂର୍ବ କେନ୍ଦ୍ରୀୟ ଏବଂ ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା 'ଦାନା'ଉତ୍ତର ପଶ୍ଚିମ ଆଡ଼କୁ ୧୨ କିମି ବେଗରେ ଗତି କରୁଛି । ବୁଧବାର ସନ୍ଧ୍ୟା ସାଢ଼େ ୫ଟା



ସୁଦ୍ଧା ଅର୍ଥାତ ଓଡ଼ିଶାର ପାରାଦୀପରୁ ଦକ୍ଷିଣ-ପୂର୍ବ ଦିଗରୁ ୪୨୦ କିମି ଓ ଧାମରାର ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରୁ ୪୫୦ କିମି ଓ ପଶ୍ଚିମବଙ୍ଗର ସାଗରଦ୍ୱୀପରୁ ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରୁ ୫୦୦ କିମି ଦୂରରେ ରହିଛି ।

ଆସନ୍ତାକାଲି ଅର୍ଥାତ ୨୪ ତାରିଖ ସକାଳ ସୁଦ୍ଧା ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରି ଭୀଷଣ ବାତ୍ୟା ରୂପ ନେବ । ୨୪ ତାରିଖ ମଧ୍ୟରାତିରୁ ୨୫ ତାରିଖ ସକାଳ ସୁଦ୍ଧା ଭୀଷଣ ବାତ୍ୟା ରୂପରେ ଭିତରକନିକାରୁ ଧାମରା ମଧ୍ୟରେ ସ୍ଥଳଭାଗ ଛୁଇଁବ । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୦୦-

- କେଉଁଠି ଉଡାଇବ ତ, କେଉଁଠି ବୁଡାଇବ
- ଗୁରୁବାର ମଧ୍ୟରାତ୍ରିରୁ ୨୫ ସକାଳ ସୁଦ୍ଧା ସ୍ଥଳଭାଗ ଛୁଇଁବ
- ଭୀଷଣ ବାତ୍ୟା ରୂପରେ ଭିତରକନିକା-ଧାମରା ମାଡ଼ ହେବ
- ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ାରେ ବେଶୀ ପ୍ରଭାବ ପକାଇବ
- ପବନ ଘଣ୍ଟାପ୍ରତି ୧୦୦-୧୨୦ ବେଗରେ ବୋହିବ
- ପୁରୀ, ପାରାଦୀପ, ଧାମରା ବନ୍ଦରକୁ ୧୦ ନଂ ବିପଦ ସଙ୍କେତ
- ତିନି ଜିଲ୍ଲାରେ ୧ରୁ ୨ ମିଟର ଉଚ୍ଚରେ ଜୁଆର ଆସିପାରେ
- ଉପକୂଳବର୍ତ୍ତୀ ଜିଲ୍ଲାରେ ତୁହାକୁ ତୁହା ବର୍ଷା ଜାରି

୧୧୦ ଏବଂ ଝଟକା ୧୨୦ ରହିବ । ବାତ୍ୟା ପ୍ରଭାବରେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ପବନର ବେଗ ଘଣ୍ଟାପ୍ରତି ୧୦୦ରୁ ୧୧୦ କିମି ରହିବ । ସେହିପରି ମୟୂରଭଞ୍ଜରେ ପବନର ବେଗ ଘଣ୍ଟାପ୍ରତି ୮୦-୯୦ କିମି, ପୁରୀରେ ୬୦-୮୦ କିମି, କଟକ, ଯାଜପୁର, ଖୋର୍ଦ୍ଧା, ଭୁବନେଶ୍ୱର, ଢେଙ୍କାନାଳ ଓ କେନ୍ଦୁଝରରେ ୬୦-୭୦ କିମି, ସୁନ୍ଦରଗଡ଼, ଦକ୍ଷିଣ ଝାଡ଼ଖଣ୍ଡରେ ୫୦-୬୦ ଏବଂ ଅନୁଗୁଳ, ଗଞ୍ଜାମ, ନୟାଗଡ଼, ବୌଦ୍ଧ, ସମ୍ବଲପୁର ଓ ଦେବଗଡ଼ରେ ପବନର ବେଗ ଘଣ୍ଟାପ୍ରତି ୪୦-୫୦ (୯ ପୃଷ୍ଠାରେ)

## ଓସିଏସ୍ ପ୍ରିଲିମ୍ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର, ୨୩।୧୦ (ସବ୍ୟୁ) : ବାତ୍ୟାକୁ ଦୃଷ୍ଟିରେ ରଖି ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଓଡ଼ିଶା ସିଭିଲ ସର୍ଭିସେସ୍ (ଓସିଏସ୍) ପ୍ରିଲିମ୍ ପରୀକ୍ଷା ୨୦୨୩କୁ ସ୍ଥଗିତ କରାଯାଇଛି । ପରବର୍ତ୍ତୀ ତାରିଖ ନେଇ ୭ ଦିନ ପରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଓପିଏସ୍‌ସି ପକ୍ଷରୁ ଜାରି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି । ଏହାସହ ପରୀକ୍ଷାର୍ଥୀମାନେ ଏ ସମ୍ପର୍କରେ ଅଧିକ ସୂଚନା ଜାଣିବାକୁ ଚାହୁଁଥିଲେ ଓପିଏସ୍‌ସିର ୱେବ୍‌ସାଇଟ୍‌କୁ ଯାଇପାରିବେ ବୋଲି କୁହାଯାଇଛି । ସେହିଭଳି ବାତ୍ୟା ଦୃଷ୍ଟିରୁ ୨୪ ଓ ୨୫ ତାରିଖରେ ସର୍ବସାଧାରଣଙ୍କ ପରିଦର୍ଶନ ନିମନ୍ତେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ, ଓଡ଼ିଶା ରାଜ୍ୟ ଅଭିଲେଖାଗାର ଓ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ବନ୍ଦ ରହିବ । ଏଥିସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି (୯ ପୃଷ୍ଠାରେ)

### ଏସ୍ଆର୍‌ସିଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

## ଆତଙ୍କିତ ନହୋଇ ସତର୍କ ରୁହନ୍ତୁ

ଭୁବନେଶ୍ୱର, ୨୩।୧୦ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ପରିଦର୍ଶନ କରି ସେଠାରେ ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି ।



ସମୀକ୍ଷା ପରେ ଗଣମାଧ୍ୟମ ନିକଟରେ ନିଜର ବିବୃତି ରଖି, ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କୌଣସି ପରିସ୍ଥିତିରେ ଭୟଭୀତ

### ଆଜି ଦିନ ୧୧ଟା ସୁଦ୍ଧା ୯୦% ସ୍ଥାନାନ୍ତର

### ମୁକାବିଲା ଲାଗି ସରକାର ପ୍ରସ୍ତୁତ

ବା ଆତଙ୍କିତ ନ ହେବାକୁ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ସମସ୍ତ ସମ୍ପୃକ୍ତ ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛନ୍ତି । 'ୟୁ ଆର୍ ଇନ୍ ସେଫ୍ ହ୍ୟାଣ୍ଡ୍ସ' ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବିପଦ ଟଳିବା ପର୍ଯ୍ୟନ୍ତ ସମସ୍ତେ ସୁରକ୍ଷିତ ଓ ସତର୍କ ରୁହନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ ।

ପରିସ୍ଥିତିକୁ ତଦାରଖ କରିବା ପାଇଁ ମନ୍ତ୍ରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ସେମାନେ ସମସ୍ତେ କ୍ୟାବିନେଟ ବୈଠକ ପରେ ଜିଲ୍ଲାଗସ୍ତରେ ଯାଇଛନ୍ତି । ଏହା ସହିତ ଅଭିଜ୍ଞତା ସମ୍ପନ୍ନ ଅଧିକାରୀମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଯେଉଁ ସବୁ ଜିଲ୍ଲାରେ ବାତ୍ୟାର ସମ୍ଭାବନା ଅଛି, (୯ ପୃଷ୍ଠାରେ)

### ଧାନ କ୍ରୟ ନୀତି ଅନୁମୋଦନ

## ୮୦ ଲକ୍ଷ ଟନ୍ ଧାନ କିଣିବେ ସରକାର

ଭୁବନେଶ୍ୱର, ୨୩।୧୦ (ସବ୍ୟୁ) : ଚଳିତ ଋତୁରେ ସରକାର ୮୦ ଲକ୍ଷ ଟନ୍ ଧାନ ସଂଗ୍ରହ କରିବେ । ଖରିଫରେ ୬୬ ଲକ୍ଷ ଟନ୍ ଓ ରବିରେ ୧୪ ଲକ୍ଷ ଟନ୍ ଧାନ ସଂଗ୍ରହ କରାଯିବ । ଅଧିକ ଧାନ ଯଦି ପଞ୍ଜୀକୃତ ଚାଷୀଙ୍କ ଠାରୁ ମଣ୍ଡିକୁ ଆସିବ ତାହା ମଧ୍ୟ ସରକାର କ୍ରୟ କରିବେ ବୋଲି କ୍ୟାବିନେଟ୍ ଅନୁମୋଦନ କରିଛନ୍ତି ।

କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ନଭେମ୍ବର ୨୦୨୪ରୁ ମାର୍ଚ୍ଚ ୨୦୨୫ ମଧ୍ୟରେ ଖରିଫ ଧାନ ମେ' ୨୦୨୫ରୁ ଜୁନ୍ ୨୦୨୫ ମଧ୍ୟରେ ରବି ଧାନ ସଂଗ୍ରହ କରାଯିବ । କେବଳ ପଞ୍ଜୀକୃତ ଚାଷୀଙ୍କ ଠାରୁ ବଳକା ଧାନ ସଂଗ୍ରହ ହେବ । ଆଧାର ହେବ ଏକମାତ୍ର ପରିଚୟପତ୍ର । ଉପଗ୍ରହ ଚିତ୍ର ମାଧ୍ୟମରେ ପଞ୍ଜୀକୃତ ହୋଇଥିବା ଚାଷ ଜମିଗୁଡ଼ିକର ଶତ ପ୍ରତିଶତ କ୍ଷେତ୍ର ଯାଞ୍ଚ ଏବଂ ଜମି ବିବରଣୀର ବୈଧତା ଯାଞ୍ଚ କରାଯାଉଛି । ପଞ୍ଜୀକୃତ ଚାଷୀଙ୍କୁ ଧାନ ସଂଗ୍ରହ ବାବଦ କ୍ରୟ ଦିବସ ଓ ପରିମାଣ ସମ୍ପର୍କରେ ଆଗୁଆ ସୂଚନା ଏସ୍ଏମ୍ଏସ୍‌ରେ ଦିଆଯିବ । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଗୁରୁତ୍ୱ ଦିଆଯିବ । ସାଧାରଣ ଧାନ ଓ

- ଆଧାର ହିଁ ଏକମାତ୍ର ପରିଚୟପତ୍ର
- ବକେୟା ଥିବା ମିଲରଙ୍କୁ ଧାନ କିଣାରୁ ବାଦ୍
- ଅଭାବୀ ବିକ୍ରି ରୋକିବାକୁ ନିଆଯିବ ପଦକ୍ଷେପ

ଗ୍ରେଡ୍-ଏ ଧାନ ପାଇଁ କ୍ୱିଣ୍ଟାଲ ପିଛା ଏମ୍ଏସ୍‌ପି ୨୩୦୦ ଓ ୨୩୨୦ ଟଙ୍କା ହାରରେ ଚାଷୀଙ୍କୁ ପ୍ରଦାନ କରାଯିବ । ଧାନର ଏଫ୍ଏକ୍ୟୁ ମାନ ହେବା ଆବଶ୍ୟକ । ଓଡ଼ିଶା ଯୋଗାଣ ନିଗମ ସମସ୍ତ ଜିଲ୍ଲାରେ ଧାନ ସଂଗ୍ରହ କରିବେ । ଏହାଛଡା ପ୍ୟାକ୍ସ, ଲ୍ୟାମ୍ପ୍ସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣିପଞ୍ଚାୟତ ମାଧ୍ୟମରେ ମଧ୍ୟ ଧାନ ସଂଗ୍ରହ କରାଯିବ । ଚାଷୀଙ୍କ ବ୍ୟାଙ୍କ ଖାତାକୁ ଅନ୍‌ଲାଇନ୍ ପ୍ରକ୍ରିୟାରେ ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଅର୍ଥ ପ୍ରଦାନ କରାଯିବ । ଯେଉଁ ମିଲରମାନଙ୍କର ବକେୟା ଦେୟ ଅଛି ସେମାନଙ୍କୁ ଧାନ ସଂଗ୍ରହରେ ଅନୁମତି ମିଳିବ ନାହିଁ । ରାଜ୍ୟ ସରକାରଙ୍କ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ୨୬ ଲକ୍ଷ ଟନ୍ ଚାଉଳ ଆବଶ୍ୟକ । ବଳକା ଚାଉଳକୁ ଭାତୀୟ ଖାଦ୍ୟ (୯ ପୃଷ୍ଠାରେ)

## 'ସୁଭଦ୍ରା' ଗାଇଡ୍‌ଲାଇନ୍‌ରେ ସଂଶୋଧନ

ଭୁବନେଶ୍ୱର, ୨୩।୧୦ (ସବ୍ୟୁ) : ସୁଭଦ୍ରା ଗାଇଡ୍‌ଲାଇନ୍‌ର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଫଳରେ ଅଧିକ ଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହୋଇପାରିବେ । ଯୋଗ୍ୟ ହିତାଧିକାରୀ ଚୟନ ନିମନ୍ତେ ରାସନ କାର୍ଡ ଡାଟାବେସ୍‌ରେ ନିଶ୍ଚିତ ନାମ ଥିବାର ମାନଦଣ୍ଡକୁ ହଟାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ଫଳରେ ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ଆବେଦନର ପୁନର୍ବିଚାର ସମ୍ଭବପର ହୋଇପାରିବ । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍‌ରେ ୬ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ମନୋଜ ଆହୁଜା ଗଣମାଧ୍ୟମକୁ କହିଛନ୍ତି ଯେ ସୁଭଦ୍ରା ଯୋଜନାରେ ୧ କୋଟି ୨ ଲକ୍ଷ ହିତାଧିକାରୀ ପଞ୍ଜୀକୃତ



ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୬୦ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦିଆସରିଛି । ବିଭିନ୍ନ କାରଣରୁ ୨ ଲକ୍ଷ ୬୭ ହଜାର ଆବେଦନ ଖାରଜ ହୋଇଥିଲା । ଏହାର ପରୀକ୍ଷା ନିରୀକ୍ଷା କରାଯିବ । ତେବେ ସଂଶୋଧିତ ପ୍ରସ୍ତାବ ଅନୁଯାୟୀ ଓକାକ୍ ଦ୍ୱାରା ଦାଖଲ କରାଯାଇଥିବା ଯୋଗ୍ୟ ହିତାଧିକାରୀ ତାଲିକାକୁ ଦୃଷ୍ଟିରେ ରଖି ଏନ୍ଏଫ୍ଏସ୍ଏ/ଏସ୍ଏଫ୍ଏସ୍ଏସ୍ ଡାଟାବେସ୍‌ରେ ଉପସ୍ଥିତ ଆବେଦନକାରୀଙ୍କ ଯୋଜନା ନିର୍ଦ୍ଦେଶାବଳୀରେ ତାଲିକାଭୁକ୍ତକୁ ମାନଦଣ୍ଡରୁ ବାଦ୍

- ୬ ପ୍ରସ୍ତାବକୁ କ୍ୟାବିନେଟ୍‌ର ମଞ୍ଜୁରୀ
- ଖାରଜ ହୋଇଥିବା ୨ ଲକ୍ଷ ୬୭ ହଜାର ଆବେଦନର ପୁନଃବିଚାର ହେବ
- ଓଡ଼ିଶା ନୂତନ ବାୟୁ ସଂଯୋଗ ନୀତିକୁ ମଞ୍ଜୁରୀ
- ସମୃଦ୍ଧ କୃଷକ ଯୋଜନାକୁ ଅନୁମୋଦନ
- ଜିଏସ୍‌ଟି ସଂଶୋଧନ ପ୍ରସ୍ତାବ ମଞ୍ଜୁର

ଦିଆଯାଇଛି । ସୁଭଦ୍ରା ଅଧିନରେ ଆର୍ଥିକ ସହାୟତା ପ୍ରଦାନ କରିବାର ଏକ ମାଧ୍ୟମ ସିବିଡିସିକୁ ଅନ୍ତର୍ଭୁକ୍ତ କରାଯାଇଛି । ସୁଭଦ୍ରା ପାଇଁ ଏଟିଏମ୍ କମ୍ ଡେବିଟ୍ କାର୍ଡ ପ୍ରଦାନ ନ କରିବା ଏବଂ ୨୦୨୪ ସେପ୍ଟେମ୍ବର ୮ରୁ ୨୦୨୪ ସେପ୍ଟେମ୍ବର ୧୩ ପର୍ଯ୍ୟନ୍ତ ଆଧାରର ଇ-କେୱାଇସି ମଡେଲରୁ ପୋର୍ଟାଲରୁ ଅଲଗା କରିବା ଏବଂ ଏହା ବଦଳରେ ଏନ୍ଏଫ୍ଏସ୍ଏ ଏବଂ ପିଏମ୍ କିଷାନ ପରି ଅନ୍ୟ ଡାଟାବେସ୍ ମାଧ୍ୟମରେ ଇ-କେୱାଇସି ଯାଞ୍ଚ ହେବ । ବିଏଲ୍ଏସି ଏବଂ ୟୁଏଲ୍ଏସିରେ ବ୍ଲକ୍-ୟୁଏଲ୍‌ବି ସ୍ତରୀୟ ଯାଞ୍ଚ କମିଟିର ଅଧ୍ୟକ୍ଷମାନଙ୍କ ଦ୍ୱାରା ଦୁଇଜଣ ମନୋନିତ ସିଭିଲ୍ ସୋସାଇଟି ପ୍ରତିନିଧିଙ୍କୁ ଅନ୍ତର୍ଭୁକ୍ତ କରାଯିବ । ସେହିଭଳି କ୍ୟାବିନେଟ୍‌ରେ ଓଡ଼ିଶା ଲୋକସେବା ଆୟୋଗର ଅଧ୍ୟକ୍ଷ ପଦବୀରେ ଅରୁଣ ଷଡଙ୍ଗୀଙ୍କ ନିଯୁକ୍ତିକୁ ଅନୁମୋଦନ ମିଳିଛି । ଏତଦ୍‌ଭିନ୍ନ ଓଡ଼ିଶା ନୂତନ ବାୟୁ ସଂଯୋଗ ନୀତି ଘୋଷଣା କରାଯାଇଛି । ଏହି ଯୋଜନା ଅନୁଯାୟୀ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦର, ଝାରସୁଗୁଡା ବୀର ସୁରେନ୍ଦ୍ରସାଏ ବିମାନ ବନ୍ଦର, ଜୟପୁର-ରାଉରକେଲା ଓ ଉତ୍କେଲାର ଛୋଟ ବିମାନ ବନ୍ଦରଗୁଡିକରେ ନୂତନ ଘରୋଇ ଓ ଆନ୍ତର୍ଜାତିକ ବାୟୁ ମାର୍ଗ ଆରମ୍ଭ କରିବାକୁ ଉତ୍ସାହିତ କରାଯିବ । ବିମାନ ସଂସ୍ଥାଗୁଡିକ ନୂତନ ନିର୍ଦ୍ଧାରିତ ସେବା ଆରମ୍ଭ କରୁଥିବା ଯୋଗ୍ୟତା ଗ୍ୟାପ୍ ଫଣ୍ଡିଂ ପାଇବେ । ଘରୋଇ ମାର୍ଗ ପାଇଁ ପ୍ରତି ରାଉଣ୍ଡ ଟ୍ରିପ୍‌ରେ ୫ ଲକ୍ଷ ଟଙ୍କା ଓ ଆନ୍ତର୍ଜାତୀୟ ମାର୍ଗ ଲାଗି ୧୦ ଲକ୍ଷ ଟଙ୍କା ମିଳିବ । (୯ ପୃଷ୍ଠାରେ)

## ପୋଖରୀରେ ବୁଡ଼ିଗଲେ ମା' ସହ ୨ ଶିଶୁ

କେନ୍ଦୁଝର/ଢେଙ୍କିକୋଟ, ୨୩।୧୦ (ସ୍ୱପ୍ର/ସବ୍ୟୁ) : ବୁଧବାର ପୂର୍ବାହ୍ନ ୯ଟାରେ କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ବଡ଼ ମସିଣାବିଲା ପଞ୍ଚାୟତ ପାଣୁପସି ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା ।ଗାଧୋଇବାକୁ ଯାଇ ପୋଖରିରେ ବୁଡ଼ିଗଲେ ମାଆ ସହ ଦୁଇ ଶିଶୁ। ତିନି ମୃତକ ୩ଜଣ ହେଲେ କାମିନୀ ମହାକୁଡ଼, ଓମ୍ ପ୍ରକାଶ ମହାକୁଡ଼ ଓ ସୁନୀତା ମହାକୁଡ଼। ଏମାନେ ମା ଓ ପୁଅ ଝିଅ। ଘଟଗାଁ ଥାନା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ପାଣୁପଶି ଗାଁର ପବନା ମହାକୁଡ଼ଙ୍କ ପତ୍ନୀ କାମିନୀ ବୁଧବାର ପୂର୍ବାହ୍ନ ୯ଟାରେ ରେ ଦୁଇ ପୁଅ ଓ ଝିଅଙ୍କୁ ଧରି ଗାଧୋଇବା ପାଇଁ ପୋଖରୀକୁ ଯାଇଥିଲେ। ପୋଖରୀ ତୁଠରେ କାମିନୀ ଲୁଗା ସଫା କରୁଥିଲେ। ଠିକ୍ ସେତିକି ବେଳେ ୨ ଭାଇ ଓ ଝିଅ ପୋଖରୀ ତୁଠରେ ଅଳ୍ପ ପାଣିରେ ଗାଧୋଇବା ବାହାନାରେ ଖେଳୁଥିଲେ। ତେବେ ଖେଳ ଭିତରେ କେତେବେଳେ କେମିତି କାମିନୀଙ୍କ ୭ ବର୍ଷର ପୁଅ ମିଥୁନ ଓ ୫ ବର୍ଷର ଝିଅ ସୁନୁକା ପୋଖରୀ ଭିତରକୁ ଚାଲି ଯାଇଥିଲେ। ଆଉ ବାହାରି ପାରିଲେ ନାହିଁ।ଗଭୀର ପାଣିରେ ଦୁଇ ପିଲା ବୁଡି ଯାଉଥିବା ଦେଖି ମାଆ କାମିନୀ ଉଦ୍ଧାର କରିବା ପାଇଁ ଯାଇଥିଲେ। ହେଲେ ଦୁଇ ଛୁଆଙ୍କୁ ଉଦ୍ଧାର କରିବେ କ'ଣ ସେ ଗଭୀର ପୋଖରୀରେ ବୁଡ଼ି ଯାଉଥିଲେ। ମାଆ ଓ ଦୁଇ ଭାଇ ଭଉଣୀ ପାଣିରେ ବୁଡି ଯାଉଥିବା ଦେଖି ପୋଖରୀ ତୁଠରେ ଖେଳୁଥିବା ଅନ୍ୟ ଜଣେ ପୁଅ ଉଦ୍ଧାର କରିବା ପାଇଁ ଚିତ୍କାର କରିଥିଲେ। ହେଲେ ସେତେବେଳେ ସେଠାରେ କେହି ନଥିଲେ। ସେ ଘରକୁ ଆସି ଜେଜେ ମାଆଙ୍କୁ ସବୁ କଥା କହିଲା ପରେ ଗାଁ ଲୋକେ (୯ ପୃଷ୍ଠାରେ)

### ଏସ୍‌ସିବିରେ ହୃତପିଣ୍ଡ ପ୍ରତିରୋପଣ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷର

## ଐତିହାସିକ ପଦକ୍ଷେପ ଯୋଗୁଁ ଉପକୃତ ହେବେ ରାଜ୍ୟବାସୀ : ମନ୍ତ୍ରୀ

ଭୁବନେଶ୍ୱର, ୨୩।୧୦ (ସବ୍ୟୁ) : ଆଜି ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ି ହୋଇଛି । ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ପ୍ରତିରୋପଣ ଆରମ୍ଭ କରିବା ପାଇଁ ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଏବଂ ଚେନ୍ନାଇସ୍ଥିତ ଏଏମ୍‌ଜିଏମ୍ ହେଲଥ୍‌କେୟାର ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ଲୋକସେବା ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷଠାରେ ସ୍ୱାକ୍ଷରିତ ହୋଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ



ମାଝୀଙ୍କ ନେତୃତ୍ୱାଧୀନ ଲୋକହିତୈଷୀ ସରକାର ଓଡ଼ିଶାବାସୀଙ୍କୁ ଗୁଣାତ୍ମକ ଓ ସୁଲଭ ଚିକିତ୍ସାସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ । ଆଜିର ବୁଝାମଣାପତ୍ର ତା'ର ଏକ ଜ୍ୱଳନ୍ତ ଉଦାହରଣ । ଏହି ଐତିହାସିକ ପଦକ୍ଷେପ ଦ୍ୱାରା ଓଡ଼ିଶାବାସୀ, ବିଶେଷ କରି ଗରିବ ରୋଗୀମାନେ ଉପକୃତ ହେବେ ବୋଲି ମନ୍ତ୍ରୀ ଡ. ମହାଲିଙ୍ଗ ଉଲ୍ଲେଖ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଅଦ୍ୟାବଧି ବୃକକ୍, ଅସ୍ଥିମଜ୍ଜା ଓ ଯକୃତ ପ୍ରତିରୋପଣ ହେବା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ଥିବାରୁ ଏମ୍ଜିଏମ୍ ହେଲଥ୍ କେୟାର ଏସ୍‌ସିବିରେ ହୃତପିଣ୍ଡ ପ୍ରତିରୋପଣ କରିବା ପାଇଁ ସମ୍ମତି ପ୍ରକାଶ କରିଛି । ଏସ୍‌ସିବିରେ ପ୍ରଥମ ଦଶଜଣଙ୍କ ହୃତପିଣ୍ଡ ପ୍ରତିରୋପଣ ସଂପୂର୍ଣ୍ଣ ମାଗଣାରେ କରାଯିବ । ଏହା ମଧ୍ୟରେ ଏମ୍ଜିଏମ୍ ହେଲଥ୍ କେୟାର ଓଡ଼ିଶାର ଦୁଇଟି ଡାକ୍ତରୀ ଦଳକୁ ବିନାଦେୟରେ ତାଲିମ ଦେଇଛି । ପ୍ରଥମେ ଏସ୍‌ସିବିରେ ଏମ୍‌ଜିଏମ୍ ହେଲଥ୍ କେୟାରର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୃତପିଣ୍ଡ ପ୍ରତିରୋପଣ କରାଯିବ । ଏସ୍‌ସିବିର ଡାକ୍ତରମାନେ ଏହି କାର୍ଯ୍ୟରେ ପାରଙ୍ଗମ ହେଲା ପରେ ନିଜ ଦଳ ନେଇ ହୃତପିଣ୍ଡ (୯ ପୃଷ୍ଠାରେ)

### ଭୋଟ୍ ରାଜନୀତିକୁ ଓହ୍ଲାଇଲେ ପ୍ରିୟଙ୍କା

## ୱାୟନାଡରୁ ନାମାଙ୍କନପତ୍ର ଦାଖଲ



ନୂଆଦିଲ୍ଲୀ, ୨୩।୧୦ : କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧି ଭୋଟ୍ ରାଜନୀତିରେ ପ୍ରବେଶ କରିଛନ୍ତି । ପ୍ରଥମଥର ଲାଗି କେରଳର ୱାୟନାଡ ଲୋକସଭା ଆସନରୁ ସେ ଆଜି ତାଙ୍କ ନାମାଙ୍କନପତ୍ର ଦାଖଲ କରିଛନ୍ତି । ନାମାଙ୍କନ ଦାଖଲ ପୂର୍ବରୁ ବିଶାଳ ଶୋଭାଯାତ୍ରାରେ ଯାଇ ଏକ ସଭାକୁ ସମ୍ବୋଧିତ କରିଥିଲେ । ସେଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି । ଆସନ୍ତା ୧୩ ତାରିକରେ ଭୋଟ୍ ଗ୍ରହଣ କରାଯିବ । ନାମାଙ୍କନ ଦାଖଲ ବେଳେ ସୋନିଆ ଗାନ୍ଧି, ରାହୁଲ ଗାନ୍ଧି, ମଲ୍ଲିକାର୍ଜୁନେ ଖଡ଼୍‌ଗେଙ୍କ ସମେତ କଂଗ୍ରେସର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ । ପ୍ରିୟଙ୍କା ଗାନ୍ଧି ଜିତିଲେ ପ୍ରଥମ ଥର ଲୋକସଭାକୁ ପ୍ରବେଶ କରିବେ । (୯ ପୃଷ୍ଠାରେ)

## ସୋସିଆଲ କୋଟ୍ସ



ଆଶା ଅଛି ମୋ ଚରିତ୍ର ଓ କାମ ସମସ୍ତଙ୍କୁ ପସନ୍ଦ ଆସିବ । ଏହି ଚରିତ୍ରରେ ଅଭିନୟ କରି ମୁଁ ଖୁବ ଖୁସି । ଲୋକଙ୍କୁ ଏହା ୟୁନିକ୍ ଲାଗିବ ବୋଲି ଆଶା ।

ୟଶ୍, ଅଭିନେତା



ମୁଁ ବି କ୍ୟାରିୟରରେ ଆର୍ଥିକ ସମସ୍ୟାର ସାମନା କରିଛି । ଏଭଳି ପରିସ୍ଥିତି ବି ଥିଲା କି ଘର ଓ ଅଫିସ୍ ବିକ୍ରି ପାଇଁ ଯୋଜନା କରିଥିଲି । ସେହି ସମୟରେ ମୋର କାର ମଧ୍ୟ ଚୋରି ହୋଇଯାଇଥିଲା ।

ଅନୁପମ ଖେର, ଅଭିନେତା



ସଲମାନ ଭାଇ ଆପଣ ଚିନ୍ତା କରନ୍ତୁ ନାହିଁ । ଏଭଳି ଖରାପ ପରିସ୍ଥିତିରେ ଆମେ ସମସ୍ତେ ତୁମ ସହିତ ଅଛୁ ।

ମିକା ସିଂ, ସିଙ୍ଗର

## ଇତିହାସ ପୃଷ୍ଠାରୁ

୧୭୭୫ – ଭାରତର ଶେଷ ମୋଗଲ ଶାସକ ବାହାଦୂର ଶାହ ଜଫରଙ୍କ ଜନ୍ମ ।

୧୮୫୧ – କୋଲକାତା ଓ ଡାଇମଣ୍ଡ ହାର୍ବର ମଧ୍ୟରେ ପ୍ରଥମ ଅଧିକାରୀକ ଟେଲିଗ୍ରାଫ୍ ଲାଇନ୍‌ର ଆରମ୍ଭ ହୋଇଥିଲା ।

୧୯୧୪ – ମହାନ ସ୍ୱତନ୍ତ୍ରତା ସେନାନୀ ଲକ୍ଷ୍ମୀ ସେହଗଲଙ୍କର ଜନ୍ମ ।

୧୯୨୧ – ଦେଶର ସମ୍ମାନିତ କାର୍ଟୁନିଷ୍ଟ ଆର୍.କେ ଲକ୍ଷ୍ମଣଙ୍କ ଜନ୍ମ ।

୧୯୪୫ – ସଂଯୁକ୍ତ ରାଷ୍ଟ୍ରର ସ୍ଥାପନା ।

୧୯୮୪ – ଭାରତରେ ପ୍ରଥମ ମେଟ୍ରୋ ରେଳ ସେବାର ଆରମ୍ଭ ।

୧୯୯୭ – କେରଳରେ ଶିକ୍ଷା ଅନୁଷ୍ଠାନ ଗୁଡ଼ିକରେ ର୍ୟାଗିଂ ଉପରେ ରୋକ ଲଗାଯାଇଥିଲା ।

୨୦୦୩ – ବ୍ରିଟେନ୍‌ରେ ସୁପରସୋନିକ୍ ଯାତ୍ରୀ ବିମାନକୁ ବିଦାୟ ଦିଆଗଲା ।



# ପର୍ବପର୍ବାଣୀର ମିଠା କ୍ରେଭିଂ

**ବର୍ତ୍ତମାନ ପାର୍ବଣର ଋତୁ ଚାଲିଛି, ତେଣୁ ଖାଦ୍ୟପେୟରେ ବିଭିନ୍ନ ଅସମାନତା ଦେଖିବାକୁ ମିଳୁଛି । ତେବେ ପର୍ବପର୍ବାଣୀରେ ମିଠା ଖାଇବା ଅନିବାର୍ଯ୍ୟ ହୋଇଥାଏ । ତେବେ ଯଦି ଆପଣ ଏହି ସମୟରେ ଅଧିକ ମିଠା ଖାଉଛନ୍ତି, ତାହେଲେ ଆପଣଙ୍କ ଶରୀର ଏହାର ଲକ୍ଷଣ ଦେଖାଇଥାଏ । ଏହି ଲକ୍ଷଣକୁ ଅଣଦେଖା ନକରି ଏହାର ଚିକିତ୍ସା କରିବାର ଆବଶ୍ୟକତା ରହିଛି । ଆସନ୍ତୁ ଜାଣିବା ସେହିଭଳି କିଛି ଲକ୍ଷଣ ବିଷୟରେ ।**

**ମିଠା ପାଇଁ କ୍ରେଭିଂ–** ଯଦି ଏହି ସମୟରେ ଲଗାତାର ଆପଣଙ୍କ ଇଚ୍ଛା ମିଠା ଖାଇବା ପାଇଁ ହେଉଛି ତେବେ ଆପଣ ଅଧିକ ମିଠା ଖାଉଛନ୍ତି । ଏହା ଅଧିକ ମିଠା ଖାଇବାର ଏକ ପ୍ରକାର ଲକ୍ଷଣ ହୋଇଥାଏ । ମିଠାର ପରିମାଣ ଶରୀରରେ ଅଧିକ ହେବା ଫଳରେ ଆମକୁ ମିଠାର କ୍ରେଭିଂ ଅଧିକ ହୋଇଥାଏ ।

**ଓଜନ ବଢ଼ିବା–** ସବୁବେଳେ ବିଭିନ୍ନ ପର୍ବ ପର୍ବାଣୀ ସରିବା ପରେ ନିଜ ଓଜନ ଦେଖନ୍ତୁ,



ଯଦି ଏହା ବଢ଼ିଛି ତେବେ ଆପଣ ଅଧିକ ମିଠା ଖାଉଛନ୍ତି । ତେଣୁ ଶରୀରକୁ ଡିଟକ୍ସିଫିକେସନ୍‌ର ଆବଶ୍ୟକତା ରହିଛି । ମିଠାରେ ପୋଷଣର ମାତ୍ରା କମ ଥାଏ କିନ୍ତୁ କ୍ୟାଲୋରୀ ଖୁବ ଅଧିକ ଥାଏ ଯାହା ଆମର ଓଜନ ବଢ଼ାଇଥାଏ ।

**ଫଟିଗୋ–** ସେହିଭଳି ଅଧିକ ମିଠା ଖାଇବା ଫଳରେ କିଛି ଲୋକଙ୍କ କ୍ଷେତ୍ରରେ ଫଟିଗୋ ସମସ୍ୟା ଦେଖିବାକୁ ମିଳିଥାଏ । ମିଠା ଖାଇବା ପରେ ତୁରନ୍ତ ଆପଣଙ୍କୁ ଏନର୍ଜି ମିଳିଥାଏ ହେଲେ କିଛି ସମୟ ପରେ ଆପଣଙ୍କ ଦୁର୍ବଳ ଅନୁଭବ ହୋଇଥାଏ । ଏହା ଆମ ଶରୀର ପାଇଁ ଖରାପ ହୋଇଥାଏ, ଏହା ଫଟିଗୋର କାରଣ ହୋଇଥାଏ ।

**ଚର୍ମ ସମସ୍ୟା–** ଅଧିକ ମିଠା ଖାଇଲେ କେବଳ ଯେ ଓଜନ ବଢ଼ିଥାଏ ଏପରି ନୁହେଁ । ଅଧିକ ମିଠା ଖାଇଲେ ବିଭିନ୍ନ ଚର୍ମ ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ । ବ୍ରଣର ମୁଖ୍ୟ କାରଣ ମିଠା ହୋଇଥାଏ । ସେହିଭଳି ଅନ୍ୟ ଚର୍ମ ସମସ୍ୟା ମଧ୍ୟ ଦେଖିବାକୁ ମିଳିଥାଏ ।

# ଦୀପାବଳି ଉପହାରକୁ ନେଇ ଚର୍ଚ୍ଚାରେ

ଦୀପାବଳିକରେ ବିଭିନ୍ନ କମ୍ପାନୀ ବୋନୋସ କିମ୍ବା ଉପହାର ପ୍ରଦାନ କରିଥାଆନ୍ତି । ତେବେ ବର୍ତ୍ତମାନ ନିଜର ଉପହାରକୁ ନେଇ ହରିୟାଣା ପଞ୍ଚକୁଲାର ଏକ କମ୍ପାନୀ ଖୁବ ଚର୍ଚ୍ଚାରେ ରହିଛି । ଏହି ଫାର୍ମା କମ୍ପାନୀଟି ନିଜର କର୍ମଚାରୀଙ୍କୁ ୧୫ଟି କାର ପ୍ରଦାନ କରିଛି । ଏହି କାର ଗୁଡ଼ିକୁ ସେ ଦିପାବଳୀର ବୋନସ୍ ଭାବେ ପ୍ରଦାନ କରିଛି । ସେମାନଙ୍କର କମ୍ପାନୀରେ କାର୍ଯ୍ୟକୁ ଦେଖି ଏହି ଉପହାର ସେମାନଙ୍କୁ ଦିଆଯାଇଛି । ଘଟଣାଟି ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚା ସାଉଁଟୁଛି । ୟୁଜର୍ସ କମ୍ପାନୀର ଏଭଳି କାର୍ଯ୍ୟକୁ ଖୁବ ପ୍ରଶଂସା କରୁଛନ୍ତି । ନିଜ କର୍ମଚାରୀଙ୍କ କାମର ପ୍ରଶଂସା ଏଭଳି ଭାବେ ହେବାର ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି । ସେହିଭଳି କମ୍ପାନୀ ସବୁବେଳେ ନିଜ କର୍ମଚାରୀଙ୍କୁ ଏକ ପରିବାର ଭଳି ଦେଖେ ଏବଂ କମ୍ପାନୀର ସମସ୍ତ ଅଗ୍ରଗତିର ଶ୍ରେୟ କର୍ମଚାରୀଙ୍କୁ ଯାଇଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । କମ୍ପାନୀର ଏଭଳି ମନୋଭାବକୁ ସମସ୍ତେ ଖୁବ ପ୍ରଶଂସା କରିବାରେ ଲାଗିଛନ୍ତି ।



# ୟୁକେରେ ଝାଲ୍‌ମୁଢ଼ି



ଝାଲ୍‌ମୁଢ଼ି ଓଡ଼ିଶା ସହିତ କୋଲକାତା ଭଳି ବିଭିନ୍ନ ଭାରତୀୟ ରାଜ୍ୟରେ ବିକ୍ରି ହେଉଥିବାର ଦେଖିବାକୁ ମିଳିଥାଏ । ଏହା ଏକ ପପୁଲାର ଷ୍ଟ୍ରିଟ୍ ଫୁଡ୍ ଯାହାକୁ ଖାଇବାକୁ ସମସ୍ତେ ପସନ୍ଦ କରନ୍ତି । ଏହା ବେଶ୍ ସ୍ୱାଦିଷ୍ଟ ଏବଂ ପକେଟ୍ ଫ୍ରେଣ୍ଡଲି ହୋଇଥାଏ, ତେଣୁ ଏହାର କ୍ରେଜ ଅଧିକ ଦେଖିବାକୁ ମିଳିଥାଏ । ତେବେ ଏହି ଝାଲମୁଢ଼ି ବର୍ତ୍ତମାନ ପହଞ୍ଚିଛି ୟୁକେରେ । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି ୟୁକେରେ ଜଣେ ବ୍ୟକ୍ତି ଭାରତୀୟ ଝାଲ ମୁଢ଼ିକୁ ବିକ୍ରି କରୁଛନ୍ତି । ଜଣେ ଫୁଡ ବ୍ଲଗର ନିଜର ଫୁଡ୍ ବ୍ଲଗିଂ ସମୟରେ ଏହି ଝାଲମୁଢ଼ି ଏକ୍ସପ୍ରେସ୍‌କୁ ଦେଖିଥିଲେ ଏବଂ ଭିଡିଓ ପ୍ରସ୍ତୁତ କରିଥିଲେ । ଏହା ସୋସିଆଲ ମିଡିଆରେ ଅପଲୋଡ ହେବାପରେ ବେଶ୍ ଭାଇରାଲ ହେବାରେ ଲାଗିଛି । ବ୍ରିଟେନ୍‌ର ସେହି ଦୋକାନୀ ଜଣଙ୍କ ପୁରାପୁରି ଅଥେଣ୍ଟିକ୍ ଝାଲମୁଢ଼ି ବିକ୍ରି କରିବାକୁ ଚେଷ୍ଟା କରିଛନ୍ତି । ସେ ଏଥିରେ ମୁଢ଼ି ସହିତ ସମସ୍ତ ମସଲା, କାକୁଡ଼ି, ପିଆଜ ଓ ଲେମ୍ବୁ ରସ ପକାଇ କାଗଜର କୋନ୍‌ରେ ପରଷୁଛନ୍ତି ଝାଲମୁଢ଼ି । ଭିଡିଓଟି ସମସ୍ତ ଦେଶୀ ୟୁଜର୍ସଙ୍କୁ ଖୁବ ପସନ୍ଦ ଆସିଛି । ନିଜ ପାରମ୍ପରିକ ଖାଦ୍ୟର ବିଦେଶରେ ଆଗ୍ରହ ଦେଖି ସେମାନେ ଖୁସି ହୋଇଛନ୍ତି ।

# କାଶ୍ମୀର କାଜୁ ରାଜମା

**ସାମଗ୍ରୀ :** ଦେଢ କପ ରାଜମା, ୧ଟା ପିଆଜ, ୨ଟି କଞ୍ଚାଲଙ୍କା, ଅଧା କପ ଦହି, ଅଳ୍ପ ପରିମାଣ ହେଙ୍ଗୁ, ଅଳ୍ପ ପରିମାଣ ବେକିଙ୍ଗ ସୋଡା, ଏକ ଚାମଚ ଜୀରା, ଏକ ଚାମଚ ଅଦା ପାଉଡର, ଏକ ଚାମଚ ଅଦା ପେଷ୍ଟ, ଏକ ଚାମଚ କାଶ୍ମୀର ଚିଲି ପାଉଡର, ୨ ଚାମଚ କାଜୁ ବଟା, ଗରମ ମସଲା, ଧନିଆ ପାଉଡର ।

**ପ୍ରଣାଳୀ :** ପ୍ରଥମେ ରାଜମାକୁ ପ୍ରାୟ ୮ଘଣ୍ଟା ବତୁରାନ୍ତୁ । ଏହାପରେ ରାଜମାକୁ ସିଝାଇ ପାଣିରୁ ଛାଣି ରଖନ୍ତୁ । ଏହାପରେ ତେଲ ଗରମ କରନ୍ତୁ, ଏଥିରେ ହେଙ୍ଗୁ ଓ ଜୀରା ପକାନ୍ତୁ । ଏଥିରେ ପିଆଜ ଓ କଞ୍ଚାଲଙ୍କା ପକାଇ ଭାଜନ୍ତୁ । ପରେ ଅଦା ପେଷ୍ଟ, ଅଦା ପାଉଡର, ଦହି ପକାଇ ଗୋଳାନ୍ତୁ । ଧ୍ୟାନ ରଖନ୍ତୁ ଦହି ଯେପରି ନଷ୍ଟ ନହୁଏ । ତେବେ ମସଲା କଷି ହେବା ପରେ ଏଥିରେ ସବୁ ଗୁଣ୍ଡ ମସଲା, କାଜୁ ପେଷ୍ଟ ଓ ରାଜମା ପକାନ୍ତୁ । ଏହାପରେ ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ । ଗ୍ରେଭି ଟିକେ ଗାଢ଼ ହେବା ପରେ ଏଥିରେ ଗରମ ମସଲା ପକାଇ ବନ୍ଦ କରିଦିଅନ୍ତୁ । ଏହାକୁ ରୁଟି କିମ୍ବା ନାନ୍ ସହିତ ଖାଆନ୍ତୁ ବେଶ୍ ସ୍ୱାଦିଷ୍ଟ ହୋଇଥାଏ ।



## ହାଃ...ହାଃ...



ଚିଣ୍ଟୁ– ସାଙ୍ଗ ଗୋଟେ ଗଡବଡ ହୋଇଗଲା ।
ଗୋଲୁ–କ'ଣ ହେଲା ଭାଇ ?
ଚିଣ୍ଟୁ– ମୋର ଗୋଟେ ସାଙ୍ଗ ମୋତେ ସବୁବେଳେ କହୁଛି କିଛି ଅଲଗା କର । ଗୋଲୁ– ହଁ ତ ତୁ କ'ଣ କରିଦେଲୁ ।
ଚିଣ୍ଟୁ– ମୁଁ ତାକୁ ତା ଗାର୍ଲଫ୍ରେଣ୍ଡ୍ ଠାରୁ ଅଲଗା କରିଦେଲି, ଏବେ ମୋତେ ବନ୍ଧୁକ ନେଇ ଖୋଜୁଛି ସେ ।

# ପସନ୍ଦ ନୁହେଁ ସୋସିଆଲ ମିଡିଆ



ନିକଟରେ କାଜୋଲ ସୋସିଆଲ ମିଡିଆକୁ ନେଇ ନିଜର ମନ୍ତବ୍ୟ ରଖିଛନ୍ତି । ତାଙ୍କ ସମୟରେ ସୋସିଆଲ ନଥିବାରୁ ସେ ଖୁବ ଖୁସି ଥିବା ପ୍ରକାଶ କରିଛନ୍ତି । ସୋସିଆଲ ମିଡିଆରେ ଜୀବନ କେବେ ବି ରିଅଲ ହୋଇ ନଥାଏ । ଲୋକମାନେ ଏଠାରେ କେବଳ ଫଟୋ ଦେଖି ଜଜ୍ କରନ୍ତି, କିନ୍ତୁ ସେହି ଫଟୋ ପଛରେ ଲାଗିଥିବା ପରିଶ୍ରମକୁ କେହି ଦେଖନ୍ତି ନାହିଁ । ଗୋଟିଏ ଇଭେଣ୍ଟକୁ ଯିବା ଆଗରୁ କୌଣସି ବି ଆର୍ଟିଷ୍ଟ ହୁଅନ୍ତୁ ଖୁବ ଅଧିକ ପରିଶ୍ରମ କରିଥାଆନ୍ତି । କିଏ ସକାଳ ୫ଟାରୁ ଉଠି ପ୍ରସ୍ତୁତ ହେଉଥିବାବେଳେ କିଏ ନିଜ ଡ୍ରେସ ପାଇଁ ସାରା ରାତି ଅନିଦ୍ରା ରହିଥାଏ । ହେଲେ ଏହି ପରିଶ୍ରମକୁ ସମସ୍ତେ ଅଣଦେଖା କରି କେବଳ ରେଡ କାର୍ପେଟ ବିଷୟରେ ଚର୍ଚ୍ଚା କରନ୍ତି । ଯଦି ରେଡ କାର୍ପେଟର ଲୁକ ଖରାପ ହୁଏ ତେବେ ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଥାଏ । ଏହି ପ୍ରକ୍ରିୟା ବର୍ତ୍ତମାନ ସୋସିଆଲ ମିଡିଆରେ ବେଶି ହେଉଛି । ଲୋକମାନେ ଗୋଟିଏ ଫଟୋକୁ ଦେଖି ଖୁବ ସହଜରେ ଜଜ୍ କରି ଦେଉଛନ୍ତି, ଯାହା ତାଙ୍କୁ ଖୁବ କଷ୍ଟ ଦେଉଛି । ତେଣୁ ତାଙ୍କ ସମୟ ଖୁବ ଭଲ ଥିଲା ତାଙ୍କୁ ନିଜର କାମ ପାଇଁ ଟ୍ରୋଲିଂ ନୁହେଁ ବରଂ ସମ୍ମାନ ମିଳୁଥିଲା ।

# ଆଲାରାମ୍ ବଢ଼ାଇପାରେ ବିପି !



ସକାଳୁ ଜଲଦି ଉଠିବାକୁ ହେଲେ ସାଧାରଣତଃ ସମସ୍ତେ ଆଲାରାମ ଦେଇଥାଆନ୍ତି । ହେଲେ ବର୍ତ୍ତମାନର ଏକ ସଦ୍ୟତମ ରିପୋର୍ଟ ଅନୁସାରେ ଆଲାରାମ୍ ଦେଇ ଉଠିବା ଫଳରେ ଆମର ରକ୍ତଚାପ ବଢ଼ିଥାଏ । ସ୍ୱାସ୍ଥ୍ୟବୈଜ୍ଞାନିକଙ୍କ ମତରେ ଆଲାରାମ୍ ବାଜି ନିଦରୁ ଉଠିବା ଫଳରେ ଆମର ବିପି ୭୪ ପ୍ରତିଶତ ବଢ଼ିବାର ଆଶଙ୍କା ରହିଛି । ଯେଉଁମାନେ ପ୍ରାକୃତିକ ଉପାୟରେ ମନକୁ ମନ ଉଠିଥାଆନ୍ତି ସେମାନଙ୍କ ନିକଟର ଏହାର ଆଶଙ୍କା ଖୁବ କମ ରହିଥାଏ । ସେହିଭଳି ଯେଉଁମାନେ ସାତ ଘଣ୍ଟାରୁ କମ ଶୋଇଥାଆନ୍ତି ସେମାନଙ୍କର ମଧ୍ୟ ରକ୍ତଚାପ ସମସ୍ୟା ଦେଖାଯିବାର ସମ୍ଭାବନା ରହିଛି । ଆଲାରାମ୍ ବାଜିବା ଦ୍ୱାରା ଜଣେ ବ୍ୟକ୍ତି ହଠାତ୍ ଗଭୀର ନିଦରୁ ଉଠିଥାଏ, ଯାହା ଆମ ଶରୀର ପାଇଁ କ୍ଷତିକାରକ ହୋଇଥାଏ । ଏହି କାରଣରୁ ଆମର ସ୍ଲିପ୍ ଇନର୍‌ସିଆ ହେବାର ଆଶଙ୍କା ରହିଛି । ହଠାତ୍ ନିଦରୁ ଉଠିଲେ ଆମର ବେଳେବେଳେ ମୁଣ୍ଡ ବିନ୍ଧା ହୋଇଥାଏ କିମ୍ବା ବୁଲାଇଥାଏ ଯାହାକୁ ସ୍ଲିପ୍ ଇନରସିଆ କୁହାଯାଇଥାଏ । ଯାହା ଆମ ଶରୀର ପାଇଁ ଖୁବ କ୍ଷତିକାରକ ହୋଇଥାଏ । କେବଳ ବିପି ନୁହେଁ ଆଲାରାମ ବାଜି ଉଠିବା ଫଳରେ ଆମର ଷ୍ଟ୍ରେସ୍ ଲେବଲ ମଧ୍ୟ ବଢ଼ିଥାଏ ।






ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ବାତ୍ୟା ମୁକାବିଲାର ସମୀକ୍ଷା କରୁଛନ୍ତି ।



ମୁଖ୍ୟମନ୍ତ୍ରୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଟେଲାଇଟ୍ ଟେଲିଫୋନର କାର୍ଯ୍ୟକାରିତା ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି ।

## ବାତ୍ୟାକୁ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ସମୀକ୍ଷା

ଭୁବନେଶ୍ୱର,(ସବ୍ୟୁ): ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ା. କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ଖାରବେଳ ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିବାବେଳେ ବାତ୍ୟାଦ୍ୱାରା ପ୍ରଭାବିତ ହେବା ଆଶଙ୍କା ଥିବା ବିଭିନ୍ନ ଜିଲ୍ଲା ତଥା ମହାନଗର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳର ଉଚ୍ଚପଦସ୍ଥ ଅଧିକାରୀ ମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ବାତ୍ୟା ସମୟରେ ଏବଂ ପରବର୍ତ୍ତୀ ଅବସ୍ଥାରେ ତ୍ୱରିତ ସେବା ପ୍ରଦାନ ଉପରେ ମନ୍ତ୍ରୀ ଡ଼ା.ମହାପାତ୍ର ଗୁରୁତ୍ୱ ଦେଇଥିଲେ । ତଳିଆ ଅଞ୍ଚଳ ଓ କଚ୍ଚାଘରେ ରହୁଥିବା ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳୀ ଓ ପକ୍କାଘର ଭଳି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପ୍ରକ୍ରିୟା ଆଜି ସନ୍ଧ୍ୟା ସୁଦ୍ଧା ଶେଷ କରିବାକୁ ଅଧିକାରୀ ମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ଆସନ୍ନ ପ୍ରସବା, ପ୍ରସୂତି ମା ଓ ଶିଶୁ, ଭିନ୍ନକ୍ଷମ ଏବଂ ନିରାଶ୍ରୟ ବ୍ୟକ୍ତିଙ୍କୁ ବାତ୍ୟା ସମୟରେ ସୁରକ୍ଷିତ ଆଶ୍ରୟ ପ୍ରଦାନ କରିବା ଉପରେ ମନ୍ତ୍ରୀ ଡ଼ା. ମହାପାତ୍ର ଗୁରୁତ୍ୱାରୋପ କରିଥିଲେ । ବୈଠକ ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ସେହିଭଳି ଆଶ୍ରୟସ୍ଥଳୀ ଗୁଡିକରେ ଚୁଡା, ଗୁଡ଼ ଭଳି ଶୁଖିଲା ଖାଦ୍ୟ ମହଜୁଦ ରଖିବା, ଦୁଇବେଳା ରନ୍ଧା ଖାଦ୍ୟ ପ୍ରଦାନ, ପଶୁଖାଦ୍ୟ, ଔଷଧ, ପାନୀୟଜଳ ଓ ଆଲୋକୀକରଣ ପାଇଁ ଡିଜି ବ୍ୟବସ୍ଥା କରାଯାଇଥିବା ନେଇ ମନ୍ତ୍ରୀଙ୍କୁ ସେ ସୂଚନା ଦେଇଥିଲେ । ବାତ୍ୟାଜନିତ ବର୍ଷା ଜଳ ନିଷ୍କାସନ ଓ ନିରବଚ୍ଛିନ୍ନ ଜଳଯୋଗାଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ମଧ୍ୟ ଅଧିକାରୀ ମାନଙ୍କୁ ଶ୍ରୀମତୀ ପାଢ଼ୀ କହିଥିଲେ । ବାତ୍ୟା ପରବର୍ତ୍ତୀ ଯୋଗାଯୋଗ, ପରିମଳ ବ୍ୟବସ୍ଥା ଭଳି ଆବଶ୍ୟକୀୟ ସେବା ତ୍ୱରାନ୍ୱିତ କରିବାକୁ ସେ କହିଥିଲେ । ଉକ୍ତ ବୈଠକରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ରାଜେଶ ପ୍ରଭାକର ପାଟିଲ, ପୌର ନିର୍ଦ୍ଦେଶକ ଦେବାଶିଷ ସିଂ, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଷ୍ଟମ, ନବମ, ଦଶମ ଶ୍ରେଣୀର ଅର୍ଦ୍ଧବାର୍ଷିକ ପରୀକ୍ଷା ୨୮ରୁ

କଟକ, (ସବ୍ୟୁ) ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ନିମନ୍ତେ ଚଳିତ ବର୍ଷ ଅକ୍ଟୋବର ମାସ ୨୪ ତାରିଖରେ ହେବାକୁ ଥିବା ଅର୍ଦ୍ଧବାର୍ଷିକ ପରୀକ୍ଷାକୁ ସମ୍ଭାବ୍ୟ ବାତ୍ୟା ଓ ପାଗର ପ୍ରତିକୂଳତାକୁ ଦୃଷ୍ଟିରେ ରଖି ଅକ୍ଟୋବର ୨୮ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତି ମାଧ୍ୟମରେ ଜଣାଇଛନ୍ତି । ଚଳିତ ବର୍ଷ ସମଗ୍ର ରାଜ୍ୟରେ ଓଷ୍ଟା ତରଫରୁ ନବମ ଓ ଦଶମ ଶ୍ରେଣୀ ପାଇଁ ଅର୍ଦ୍ଧ ବାର୍ଷିକ ପରୀକ୍ଷାର ପ୍ରଶ୍ନପତ୍ର ବୋର୍ଡ଼ ନିର୍ଦ୍ଧାରିତ ମୂଲ୍ୟାୟନ ପଦ୍ଧତିରେ ପ୍ରସ୍ତୁତ କରାଯାଇ ପ୍ରଶ୍ନପତ୍ର ବିତରଣ କେନ୍ଦ୍ରକୁ ପଠାଇ ଦିଆଯାଇଛି । ଅଷ୍ଟମ, ନବମ ଓ ଦଶମର ଏହି ଅର୍ଦ୍ଧବାର୍ଷିକ ପରୀକ୍ଷା ଅକ୍ଟୋବର ୨୮ ତାରିଖରୁ ଆରମ୍ଭ ହୋଇ ନଭେମ୍ବର ୪ ତାରିଖରେ ଶେଷ ହେବ । ପ୍ରତ୍ୟହ ଦୁଇଟି ସିଟିଙ୍ଗ୍‌ରେ (ପ୍ରଥମ ସିଟିଙ୍ଗ୍ ପୂର୍ବାହ୍ନ ଘ୧୦.୩୦ମି. ରୁ ଘ.୧.୦୦ମି., ଦ୍ୱିତୀୟ ସିଟିଙ୍ଗ୍ ଅପରାହ୍ନ ଘ୧.୩୦ମି. ରୁ ଘ.୪.୦୦ମି.) ପରୀକ୍ଷା କରାଯିବ । ଏହି ପରୀକ୍ଷାରେ ପ୍ରଶ୍ନପତ୍ର ପୂର୍ବବର୍ଷ ପରି ବୁକଲେଟ୍ ଆକାରରେ ଯୋଗାଇ ଦିଆଯାଇଛି, ଯେଉଁଥିରେ ଛାତ୍ରଛାତ୍ରୀମାନେ ଉତ୍ତର ଲେଖିବେ । ନବମ ଓ ଦଶମ ଶ୍ରେଣୀ ନିମନ୍ତେ ପ୍ରଥମ ୧ ଘଣ୍ଟା ଓଏମଆର ଆନସର୍ ସିଟ ମାଧ୍ୟମରେ (କେବଳ ଗଣିତ ୧ଘଣ୍ଟା ୧୫ ମିନିଟ୍) ଏବଂ ପରବର୍ତ୍ତୀ ୧ ଘଣ୍ଟା ୩୦ ମିନିଟ୍ ସବ୍ଜେକ୍ଟିଭ ପରୀକ୍ଷା କରାଯିବ । ପ୍ରତ୍ୟେକ ଶ୍ରେଣୀପାଇଁ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ମାଧ୍ୟମିକ ଶିକ୍ଷାପରିଷଦର ସିଲାବସ୍ ଅନୁଯାୟୀ ପାଯାଇଥିବା ପାଠ୍ୟକ୍ରମରୁ ପ୍ରଶ୍ନ ଆସିବ । ଚଳିତ ବର୍ଷ ହିନ୍ଦୀ ଓ ସଂସ୍କୃତର ପ୍ରଶ୍ନପତ୍ର ଗୋଟିଏ ବୁକଲେଟ ରେ ରହିଛି । ଓଷ୍ଟା ପକ୍ଷରୁ ପରୀକ୍ଷାର ପ୍ରଶ୍ନ ପ୍ୟାକେଟ୍ ଓ ତା'ର ମୂଲ୍ୟ ବାବଦ ରସିଦ୍ ସଂପୃକ୍ତ ପ୍ରଶ୍ନପତ୍ର ବିତରଣ କେନ୍ଦ୍ରକୁ ପଠାଇ ଦିଆଯାଇଛି । ସଂଶୋଧିତ କାର୍ଯ୍ୟସୂଚୀ ମଧ୍ୟ ଓଷ୍ଟା ୱେବସାଇଟ୍ ଓ ହ୍ୱାଟ୍ସଆପ୍ ଦ୍ୱାରା ଜଣାଇ ଦିଆଯାଇଛି ବୋଲି ଶ୍ରୀ ଦାଶ ଜଣାଇଛନ୍ତି ।

## ଦକ୍ଷତା ବିକାଶ ଆୟୋଗ ଏବଂ କର୍ମଯୋଗୀ ଭାରତ ମଧ୍ୟରେ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ




ଭୁବନେଶ୍ୱରତା,(ସବ୍ୟୁ): ସରକାରୀ କର୍ମଚାରୀଙ୍କ ପ୍ରଶିକ୍ଷଣ ଓ ଦକ୍ଷତା ବୃଦ୍ଧିଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାର, ଭାରତ ସରକାରଙ୍କ ଦକ୍ଷତା ବିକାଶ ଆୟୋଗ (ସିବିସି) ଏବଂ କର୍ମଯୋଗୀ ଭାରତ ମଧ୍ୟରେ ଆଜି ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱର ଲୋକସେବା ଭବନ ସ୍ଥିତ ୨ୟ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । ଏହି ତ୍ରୈପାକ୍ଷିକ ଚୁକ୍ତିନାମା ଓଡ଼ିଶାରେ ବିଶେଷକରି ସିଭିଲସର୍ଭିସ ସେବାରେ ନିଯୁକ୍ତି ପାଉଥିବା ସରକାରୀ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି । ଓଡ଼ିଶା ସରକାରଙ୍କ ତରଫରୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହାନିର୍ଦ୍ଦେଶକ ଜି. ମାଥିଭାଥାନନ୍ , ସିବିସିରସଚିବ ତଥା 'କର୍ମଯୋଗୀ ଭାରତ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଭି.ଲଳିତା ଲକ୍ଷ୍ମୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୁଖ୍ୟ ଶାସନ ସଚିବ, ଓଡ଼ିଶା ମନୋଜ ଆହୁଜା,ଦକ୍ଷତାବିକାଶ ଆୟୋଗର ମାନବ ସମ୍ବଳ ସଦସ୍ୟ ଡ. ଆର୍ବାଲ ସୁବ୍ରମଣ୍ୟମ ପ୍ରମୁଖଙ୍କ ଯୋଗଦେଇଥିଲେ । ଏହି ଅବସରରେ ଆଇଜିଓଟି ପ୍ଲାଟଫର୍ମ ମାଧ୍ୟମରେ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶର ଡିଜିଟାଲ ରୂପାନ୍ତର ଉପରେ ଏକକର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି ପ୍ରଶିକ୍ଷଣ ଢାଞ୍ଚା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଦକ୍ଷତା ପରିଚାଳନାକୁ ସମର୍ଥନ କରୁଛି । ଆଇଜିଓଟି ପ୍ଲାଟଫର୍ମରେ ଶିକ୍ଷଣ ସମ୍ବଳ ଚିହ୍ନଟ ଏବଂ ପ୍ରକାଶନ ବିଷୟବସ୍ତୁ ବିକାଶକାରୀଙ୍କୁ ଚିହ୍ନଟ କରିବାରେ ରାଜ୍ୟକୁ ସହାୟତା କରିବା ସଙ୍ଗେ ସଙ୍ଗେ ଦକ୍ଷତା ବିକାଶ ପାଇଁ ରାଜ୍ୟ ଏବଂ କେନ୍ଦ୍ରସରକାରଙ୍କ ମଧ୍ୟରେ ଗତିଶୀଳ ସହଯୋଗକୁ ପ୍ରୋତ୍ସାହିତ କରିବା। ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗ ଓକର୍ମଚାରୀଙ୍କୁ ଆଇଜିଓଟି ପ୍ଲାଟଫର୍ମକୁ ଆଣିବା ଏବଂ ରାଜ୍ୟସରକାରୀ କର୍ମଚାରୀଙ୍କ ପାଇଁ ଏକଦକ୍ଷତା ପାସ୍‌ବୁକ୍ କରିବାରେ ଏହା ସହାୟକ ହେବ । ଏହି ବ୍ୟବସ୍ଥାରେ ରହିଥିବା ବିଭିନ୍ନ ପ୍ରଶିକ୍ଷଣ ପଦ୍ଧତିର ଢାଞ୍ଚା କିପରି ପ୍ରଶିକ୍ଷାର୍ଥୀଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ତାଙ୍କ ବକ୍ତବ୍ୟରେ ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ସହ ୨୦୪୭ ସୁଦ୍ଧାବିକଶିତ ଭାରତ ଗଠନର ସ୍ୱପ୍ନକୁ ସାକାର କରିବାରେ ଓଡ଼ିଶାର ଯୋଗଦାନ ପାଇଁ ଏକଦକ୍ଷ ଏବଂ ସଶକ୍ତପ୍ରଶାସନିକ କଳ ନିମନ୍ତେ ଏହି ପଦକ୍ଷେପ ଏକସୁଦୃଢ଼ ମୂଳଦୁଆ ହେବ ବୋଲି ପ୍ରକାଶ କରିଥିଲେ ।

## ଯୁବା ସଙ୍ଗମ ପର୍ଯ୍ୟାୟ ୫ ପାଇଁ ଶିକ୍ଷା ମନ୍ତ୍ରଣାଳୟ ପଞ୍ଜିକରଣ ଅବଧି ବୃଦ୍ଧି

ଭୁବନେଶ୍ୱର,(ସବ୍ୟୁ): ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଯୁବା ସଙ୍ଗମ ପର୍ଯ୍ୟାୟ ୫ର ଅନନ୍ୟ ଅନୁଭୂତି ନେବାକୁ ଆଗ୍ରହୀ ସମସ୍ତ ଆବେଦନକାରୀଙ୍କୁ ସ୍ଥାନ ଦେବା ନିମନ୍ତେ ଏଥିପାଇଁ ପଞ୍ଜିକରଣ ଅବଧିକୁ ଅକ୍ଟୋବର ୨୫, ୨୦୨୪ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହା ଛାତ୍ର ଛାତ୍ରୀ ଓ ବୃଧାରୀଙ୍କ ସମେତ ଅଧିକ ସଂଖ୍ୟକ ଯୁବବର୍ଗଙ୍କୁ ସେମାନଙ୍କ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ଜଣେ ଜଣେ ପ୍ରତିନିଧି ହେବାକୁ ଏହା ବିରଳ ସୁଯୋଗ ପ୍ରଦାନ କରୁଛି। ପଞ୍ଜିକରଣ ନିମନ୍ତେ ପୂର୍ବର ଅବଧି ଶେଷ ହେବାକୁ ଯାଉଥିବାବେଳେ ଉତ୍ସର୍ଗୀକୃତ ପଞ୍ଜିକରଣ ପୋର୍ଟାଲରେ ପରିଦର୍ଶକଙ୍କ ସଂଖ୍ୟାରେ ବିପୁଳ ବୃଦ୍ଧି ପରିଲକ୍ଷିତ ହେଉଛି । ଏକ ଭାରତ ଶ୍ରେଷ୍ଠ ଭାରତ ଅଧୀନରେ ଆରମ୍ଭ କରାଯାଇଥିବା ଏହି ସଫଳ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ ଭାରତର ବିବିଧ ଭୌଗୋଳିକ ଅଞ୍ଚଳରୁ ୧୮ରୁ ୩୦ ବର୍ଷ ବୟସର ଯୁବବର୍ଗଙ୍କ ମଧ୍ୟରେ ନିୟୋଜନତା ଏବଂ ସହଭାଗୀତାକୁ ସୁଗମ କରାଉଛି । ଏହି କାର୍ଯ୍ୟକ୍ରମ ସମ୍ପ୍ରତି ପଞ୍ଚମ ପର୍ଯ୍ୟାୟରେ ପହଞ୍ଚିଛି ଏବଂ ଏହା ୧୧୪ଟି ଟୁର୍ ଜରିଆରେ ସମଗ୍ର ଭାରତରେ ୪,୭୯୫ ଜଣ ଯୁବବର୍ଗଙ୍କ ପାଇଁ ବିବିଧ ସାଂସ୍କୃତିକ ଶିକ୍ଷଣ ଏବଂ ଭାବ ବିନିମୟକୁ ସୁଗମ କରାଇଛି ।



## ଓଡ଼ିଶା ବିକାଶ କନକ୍ଲେଭ ଉଦଯାପିତ

# ବିକଶିତ ଓଡ଼ିଶା ପାଇଁ ସମ୍ମିଳିତ ପ୍ରୟାସ ଆବଶ୍ୟକ




ଭୁବନେଶ୍ୱର,(ସବ୍ୟୁ): ବୟସ୍କ ହେଉଛି ଓଡ଼ିଶା । ସ୍ୱାସ୍ଥ୍ୟସେବା ଓ ସଚେତନତା କାରଣରୁ ବାର୍ଦ୍ଧକ୍ୟ ଲୋକଙ୍କ ସଂଖ୍ୟା ବଢୁଛି । ଯୁବାବର୍ଗଙ୍କ ସଂଖ୍ୟା ବୃଦ୍ଧି ସହିତ ମୃତ୍ୟୁହାରରେ ଆସିଛି ସୁଧାର । ଏହି ସ୍ଥିତି ଆମ ନିକଟରେ ଅନେକ ଆହ୍ୱାନ ସହିତ ସୁଯୋଗ ସୃଷ୍ଟି କରିଛି ଓ ଏଥିପାଇଁ ସମସ୍ତଙ୍କର ଅବଦାନ ଓ ଯୋଗଦାନ ଅପରିହାର୍ଯ୍ୟ ବୋଲି ପରାମର୍ଶ ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଓଡ଼ିଶା ବିକାଶ କନକ୍ଲେଭର ଉଦଯାପନୀ ସମାରୋହକୁ ସମ୍ବୋଧନ କରି ଶ୍ରୀମତୀ ପରିଡ଼ା କହିଲେ ଯେ ୨୦୩୬ ରେ ଓଡ଼ିଶା ଶହେ ବର୍ଷ ପାଳିବା ପରେ ୨୦୪୭ ରେ ଭାରତ ଶହେ ବର୍ଷ ପାଳିବ । ଏହି ପ୍ରସଙ୍ଗରେ ରହିଥିବା ପ୍ରତିବନ୍ଧକକୁ ଦୂର କରିବାକୁ ପଡ଼ିବ । ସ୍ୱେଚ୍ଛାସେବୀ ଭାବନାକୁ ଜାଗରୁକ କରିବାକୁ ପଡ଼ିବ । ସୋସାଇଟି ନିୟନ୍ତ୍ରଣ ବାହାରକୁ ଚାଲିଯାଉଛି । ଡ୍ରଗ୍ସ ରୋକିବାକୁ ହେବ । ବର୍ଷକୁ ୨୦ହଜାର କୋଟି ଟଙ୍କାର ସଂଯୋଗିକରଣ ହୋଇ ଚାଲିଥିବା ମିଶନ ଶକ୍ତି ଆର୍ଥିକ ସଶକ୍ତିକରଣ ଆଣି ପାରିନାହିଁ । ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ରାଜ୍ୟ ବଜେଟ୍ ରାଜ୍ୟର ବିକାଶ ଆଣି ପାରିନାହିଁ । ଯେଉଁ କ୍ଷେତ୍ରକୁ ବିକାଶ କରିବା କଥା କରାଯାଇ ପାରି ନାହିଁ । ବିକଶିତ ଓଡ଼ିଶା ପାଇଁ ସରକାର ଓ ସିଭିଲ ସୋସାଇଟିକୁ ମଧ୍ୟରେ ମାନସ ମନ୍ଥନ ଅପରିହାର୍ଯ୍ୟ ବୋଲି କହିଥିଲେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ।

ସି ୱାଇ ଏସ ଡି ପ୍ରତିଷ୍ଠାତା ସଦସ୍ୟ ଜଗଦାନନ୍ଦଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ସମାରୋହରେ ପ୍ରଫେସର ଡକ୍ଟର ଅମିତାଭ କୁଣ୍ଡୁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ୟୁଏନଏଫପିଏ ର ରାଜ୍ୟ ମୁଖ୍ୟ ମହମ୍ମଦ ନଦିମ୍ ନୂର୍ ଓ ଏସ ଏନ୍ ତ୍ରିପାଠୀ ଓଡ଼ିଶାର ଶହେ ବର୍ଷ ପୂର୍ତ୍ତିରେ ଦୃଶ୍ୟମାନ ହେବାକୁ ଥିବା ସମସ୍ୟ ଓ ସଂଭାବନା ଉପରେ ଆଲୋକ ପାତ କରିଥିଲେ ।

ଓଡ଼ିଶା ବିକାଶ କନକ୍ଲେଭର ସ୍ୱତନ୍ତ୍ର ଅଧିବେଶନ ଗୁଡିକରେ ଆଲୋଚିତ ହୋଇଥିବା ସ୍ଥାନାନ୍ତର, ସ୍ୱାସ୍ଥ୍ୟ ଓ ପୁଷ୍ଟି, ନିଯୁକ୍ତି ଓ ନଗରାଞ୍ଚଳ ସମସ୍ୟା , ଶିକ୍ଷା, ବୟସ୍କ ଲୋକଙ୍କ ସମସ୍ୟା, ମହିଳାଙ୍କ ସୁରକ୍ଷା ଓ ନିରାପତ୍ତା ଆଦି ଆଲୋଚନାର ନିଷ୍କର୍ଷ ଉପସ୍ଥାପିତ ହୋଇଥିଲା । ପଞ୍ଚାୟତସ୍ତରରେ ଶ୍ରମିକଙ୍କୁ ଚିହ୍ନଟ,ସେମାନଙ୍କ ଦକ୍ଷତା ମ୍ୟାପିଂ, ସହରାଞ୍ଚଳରେ ଶ୍ରମିକଙ୍କ ପାଇଁ ଶସ୍ତାରେ ଭଡ଼ା ଘର, ହେଲ୍ଥ ସେଣ୍ଟର୍ ପ୍ରତିଷ୍ଠା ପାଇଁ ମତାମତ ଆସିଥିଲା । ଅନୁରୂପ ଭାବେ ବୟସ୍କ ଲୋକଙ୍କ ପାଇଁ ଗ୍ରାମ ପଞ୍ଚାୟତସ୍ତରରେ ଡେ କେୟାର ସେଣ୍ଟର, ଗାଁ ସ୍ତରରେ ବୟସ୍କ ଲୋକଙ୍କ ପାଇଁ ଯତ୍ନ କେନ୍ଦ୍ର ପ୍ରତିଷ୍ଠା ହେବା ମତ ଆସିଥିଲା । ରାଜ୍ୟରେ ୪୫ ପ୍ରତିଶତ ଲୋକ ତମାଖୁ ସେବନ କରନ୍ତି । ଯାହା ଜାତୀୟ ହାର ଠାରୁ ଅଧିକ । ପ୍ରାଥମିକ ସ୍ୱାସ୍ଥ୍ୟ ସେବା ଓ ଯତ୍ନ ଦିଗରେ ଅଧିକ ବଜେଟ୍ ଆବଣ୍ଟନ କରାଯିବାର ଆବଶ୍ୟକତା ରହିଛି । ମହିଳା ମାନେ ଅଧିକ କର୍ମ କ୍ଷେତ୍ରକୁ ଆସିଛନ୍ତି । କିନ୍ତୁ କର୍ମ କ୍ଷେତ୍ରରେ ଯୌନ ନିର୍ଯାତନା ଅଭିଯୋଗ କିପରି ହେବ ଜାଣି ନାହାନ୍ତି । ଆନ୍ତଃ ବିଭାଗୀୟ ସଂଯୋଜନାର ଆବଶ୍ୟକତା ରହିଛି । ଅଂଶୀଦାର ମାନଙ୍କୁ ଘରୋଇ ହିଂସା ବାବଦରେ ନିୟମିତ ତାଲିମ ଦେବାର ଆବଶ୍ୟକତା ଥିବା କୁହାଯାଇଥିଲା । ମହିଳା ମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସକ୍ଷମ କହିବା ଦିଗରେ ବ୍ୟାପକ ପଦକ୍ଷେପ ଗ୍ରହଣ ପାଇଁ ପରାମର୍ଶ ମାନ ଉପସ୍ଥାପିତ ହେଇଥିଲା ।

ପୂର୍ବରୁ ଆଇନ ମନ୍ତ୍ରୀ ପୃଥ୍ୱିରାଜ୍ ହରିଚନ୍ଦନ ନାରୀ ଶିକ୍ଷା କ୍ଷେତ୍ରରେ ସର୍ବାଧିକ ବଜେଟ ଆବଣ୍ଟନ ହେବା ଉଚିତ ବୋଲି ମତ ପୋଷଣ କରିଥିଲେ । ଓଡ଼ିଶାକୁ ଚାରିଟି ଯୋନ କରି ଚାରୋଟି ଫାଷ୍ଟଟ୍ରାକ ମହିଳା କୋର୍ଟ ସ୍ଥାପନ ଦିଗରେ ରାଜ୍ୟ ସରକାର ଚିନ୍ତା କରୁଥିବା ଦର୍ଶାଇଥିଲେ । ଏହା ଦୋଷୀଙ୍କୁ ତ୍ୱରିତ ନ୍ୟାୟ ଦେବାରେ ସହାୟକ ହୋଇ ପାରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ସି ୱାଇ ଏସ ଡି ର ଅଧକ୍ଷ ପ୍ରଫୁଲ୍ଲ ସାହୁ ଧନ୍ୟବାଦ୍ ଦେଇଥିଲେ ।

## ବାତ୍ୟା ପରିପ୍ରେକ୍ଷୀରେ ଲୋକଙ୍କୁ

# ନବୀନଙ୍କ ନିବେଦନ,ଭୟ କରନ୍ତୁ ନାହିଁ, ସଜାଗ ରୁହନ୍ତୁ

ଭୁବନେଶ୍ୱର,(ସବ୍ୟୁ): ବାତ୍ୟା ପରିପ୍ରେକ୍ଷୀରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ବାର୍ତ୍ତା ଦେଇ କହିଛନ୍ତି ଯେ ବାତ୍ୟା ଆସୁଥିବା ଖବର ପାଇ ଆମେ ସମସ୍ତେ ଚିନ୍ତିତ । ପୂର୍ବରୁ ଆମେ ସମସ୍ତେ ମିଶି ସଫଳତା ସହ ଅନେକ ବାତ୍ୟାର ମୁକାବିଲା କରିଛେ । ଆମର ଏକ ବହୁତ ଇଫେକ୍ଟିଭ ଡିଜାଷ୍ଟର ମ୍ୟାନେଜମେଣ୍ଟ ପଲିସି ଅଛି । ତେଣୁ ଆପଣମାନଙ୍କୁ ମୋର ଅନୁରୋଧ ବାତ୍ୟା ପାଇଁ ଆପଣମାନେ ଭୟଭୀତ ହୁଅନ୍ତୁ ନାହିଁ । ସଜାଗ ରୁହନ୍ତୁ, ଜୀବନ ଅମୂଲ୍ୟ ନିରାପଦ ରୁହନ୍ତୁ । ବାତ୍ୟା ମୁକାବିଲାରେ ପ୍ରଶାସନକୁ ପୁରା ସହଯୋଗ ଦିଅନ୍ତୁ । ସବୁ ନିର୍ବାଚିତ ପ୍ରତିନିଧି ମାନଙ୍କୁ ମୋର ଅନୁରୋଧ ଆପଣମାନେ ଏ ବିପଦ ସମୟରେ ଲୋକଙ୍କ ସହ ରୁହନ୍ତୁ । ଲୋକଙ୍କୁ ସାହାଯ୍ୟ କରନ୍ତୁ । ମୋର ଦୃଢ଼ ବିଶ୍ୱାସ ଆମେ ସମସ୍ତେ ଏକାଠି ପୂର୍ବ ପରି ବାତ୍ୟା ଦାନାର ସଫଳ ମୁକାବିଲା କରିପାରିବ ।

### ପ୍ରଶାସନକୁ ପୁରା ସହଯୋଗ କରନ୍ତୁ

## ଅଗ୍ନିପଥ ମହିଳା ମିଲିଟାରି ପୋଲିସ୍ ନିଯୁକ୍ତି ରାଲି ୨୭ ତାରିଖକୁ ଘୁଞ୍ଚିଲା

କଟକ,(ସବ୍ୟୁ): ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ୨୫ ତାରିଖରେ ପୁରୀର ତାଳବଣିଆସ୍ଥିତ ଇଣ୍ଡୋର ଷ୍ଟାଡିୟମ ଏବଂ ଜିଲ୍ଲା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅଗ୍ନିପଥ ଯୋଜନା ଅନ୍ତର୍ଗତ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ସିକ୍କିମର ମହିଳା ମିଲିଟାରୀ ପୋଲିସ ନିମନ୍ତେ ଅନୁଷ୍ଠିତ ହେବାକୁ ଥିବା ନିଯୁକ୍ତି ରାଲିକୁ ଆସନ୍ତା ୨୭ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ଏହି ରାଲି ଅକ୍ଟୋବର ୨୫ ତାରିଖରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ କରାଯାଇଥିଲା । ସମସ୍ତ ଯୋଗ୍ୟ ପ୍ରାର୍ଥୀ ଅକ୍ଟୋବର ୨୭ ତାରିଖ ଦିନ ଗୋଟାଏ ବେଳେ ନିର୍ଦ୍ଧାରିତ ନିଯୁକ୍ତି ରାଲି ସ୍ଥାନରେ ରିପୋର୍ଟ କରିବାକୁ କୁହାଯାଇଛି ।

# ବାତ୍ୟା 'ଦାନା' ପ୍ରଭାବିତଙ୍କୁ ସହାୟତା ପାଇଁ ହେଲ୍ପଲାଇନ ଜାରି କଲା ବିଜେଡି

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟରେ ସମ୍ଭାବ୍ୟ ବାତ୍ୟା ଓ ଏହାର ପ୍ରଭାବକୁ ନେଇ ଜନମାନସରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ବେଳେ ପ୍ରଭାବିତ ଲୋକଙ୍କୁ ସହାୟତା ପାଇଁ ବିଜେଡି ପକ୍ଷରୁ ଏକ ହେଲ୍ପଲାଇନ୍ ଜାରି କରାଯାଇଛି । ଆଜି ଶଙ୍ଖଭନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମିଡ଼ିଆ ସଂଯୋଜକ ଡ଼ଃ ଲେନିନ ମହାନ୍ତି ଓ ଡ଼ଃ ପ୍ରିୟବ୍ରତ ମାଝୀ ନବୀନଙ୍କ ଭିଡିଓ ବାର୍ତ୍ତା ବିଷୟରେ ସୂଚନା ଦେବା ସହ ନବୀନଙ୍କ ଶାସନ କାଳରେ ଓଡିଶା କିପରି ଭାବେ ବାତ୍ୟା ମୁକାବିଲା କ୍ଷେତ୍ରରେ ଏକ ଉଦାହରଣ ପାଲଟିଥିଲା ବୋଲି କହିଥିଲେ । ସମ୍ଭାବ୍ୟ ବାତ୍ୟା 'ଦାନା' କୁ ମୁକାବିଲା କରିବା ପାଇଁ ରାଜ୍ୟରେ ସବୁ ସ୍ତରରେ ପ୍ରସ୍ତୁତି ଚାଲିଥିବା ବେଳେ, ବିଜୁ ଜନତା ଦଳ ତରଫରୁ ଏକ ହେଲ୍ପଲାଇନ ପ୍ରତିଷ୍ଠା କରାଯାଇଛି ବୋଲି ଡ଼ଃ ପ୍ରିୟବ୍ରତ ମାଝୀ ସୂଚନା ଦେଇଥିଲେ । ହେଲ୍ପଲାଇନ ପାଇଁ ଦିଆଯାଇଥିବା ଦୁଇଟି ନମ୍ବର ହେଲା, ୯୯୩୭୦୫୨୫୭୮ ଓ ୮୯୮୫୩୦୩୫୩୪ । ଏହି ଦୁଇଟି ନମ୍ବର ବାତ୍ୟା ପୂର୍ବରୁ ଓ ବାତ୍ୟା ପରେ ମଧ୍ୟ ଚବିଶ ଘଣ୍ଟା ଖୋଲା ରହିବ । ଏଥିରେ ବାତ୍ୟା ସମ୍ପର୍କିତ କୌଣସି ସହାୟତା ଆବଶ୍ୟକ କରୁଥିବା ବ୍ୟକ୍ତିମାନେ ଯୋଗାଯୋଗ କରି ପାରିବେ । ବିଜୁ ଜନତା ଦଳର ସମସ୍ତ କର୍ମୀ ଓ ନିର୍ବାଚିତ ପ୍ରତିନିଧିମାନେ ମଧ୍ୟ ଏହି ବାତ୍ୟାରେ ପ୍ରଭାବିତ ଲୋକଙ୍କୁ ସହାୟତା କରିବାକୁ ସଜାଗ ରହିବେ ବୋଲି ଡ଼ଃ ମାଝୀ କହିଥିଲେ ।

## କଳିଙ୍ଗବିହାର ବସ୍‌ଷ୍ଟାଣ୍ଡରେ ଚଢାଉ ୪ ଗିରଫ, ବ୍ରାଉନସୁଗର ଜବତ

ଭୁବନେଶ୍ୱର, (ସବ୍ୟୁ) : ତମାଣ୍ଡୋ ଥାନା ପୋଲିସ କଳିଙ୍ଗବିହାର ବସ୍‌ଷ୍ଟାଣ୍ଡ ପାଖରେ ଚଢାଉ କରି ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧୧ଗ୍ରାମ୍ ବ୍ରାଉନସୁଗର ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ସବିର ଅଲ୍ଲୀ ଖାନ୍ (୪୦), ଅବଦୁଲ ରେହେମାନ (୨୮), କାହ୍ନୁ ଦାସ (୨୭) ଓ ସଞ୍ଜୟ ଦାସ (୨୬) । ବୁଧବାର ସକାଳ ସମୟରେ ତମାଣ୍ଡୋ ଥାନା ପୋଲିସ ଏକ ନିର୍ଦ୍ଦିଷ୍ଟ ସୂତ୍ରରୁ ଖବର ପାଇଥିଲେ କଳିଙ୍ଗବିହାର ଛକ ନିକଟ ବସ୍‌ଷ୍ଟାଣ୍ଡ ପାଖରେ ବ୍ରାଉନସୁଗର କାରବାର ହେଉଛି । ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିନେଇଥିଲା । ଗିରଫ ୪ଜଣ ସେଠାରେ ଖୁଲମଖୁଲା ବ୍ରାଉନସୁଗର ବିକ୍ରି କରୁଥିଲେ । ବ୍ରାଉନସୁଗର କେଉଁଠୁ, କାହା ପାଖରୁ ଆଣିଲେ ତାହା ପୋଲିସରେ କହିଥିବାରୁ ଏହି ର୍ୟାକେଟ୍‌ର ଆଉ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଥିବା ପୋଲିସ କହିଛି । ୪ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ବାତ୍ୟା ଦାନା ପାଇଁ

# ୧୪ ଟି ଜିଲ୍ଲାର ଆବାସିକ ବିଦ୍ୟାଳୟ ଓ ହଷ୍ଟେଲରେ ଅନ୍ତେବାସୀଙ୍କ ସୁରକ୍ଷାକୁ ପ୍ରାଥମିକତା

ଭୁବନେଶ୍ୱର,(ସବ୍ୟୁ): ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧିନରେ ଥିବା ସମସ୍ତ ଆବାସିକ ବିଦ୍ୟାଳୟ, ହଷ୍ଟେଲ, ଅନ୍ୱେଷା ହଷ୍ଟେଲ୍ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ବିଦ୍ୟାଳୟ ସହ ଯୋଡ଼ି ହୋଇଥିବା ହଷ୍ଟେଲ ଗୁଡ଼ିକରେ ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ୧୪ ଟି ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ବିଭାଗ ପକ୍ଷରୁ ସମସ୍ତ ବିଦ୍ୟାଳୟକୁ ଅକ୍ଟୋବର ୨୩ ରୁ ୨୫ ତାରିଖ ଯାଏଁ ଛୁଟି ଘୋଷଣା କରାଯାଇଥିବା ବେଳେ ହଷ୍ଟେଲଗୁଡ଼ିକ କିନ୍ତୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରହିବ । ଅନ୍ତେବାସୀଙ୍କ ସୁରକ୍ଷା ପାଇଁ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଯନ୍ତ୍ରୀ, ପ୍ରଧାନଶିକ୍ଷକ, ହଷ୍ଟେଲ ପରିଚାଳକ, ମାଟ୍ରୋନ୍, ପାଚିକା ତଥା ସହାୟିକା, ଏଏନଏମ୍ ଦିଦି ପ୍ରଭୃତି ମୁଖ୍ୟାଳୟରେ ଉପସ୍ଥିତ ରହିବେ । ସମସ୍ତ ହଷ୍ଟେଲରେ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ, ପନିପରିବା, ପାନୀୟ ଜଳ ପ୍ରଭୃତି ମହଜୁଦ୍ କରି ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ବିଭାଗ ପକ୍ଷରୁ ଚିଠି କରି ସୂଚନା ଦିଆଯାଇଛି ।

## ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ

# ଭାରତ ଓ ଅଷ୍ଟ୍ରେଲିଆର ମିଳିତ ସହଯୋଗ ବିଶ୍ୱ ଆହ୍ୱାନର ସମାଧାନ କରିବ: ଧର୍ମେନ୍ଦ୍ର




ଭୁବନେଶ୍ୱର(ସବ୍ୟୁ): ଭାରତ ଓ ଅଷ୍ଟ୍ରେଲିଆର ମିଳିତ ସହଯୋଗ ଦୁଇ ଦେଶର ଜ୍ଞାନ ବ୍ୟବସ୍ଥାକୁ ଆଗକୁ ନେବ । ବିଶ୍ୱ ଆହ୍ୱାନର ସମାଧାନ ପାଇଁ ଜ୍ଞାନକୌଶଳର ଉପଯୋଗ କରିପାରିବ । ଛାତ୍ରଛାତ୍ରୀଙ୍କ ପାଇଁ ଉନୋଭେସନ ଏବଂ ଉଦ୍ୟମିତା କ୍ଷେତ୍ରରେ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିପାରିବ । ବିଶ୍ୱ-ବନ୍ଧୁ ହିସାବରେ ଭାରତ ମାନବ କେନ୍ଦ୍ରୀତ ବିକାଶରେ ବିଶ୍ୱସ୍ତ ଅଂଶୀଦାର ହେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ଅଷ୍ଟ୍ରେଲିଆର ମେଲବର୍ଣ୍ଣଠାରେ ଆୟୋଜିତ 'ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏହି ଅବସରରେ ଶ୍ରୀ ପ୍ରଧାନ ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଜେସନ କ୍ଲେୟାରଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଥିଲେ । ଶ୍ରୀ ପ୍ରଧାନ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ସୁଦୃଢ଼ ଏବଂ ବିକଶିତ ଭାଗିଦାରୀକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଏହି ଦ୍ୱିପାକ୍ଷିକ ସହଯୋଗ ଉଭୟ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାର୍ଗ ପ୍ରଶସ୍ତ କରିବ । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଙ୍କ ଦୂରଦର୍ଶୀ ନେତୃତ୍ୱରେ ଏହି ସମ୍ପର୍କକୁ ଆହୁରି ସୁଦୃଢ଼ ହେବ । ଶିକ୍ଷା କ୍ଷେତ୍ରରେ ସହଯୋଗ ଭାରତ-ଅଷ୍ଟ୍ରେଲିଆ ସମ୍ପର୍କର ମୂଳଦୁଆ ବୋଲି ଶିକ୍ଷା ମନ୍ତ୍ରୀ ପ୍ରକାଶ କରିଥିଲେ ।

ଅଷ୍ଟ୍ରେଲିଆ ଶିକ୍ଷା ମନ୍ତ୍ରୀ ଶ୍ରୀ କ୍ଲେୟାର ତାଙ୍କ ଅଭିଭାଷଣରେ ଭାରତର ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରି କହିଥିଲେ ଯେ ୨୦୩୫ ସୁଦ୍ଧା ବିଶ୍ୱର ପ୍ରତି ଚାରି ଜଣଙ୍କ ମଧ୍ୟରୁ ବିଶ୍ୱବିଦ୍ୟାଳୟ ଡିଗ୍ରୀ ହାସଲ କରିଥିବା ଜଣେ ବ୍ୟକ୍ତି ଭାରତୀୟ ହେବ । ଭାରତରେ ଥିବା ଅଷ୍ଟ୍ରେଲିଆର ଡେକିନ୍ ଓ ୱୋଲୋନଗୋଙ୍ଗର କ୍ୟାମ୍ପସ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ । ଅନ୍ୟ ଏକ ଶ୍ରୀ ପ୍ରଧାନ ଓ ଶ୍ରୀ କ୍ଲେୟାରଙ୍କ ମଧ୍ୟରେ ବସିଥିବା ପୃଥକ ବୈଠକରେ ପ୍ରାରମ୍ଭିକ ଶୈଶବ ଯତ୍ନ, ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଏବଂ ସ୍କୁଲ ଟ୍ୱିନିଂ ପଦକ୍ଷେପର ସମ୍ଭାବନା ସମ୍ପର୍କରେ ଭାରତ ଓ ଅଷ୍ଟ୍ରେଲିଆର ମିଳିତ ପ୍ରାଥମିକତା ସମ୍ପର୍କରେ ଉଭୟ ମନ୍ତ୍ରୀ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ଶ୍ରୀ ପ୍ରଧାନ ଅଷ୍ଟ୍ରେଲିଆର ବୈଦେଶିକ ବ୍ୟାପାର ସହକାରୀ ମନ୍ତ୍ରୀ ଟିମ୍ ୱାଟ୍ସଙ୍କୁ ମଧ୍ୟ ଭେଟିଥିଲେ । ଅଷ୍ଟ୍ରେଲିଆ ଅନ୍ତର୍ଜାତୀୟ ଶିକ୍ଷା ସମ୍ମିଳନୀ'ରେ ଭାରତୀୟ ପ୍ରତିନିଧି ମଣ୍ଡଳୀ, ଉଭୟ ଦେଶର ବିଶ୍ୱବିଦ୍ୟାଳୟ ମୁଖ୍ୟ ଏବଂ ଅନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ବାତ୍ୟା ଦାନା'କୁ ନେଇ

# ଲୋକଙ୍କୁ ସଚେତନ କରାଉଛି ସୋଆ କମ୍ୟୁନିଟି ରେଡିଓ

ଭୁବନେଶ୍ୱର,(ସବ୍ୟୁ): ବଙ୍ଗୋପ ସାଗରରେ ଘୂର୍ଣ୍ଣିଝଡ଼ 'ଦାନା' ତୀବ୍ର ଗତିରେ ଓଡ଼ିଶା ଉପକୂଳ ମୁହାଁ ହେଉଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ଏହି ବିପଦପୂର୍ଣ୍ଣ ପରିସ୍ଥିତି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା ନିମନ୍ତେ ସୂଚନା ପ୍ରଦାନ କରିବା ଜାରି ରଖିଛି ।

ଏଭଳି ବିପର୍ଯ୍ୟୟ ସମୟରେ ଲୋକମାନଙ୍କୁ ବିପଦ ବିଷୟରେ ସଚେତନ କରାଇବା ସହ ସେମାନେ କ'ଣ କରିବେ ବା କ'ଣ ନ କରିବେ ସେ ଦିଗରେ ମଧ୍ୟ ଉପଦେଶ ଦେବାର ଆବଶ୍ୟକତା ରହିଛି ବୋଲି କମ୍ୟୁନିଟି ରେଡ଼ିଓ ସେଂଟରର ଇନ୍‌ଚାର୍ଜ ଶ୍ରୀମତି ହନି ପଟ୍ଟନାୟକ କହିଛନ୍ତି ।

ସମ୍ଭାବିତ ବାତ୍ୟା ଗୁରୁବାର ରାତିରେ ଓଡ଼ିଶା ଉପକୂଳ ଛୁଇଁବାର ସମ୍ଭାବନା ଥିବା ବେଳେ ଆର୍‌ଜେମାନେ ରେଡ଼ିଓ ଷ୍ଟେସନ୍‌ରେ ପାଣିପାଗ ସମ୍ପର୍କିତ ସୂଚନା, ଗୁରୁତ୍ୱପୂର୍ଣ୍ଣ ସୂଚନା ଏବଂ ଜରୁରୀକାଳୀନ ନିୟମାବଳୀ ଜନସାଧାରଣଙ୍କୁ ପ୍ରଦାନ କରୁଛନ୍ତି । ଜନସାଧାରଣ ଭୟଭୀତ ନ ହେବା ପାଇଁ ଆମେ ଉପଦେଶ ଦେଉଛୁ ବୋଲି ସେ କହିଛନ୍ତି ।

ଆବଶ୍ୟକୀୟ ଖାଦ୍ୟ, ପିଇବା ପାଣି, ଔଷଧ, ଫ୍ଲାସ୍ ଲାଇଟ୍, ବ୍ୟାଟେରୀ ପ୍ରଭୃତି ପ୍ରସ୍ତୁତ ରଖିବା ପାଇଁ ଲୋକମାନଙ୍କୁ ଉପଦେଶ ଦିଆଯାଉଛି ।

ସାମାଜିକ ଗଣମାଧ୍ୟମ ୟୁଟ୍ୟୁବ୍, ଏକ୍ସ, ଫେସବୁକ ଏବଂ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ସୋଆ କମ୍ୟୁନିଟି ରେଡ଼ିଓ ଜସାଧାରଣଙ୍କୁ ସଚେତନ କରାଉଛି ବୋଲି ଶ୍ରୀମତି ପଟ୍ଟନାୟକ କହିଛନ୍ତି ।

## ଓସିଏସ୍ ପରୀକ୍ଷାରେ ମେଧା ପ୍ରତିଭା ସ୍ମୃତି ରଞ୍ଜନଙ୍କ ସଫଳତା

କଟକ, (ସବ୍ୟୁ): କଟକ ସଦର ବିରିଡି ବ୍ଲକ୍ କୁଳକଇଜଙ୍ଗା ପଞ୍ଚାୟତର ମହାତୋଳ ଗ୍ରାମର ନିରଞ୍ଜନ ସ୍ୱାଇଁ ଓ ଦୀପ୍ତିବାଳା ସ୍ୱାଇଁଙ୍କ ସୁପୁତ୍ର ସ୍ମୃତିରଞ୍ଜନ ସ୍ୱାଇଁ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାର ୩୯୮ ର୍ୟାଙ୍କରେ କୃତକାର୍ଯ୍ୟ ହୋଇ ଅଞ୍ଚଳ ପାଇଁ ସଫଳତା ଆଣିଛନ୍ତି । ସ୍ମୃତି ରଞ୍ଜନ ସ୍ୱର୍ଗୀୟ ଜେଜେ ବାପା ପ୍ରାଣକୃଷ୍ଣ ସ୍ୱାଇଁ,ଜେଜେମା କେଶିନୀ ସ୍ୱାଇଁ ଏବଂ ନିଜର ବାପା,ମା'ଙ୍କ ସମେତ ପରିବାରର ଆଶା ଆକାଂକ୍ଷାକୁ ପୂରଣ କରିଥିବାରୁ ତାଙ୍କ ପରିବାର ବର୍ଗ ମିଠା ଖୁଆଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏଥିସହିତ ସମସ୍ତେ ଧାନକୁଦ ଶ୍ରୀଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ଏହି ସଫଳତା ନେଇ ସ୍ମୃତି ରଞ୍ଜନ ନିଜର ପ୍ରତିକ୍ରିୟା ରଖି କହିଛନ୍ତି ଯେ,ମୁଁ ଏଥିପାଇଁ ୬ରୁ ୮ ଘଣ୍ଟା ପରିଶ୍ରମ କରିବାସହ ୨୦୨୦ ମସିହାରୁ ପ୍ରୟାସ ଆରମ୍ଭ କରିଥିଲି । ମାତ୍ର ୨୦୨୦ରେ ପ୍ରଥମଥର ପରୀକ୍ଷାରେ ମୋର ଭଲ ନମ୍ବର ରହିନଥିଲା । ପୁଣିଥରେ ୨୦୨୧ରେ ମଧ୍ୟ ପରୀକ୍ଷା ଦେଇଥିଲି ସେଥିରେ ମାତ୍ର ୧୭ ନମ୍ବର ପାଇଁ ଏଥିରୁ ବଞ୍ଚିତ ହୋଇଥିଲି । ହେଲେ ମୁଁ ପ୍ରୟାସ ଛାଡି ନଥିଲି କଠିନ ପରିଶ୍ରମ କରିଥିଲି । ଯାହାକି ୨୦୨୨ ମସିହାରେ ଭଲ ଭାବେ ପ୍ରସ୍ତୁତ ହୋଇ ପରୀକ୍ଷା ଦେଇଥିଲି । ହେଲେ ଆଜି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବାରୁ ଖୁବ୍ ଖୁସି ଥିବା କହିଛନ୍ତି ସ୍ମୃତି ରଞ୍ଜନ ।

## ରାଜ୍ୟସ୍ତରୀୟ ନବମ ବାର୍ଷିକ ପାଲା ମହୋତ୍ସବ

# କଳାପ୍ରେମୀ ଅମିୟ ଧଳ ସମ୍ବର୍ଦ୍ଧିତ



କଟକ, (ସ୍ୱପ୍ର) : ଉତ୍କଳୀୟ, କଳା, ସଂସ୍କୃତିକୁ ପୁନର୍ଜୀବିତ କରି ରଖିପାରିଥିବାରୁ ମା' ଜାଗୁଲେଇ ପାଲା ପରିଷଦ ଏବଂ ଅରେଇ ଗ୍ରାମବାସୀବୃନ୍ଦଙ୍କ ଉଦ୍ୟମ ପ୍ରଶଂସନୀୟ ଅଟେ । ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଉଭୟେ ଅନୁଷ୍ଠାନ ପକ୍ଷରୁ ଚଳିତ ମାସ ୧୭ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ଅରେଇ ମୁକ୍ତାକାଶ ପାଲା ମଞ୍ଚରେ ପାଲା ପରିବେଷଣ ହୋଇଯାଇଛି । ରାଜ୍ୟର ବିଭିନ୍ନ କୋଣ ଅନୁକୋଣରେ ନିଜର ପ୍ରତିଭା ପଦର୍ଶନ କରିଆସୁଥିବା ପାଲା ଗାୟକ ମାନେ ଏଠାରେ ନିଜର ପ୍ରତିଭା ପ୍ରତିପାଦିତ କରିଥିଲେ। ଏହି ମଞ୍ଚରେ କଳା ସଂସ୍କୃତି ପ୍ରତି ସଦା ସର୍ବଦା ସହଯୋଗର ହାତ ବଢ଼ାଇ ଆସୁଥିବା ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଥିମଧ୍ୟରେ ସମାଜସେବୀ ତଥା ଖାଇବାତେଲ ଫ୍ରିଡମର ଓଡିଶା ମୁଖ୍ୟ ଅମିୟ କୁମାର ଧଳ ହେଉଛନ୍ତି ଅନ୍ୟତମ । ଶ୍ରୀଯୁକ୍ତ ଧଳ ଭାରତ ବର୍ଷ ଏକ ନମ୍ବର ମାନ୍ୟତାପ୍ରାପ୍ତ ଖାଇବା ତେଲ ଫ୍ରିଡମ ବ୍ୟବସାୟ କ୍ଷେତ୍ରରେ ଜଡ଼ିତ ଥିଲେ ମଧ୍ୟ ନିଜ ଗାଁ ଓ ଗାଁର ଲୋକ କଳା, ସଂସ୍କୃତିକୁ କେବେ ମଧ୍ୟ ଅବହେଳା କରିନାହାନ୍ତି । ଯେତେଦୂରରେ ଥିଲେ ମଧ୍ୟ ବନ୍ଧୁମାନଙ୍କ ଡାକରାରେ କଳା ସଂସ୍କୃତିରେ ଟିକେ ଭିଜିବା ପାଇଁ ଧାଇଁ ଆସିଥାନ୍ତି । ତାଙ୍କର ଏହି କଳା ସାଧନାର ତ୍ୟାଗ ପାଇଁ ଅନୁଷ୍ଠାନ ପକ୍ଷରୁ ଶ୍ରୀଯୁକ୍ତ ଧଳଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଛି । କଳା ବଞ୍ଚିଲେ ଜାତି ବଞ୍ଚିବ, ଜାତି ବଞ୍ଚିଲେ ମାନବ ସମାଜ ବଞ୍ଚିବ, ଆଉ ସମାଜ ବଞ୍ଚିଲେ ଆମେ ବଞ୍ଚିବା, ତେଣୁ କଳା ସବୁ ବେଳେ ଆମ ପାଖରେ ଥିଲା ଓ ରହିବ ବୋଲି ଶ୍ରୀଯୁକ୍ତ ଧଳ ତାଙ୍କ ପ୍ରତିକ୍ରିୟାରେ କହିଥିଲେ । ସମାଜସେବୀ ତାପସ ମହାଳିକ ଏବଂ ଦୂରଦର୍ଶନର ନିର୍ଦ୍ଦେଶକ ନରୋତ୍ତମ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ।

## ବାତ୍ୟା ଆଶ୍ରୟସ୍ଥଳୀ ବୁଲି ଦେଖିଲେ ମେୟର

# ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହେଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱର,(ସବ୍ୟୁ):ସମ୍ଭାବ୍ୟ ବାତ୍ୟା 'ଦାନା'ର ସଫଳ ମୁକାବିଲା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମେୟରଙ୍କଠାରୁ ଆରମ୍ଭ କରି କମିଶନର ଓ ଅନ୍ୟାନ୍ୟ ଅଧିକାରୀ ଦିନରାତି କାମରେ ଲାଗିପଡିଛନ୍ତି । ଗତକାଲି ସମୀକ୍ଷା ବୈଠକ ପରେ ବୁଧବାର ସକାଳୁ ମେୟର ସୁଲୋଚନା ଦାସ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ ବୁଲି ଦେଖିଛନ୍ତି । ସମଗ୍ର ବିଏମ୍‌ସି ଅଞ୍ଚଳରେ ହୋଇଥିବା ବାତ୍ୟା ଆଶ୍ରୟସ୍ଥଳଗୁଡିକର ପରିବେଶ, ଆଲୋକ, ପାନୀୟ ଜଳ, ଟଏଲେଟ୍, କେତେ ଲୋକ ରହିପାରିବେ, ମହିଳା ଓ ପୁରୁଷ ଅଲଗା ଅଲଗା ରହିବା ପାଇଁ ବ୍ୟବସ୍ଥା ଅଛି କି ନାହିଁ ଇତ୍ୟାଦି ତନ୍ନତନ୍ନ କରି ତଦାରଖ କରିଛନ୍ତି । ସବୁ ଆଶ୍ରୟସ୍ଥଳରେ ଆଲୋକ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ଆଶ୍ରୟସ୍ଥଳର ଅନ୍ତେବାସୀଙ୍କ ଖାଇବା ପିଇବାଠାରୁ ଆରମ୍ଭ କରି କୌଣସିଥିରେ ଯେପରି ଅସୁବିଧା ନ ହୁଏ, ସେଥପ୍ରତି ଧ୍ୟାନ ଦେବାକୁ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି ।

### ଆସନ୍ନ ପ୍ରସବାଙ୍କ ଉପରେ ସ୍ୱତନ୍ତ୍ର ନଜର

ତଳି ଅଞ୍ଚଳ ଓ ଜଳବନ୍ଦୀ ହେବାର ସମ୍ଭାବନା ଥିବା ଅଞ୍ଚଳରେ ମାଇକ୍ ଯୋଗେ ପ୍ରଚାର କରି ସେମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ପଠାଇବାର ବ୍ୟବସ୍ଥା କରାଯିବ । ଜିରୋ କାଜୁଆଲିଟିକୁ ଆଖିଆଗରେ ରଖି ସମସ୍ତେ କାମ କରିବାକୁ କହିଛନ୍ତି ମେୟର ଶ୍ରୀମତୀ ଦାସ । ସଂପ୍ରତି ବିଏମ୍‌ସି ଅଞ୍ଚଳ ପ୍ରତ୍ୟେକ ୱାର୍ଡରେ ଏକାଧିକ ଆଶ୍ରୟସ୍ଥଳ କରାଯାଇଛି । ୩ଟି ଜୋନରେ ମୋଟ ୮୦ଟି ବାତ୍ୟା ଆଶ୍ରୟସ୍ଥଳ ରହିଥିବା ବେଳେ । ଆବଶ୍ୟକ ହେଲେ ଅଧିକ ଆଶ୍ରୟସ୍ଥଳ କରାଯିବ ବୋଲି କହିଛନ୍ତି ମେୟର । ବିପଦ ସଙ୍କୁଳ ଅବସ୍ଥାରେ ଥିବା ଗଛଗୁଡିକୁ କାଟି ଦିଆଯାଇଛି । ବଡ ବଡ ହୋଡିଂଗୁଡିକୁ ହଟାଇ ଦିଆଯାଇଛି । ବିଭିନ୍ନ ଟ୍ରାଫିକ୍ ଛକରେ ଥିବା ହାଇମାକ୍ସ ଲାଇଟଗୁଡିକୁ ତଳକୁ ଖସାଇ ଦିଆଯାଇଛି । ବଡବଡ ଅଟ୍ଟାଳିକା ନିର୍ମାଣରେ ଲାଗିଥିବା କ୍ରେନଗୁଡିକୁ ବନ୍ଦ କରି ଦିଆଯାଇଛି । ପୂର୍ବରୁ ୩୦ଟି ଜଳବନ୍ଦୀ ଅଞ୍ଚଳରେ ପମ୍ପସେଟ୍ ମୁତୟନ କରାଯାଇଛି । ମହାନଗର ନିଗମ ଅଞ୍ଚଳରେ ଥିବା ଆସନ୍ନ ପ୍ରସବାମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଛି । ସେଥିପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ମହଜୁଦ୍ ରଖାଯାଇଛି । ୨୪ ଘଣ୍ଟିଆ କଂଟ୍ରୋଲରୁମ୍‌କୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ କରାଯାଇଛି । ୧୨ ଜଣ କର୍ମଚାରୀ ଏହି କଣ୍ଟ୍ରୋଲରୁମ୍‌ରେ ୨୪ ଘଂଟିଆ ଡ୍ୟୁଟି କରୁଛନ୍ତି । ତାଙ୍କୁ ତଦାରଖ କରିବା ପାଇଁ ପ୍ରତି ସିଫ୍‌ରେ ଜଣେ ଲେଖାଏଁ ଅଧିକାରୀ ରହିଛନ୍ତି ।

## ଏନ୍‌ଆରସିଡବ୍ଲୁଡି ପକ୍ଷରୁ ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ




ଭୁବନେଶ୍ୱର,(ସବ୍ୟୁ): ଏନ୍ ଆରସି ଡବ୍ଲ୍ୟୁଡି ପକ୍ଷରୁ ରେଳ ଅଡିଟୋରିୟମରେ ଅନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ଅନୁଷ୍ଠିତ ହୋଇଯାଇଛି । ଦିବସର ବିଷୟବସ୍ତୁ ରହିଥିଲା, ସମ୍ମାନର ସହିତ ବାର୍ଦ୍ଧକ୍ୟ, ବିଶ୍ୱବ୍ୟାପୀ ବୟସ୍କ ବ୍ୟକ୍ତିଙ୍କ ଯତ୍ନ ଏବଂ ସମର୍ଥନ ପ୍ରଣାଳୀକୁ ମଜଭୁତ କରିବାକୁ ଗୁରୁତ୍ୱ ଦେବା । ମୁଖ୍ୟ ଅତିଥି ବାଚସ୍ପତି ସୁରମା ପାଢ଼ୀ, ସମ୍ମାନିତ ଅତିଥି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଆଦିତ୍ୟ ବାହିନୀ ଗୋବର୍ଦ୍ଧନ ପୀଠ ପୁରୀର ସଭାପତି ପଣ୍ଡିତ ମାତୃପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇ କହିଥିଲେ ସମାଜରେ ବରିଷ୍ଠ ନାଗରିକଙ୍କ ଅବଦାନ ଅତୁଳନୀୟ । ଏନ୍‌ଆରସିଡବ୍ଲ୍ୟୁଡି ପରାମର୍ଶଦାତା ନାଗେଶ୍ୱର ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ପରେ ଆରଆରଟିସି -ଏଚ୍‌ଆରସିଡବ୍ଲ୍ୟୁଡି ପ୍ରକଳ୍ପ ନିର୍ଦ୍ଦେଶିକା ସର୍ମିଲି ପରିଡ଼ା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରତିଷ୍ଠାତା ତଥା ସମ୍ପାଦକ ସୁକାନ୍ତ କୁମାର ପରିଡ଼ା ଅଧକ୍ଷତା କରିଥିଲେ ।

# ବେଆଇନ ବାଣ ଗୋଦାମରେ ପୁଲିସ ଚଢଉ



ବ୍ରହ୍ମପୁର, (ସବ୍ୟୁ): ଦୀପାବଳି ପୂର୍ବରୁ ବେଆଇନ ଭାବେ ବାଣ ବିକ୍ରି କରୁଥିବା ତଥା ବିଭିନ୍ନ ସ୍ଥାନରେ ମହଜୁଦ କରି ରଖିଥିବା ଅସାଧୁ ବ୍ୟବସାୟୀଙ୍କୁ ସାବାଡ କରିବାକୁ ବ୍ରହ୍ମପୁର ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଜାରି ରହିଛି । ଚଳିତବର୍ଷ ଦୀପାବଳୀ ପୂର୍ବରୁ ବ୍ରହ୍ମପୁର ପୁଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ମୋଟ ୬ଟି ବେଆଇନ ବାଣ ବିକ୍ରି ଦୋକାନ ତଥା ଗୋଦାମ ଉପରେ ପୁଲିସ ପକ୍ଷରୁ ଚଢଉ କରିଛ । ଲକ୍ଷ ଟଙ୍କାର ବାଣ ଜବତ ହୋଇଛି। ଏନେଇ ମୋଟ ୬ ଜଣଙ୍କ ନାମରେ ୬ଟି ମାମଲା ରୁଜୁ ହୋଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି । ବଡବଜାର ଥାନା ପକ୍ଷରୁ ୨ ଟି ମାମଲା ରୁଜୁ ହୋଇଥିବା ବେଳେ ବୈଦ୍ୟନାଥପୁର ଥାନା ପକ୍ଷରୁ ଗୋଟିଏ ଏବଂ ଜରଡା ଥାନା ପକ୍ଷରୁ ୩ଟି ମାମଲା ରୁଜୁ ହୋଇଛି । ତେବେ ଆଜି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶ୍ରୀନଗର ସ୍ଥିତ ଏକ ଘରେ ବାଣ ଗଚ୍ଛିତ କରି ରଖାଯାଇଥିବା ଖବର ମିଳିବା ପରେ ପୁଲିସ ପକ୍ଷରୁ ସେଠାରେ ଚଢଉ କରାଯାଇଥିଲା । ସେଠାରୁ ବିଭିନ୍ନ ପ୍ରକାର ବିପୁଳ ପରିମାଣର ବାଣ ଜବତ ହୋଇଥିଲା । ସେହିପରି ଗତକାଲି ରାତିରେ ବଡବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀନୃସିଂହ ସାହି ଠାରେ ଥିବା ଏକ ଘରେ ବେଆଇନ ଭାବେ ବାଣ ମହଜୁଦ କରି ରଖାଯାଇଥିବା ବେଳେ ପୁଲିସ ପକ୍ଷରୁ ଚଢଉ କରାଯାଇ ସେଠାରୁ ମଧ ବିପୁଳ ପରିମାଣର ବାଣ ଜବତ ହୋଇଥିଲା । ଏହି ବାଣ ମହଜୁଦ କରି ରଖିଥିବା ୨ ଯୁବକଙ୍କ ନାମରେ ପୃଥକ ମାମଲା ରୁଜୁ ହୋଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଜବତ ବାଣ ଗୁଡିକ କନିଷି ନିକଟସ୍ଥ ଏକ ସ୍ଥାନରେ ନିଷ୍କ୍ରିୟ କରାଯିବ ବୋଲି ଜଣାପଡ଼ିଛି।

# ମୟୂରଭଞ୍ଜରେ ବାତ୍ୟା ପୂର୍ବପ୍ରସ୍ତୁତି ନିରୀକ୍ଷଣ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜକୁ ବାତ୍ୟା ଦାନାର ପ୍ରଭାବ ପାଣିପାଗ ବିଭାଗ ଦ୍ୱାରା ଆକଳନ କରାଯାଇଥିବା ବେଳେ, ରାଜ୍ୟ ସରକାର ଏଥିପ୍ରତି ବିଶେଷ ଭାବେ ଧ୍ୟାନ ଦେଇ ଏହି ପ୍ରାକୃତିକ ଦୁର୍ବିପାକର ସଫଳ ମୁକାବିଲା ନିମନ୍ତେ ଓ ବାତ୍ୟା ସମୟର ସୁରମ୍ୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବରିଷ୍ଠ ପ୍ରଶାସନିକ ଅଧିକାରୀ ତଥା ନିର୍ଦ୍ଦେଶକ ଓ ଅତିରିକ୍ତ ସଚିବ, ପଞ୍ଚାୟତିରାଜ ଓ ପାନୀୟଜଳ, ସ୍ୱଚ୍ଛତା ବିଭାଗ ବିନୀତ ଭରଦ୍ୱାଜଙ୍କୁ ଦାୟିତ୍ୱ ଦେଇଛନ୍ତି। ସୂଚନାନୁସାରେ, ମୟୂରଭଞ୍ଜରେ ୨୪ତାରିଖ ଠାରୁ ଭୀଷଣ ବର୍ଷା ସହିତ ୬୦ ରୁ ୭୦ କି.ମି ବେଗରେ ପବନ ବହିବାର ଆଶଙ୍କା କରାଯାଉଥିବା ବେଳେ ବାତ୍ୟା ଦାନାର ଲ୍ୟାଣ୍ଡଫଲ ଭଦ୍ରକ ଏବଂ ବାଲେଶ୍ୱର ଜିଲ୍ଲା ମଝିରେ ହେବାର ପୂର୍ବାନୁମାନ ମଧ କରାଯାଉଛି। ଯାହାଫଳରେ, ମୟୂରଭଞ୍ଜର ଦୁଇଟି ଉପଖଣ୍ଡ, ବାରିପଦା ଏବଂ କପ୍ତିପଦାର ବିଭିନ୍ନ ଅଂଚଳ ପ୍ରଭାବିତ ହେବାର ମଧ ଆକଳନ କରାଯାଉଛି। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରୀ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲି, ଜିଲ୍ଲାସ୍ତରରେ କାର୍ଯ୍ୟରତ ସମସ୍ତ ଜରୁରୀକାଳୀନ ଅଧିକାରୀଙ୍କୁ ନେଇ ବୈଠକ କରାଯାଇଥିଲା। ଏହି ବୈଠକରେ ସମସ୍ତ ଉପଜିଲ୍ଲାପାଳ ଓ ବିଡ଼ିଓ ମାନେ ମଧ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ଶ୍ରୀ ଭରଦ୍ୱାଜ ପ୍ରଥମେ, ବର୍ତ୍ତମାନ ସୁଦ୍ଧା ହୋଇଥିବା ସମସ୍ତ କାର୍ଯ୍ୟାବଳୀର ବିବରଣୀ, ସମସ୍ତ ଅଧିକାରୀଙ୍କ ଠାରୁ ଶୁଣିଥିବାବେଳେ ସମସ୍ତ କାର୍ଯ୍ୟକୁ ଶୀଘ୍ର ଓ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ସମୟରେ ପବନର ବେଗ ୯୦ କି.ମି ପ୍ରତି ଘଣ୍ଟା ରହିବ ଏଣୁ ଏଥିନିମନ୍ତେ ସ୍ଥାନାନ୍ତରୀକରଣ କାର୍ଯ୍ୟକୁ ବିଶେଷ ଅଗ୍ରାଧିକାର ଦିଆଯିବ ବୋଲି ଶ୍ରୀ ଭରଦ୍ୱାଜ କହିଥିଲେ। ଏହି କାର୍ଯ୍ୟକୁ ପ୍ରଖର କରିବା ପାଇଁ ପୋଲିସ ବିଭାଗ ସହିତ ପୂର୍ତ୍ତ ବିଭାଗ, ଅଗ୍ନିଶମ, ବନ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ ଟିମ ଗଠନ କରି ବିଭିନ୍ନ ସମ୍ଭାବ୍ୟ ପ୍ରଭାବିତ ଅଂଚଳରେ କାର୍ଯ୍ୟକରିବାକୁ ଶ୍ରୀ ଭରଦ୍ୱାଜ ନିର୍ଦ୍ଦେଶ ଦେଇଥିଲେ। ବାତ୍ୟା ସମୟ ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ, ବାତ୍ୟା ପୂର୍ବ ଏବଂ ପର ସ୍ଥିତି। ଏଣୁ ପ୍ରଥମେ ବାତ୍ୟା ହେବ ପୂର୍ବରୁ ଜନସାଧାରଣ, ଗୃହପାଳିତ ପଶୁ ମାନଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କାର୍ଯ୍ୟ, ସ୍ଥାନାନ୍ତରଣ, ଏବଂ ପରବର୍ତ୍ତୀ ସମୟରେ ରାସ୍ତା ମରାମତି, ଭାଙ୍ଗି ପଡିଥିବା ଗଛର ନିଷ୍କାସନ ଓ ବିଦ୍ୟୁତ୍ ମରାମତି କାର୍ଯ୍ୟ ହେବା ଆବଶ୍ୟକ ବୋଲି ଶ୍ରୀ ଭରଦ୍ୱାଜ କହିଥିଲେ। ସ୍ଥାନାନ୍ତରୀକୃତ ହୋଇଥିବା ଲୋକ ମାନଙ୍କୁ ଉତ୍ତମ ରନ୍ଧା ଖାଦ୍ୟ, ମେଡ଼ିସିନ ଏବଂ ରହୁଥିବା ସ୍ଥାନର ସ୍ୱଚ୍ଛତା ଉପରେ ଧ୍ୟାନ ରଖିବାକୁ ଏବଂ ବିଶୁଦ୍ଧ ଜଳ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଶ୍ରୀ ଭରଦ୍ୱାଜ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ପୋଲିସ ପ୍ରଶାସନକୁ ମଧ ସୁରକ୍ଷା ଦୃଷ୍ଟିକୋଣରୁ ପ୍ରତ୍ୟେକ ବାତ୍ୟା ଆଶ୍ରୟ ସ୍ଥଳୀଠାରେ ସୁରକ୍ଷାକର୍ମୀ ନିଯୁକ୍ତି କରିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ପ୍ରଭାବିତ ଅଂଚଳ ଯଥା, ବଡ଼ସାହି, ବେତନଟୀ, ରସଗୋବିନ୍ଦପୁର, ବୈସିଙ୍ଗା, ଗୋପବନ୍ଧୁ ନଗରର ପୁରୁଣା ବାରିପଦା, ମାଣତ୍ରୀ ପଂଚାୟତ, କପ୍ତିପଦାର ଶରତ ଅଂଚଳ, ଉଦଳାର ବିଭିନ୍ନ ଅଂଚଳକୁ ଜିଲ୍ଲାପାଳ ଶ୍ରୀ ସୟଙ୍କ ସହିତ ନିର୍ଦ୍ଦେଶକ ଶ୍ରୀ ଭରଦ୍ୱାଜ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଗଣ ପରିଦର୍ଶନରେ ଯାଇ ସେଠାକାର ଉଦ୍ଧରିକରଣ କାର୍ଯ୍ୟ ନିରୀକ୍ଷଣ କରିଥିଲେ ଏବଂ ଏହି ଦୁର୍ବିପାକର ସମ୍ପୂର୍ଣ୍ଣ ଅବସାନ ହେବା ପର୍ଯ୍ୟନ୍ତ ଜିରୋ କାଜୁଆଲିଟିକୁ ଧ୍ୟାନ ଦେବା ପାଇଁ ତତ୍ପର ରହିବାକୁ କହିଥିଲେ। ସୂଚନା ଥାଉକି, ଜିଲ୍ଲାରେ ଏହି ଜରୁରୀକାଳୀନ ପରିସ୍ଥିତି ପାଇଁ ସମସ୍ତ ବିଭାଗ ତରଫରୁ ଜରୁରୀକାଳୀନ ଟେଲିଫୋନ ନମ୍ବର ଜାରି କରାଯାଇଛି ଏବଂ ଜିଲ୍ଲା ପ୍ରଶାସନ ନିଜ ଅଫିସିଆଲ ସୋସିଆଲ ମିଡ଼ିଆ ହ୍ୟାଣ୍ଡେଲରେ ସମସ୍ତ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରୁଛନ୍ତି।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଉଦ୍ୟମିତା ପ୍ରୋତ୍ସାହନସମ୍ମିଳନୀ




ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ବିକଶିତ ଭାରତ ଅଭିଯାନର ମିଳିତ ସହଯୋଗରେ ଉଦ୍ୟମିତା ପ୍ରୋତ୍ସାହନ ସମ୍ମିଳନୀ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଅର୍ଣ୍ଣଦା ଶଙ୍କର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଶିକ୍ଷିତ ବ୍ୟକ୍ତିର ବ୍ୟବହାରିକ ଜ୍ଞାନ ଉପରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ଆଜିର ଭାରତରେ ଚାକିରୀ ସର୍ବସ୍ୱ ମାନସିକତା ହିଁ ବେକାରୀ ସମସ୍ୟା ସୃଷ୍ଟି କରିଛି ବୋଲି ସେ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ନିଜର ନିକଟ ପରିବେଶର ଆବଶ୍ୟକତା ଉପରେ ଦୃଷ୍ଟି ରଖି ଉଦ୍‌ଭାବନୀ ଶକ୍ତି ଦ୍ୱାରା ଯୁବସମାଜ କିପରି ସଫଳ ଉଦ୍ୟୋଗୀ ହୋଇପାରିବେ ସେ ଦିଗରେ ବିଭିନ୍ନ ସଫଳ ବ୍ୟକ୍ତିଙ୍କ ଦୃଷ୍ଟାନ୍ତ ତୋଳି ଧରିଥିଲେ। ରାଜ୍ୟ ସ୍ୱଦେଶୀ ଜାଗରଣ ମଞ୍ଚର ସଦସ୍ୟ ସୌଭାଗ୍ୟ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାଧାରଣ ସ୍ତରରୁ ଉଦ୍ୟମ କରି ଜୀବନରେ ସ୍ୱକୀୟ ଉଦ୍ୟମ ଫଳରେ ସଫଳତା ଅର୍ଜନ କରିବା ସହିତ ଅନେକ ବ୍ୟକ୍ତିଙ୍କ ପାଇଁ କର୍ମସଂସ୍ଥାନ କରିପାରିଥିବା ଗୋବିନ୍ଦ ମହାପାତ୍ର, ବିବେକାନନ୍ଦ ମିଶ୍ର ଓ ଶିଶିର କୁମର ମହାନ୍ତଙ୍କୁ ଉତ୍ତରୀୟ ଓ ପାଦପ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜିକା ସହକାରୀ ପଫେସର ଡଃ ବିଷ୍ଣୁପ୍ରିୟା ହାଁସଦା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସ୍ୱଦେଶୀ ଜାଗରଣ ମଞ୍ଚର ଜିଲ୍ଲା ସଂଯୋଜକ ଅଜିତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀଗଣ ଯୋଗଦାନ କରିଥିଲେ।

# ଗଞ୍ଜେଇ ଜବତ ଦୁଇ ଗିରଫ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ପୁଲିସକୁ ମିଳିଛି ବଡ ସଫଳତା । ୨୧୬ କେଜି ୫୦୦ ଗ୍ରାମ ଗଞ୍ଜେଇକୁ ଜବତ କରିଥିବା ବେଳେ ଚାଲାଣରେ ବ୍ୟବହୃତ ଏକ କାରକୁ ଜବତ କରାଯାଇଛି । ଘଟଣାରେ ସମ୍ପୃକ୍ତ ଦୁଇ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏନେଇ ମଙ୍ଗଳବାର ଗଜପତି ପୁଲିସ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି । ସୂଚନା ମୁତାବକ ମଧ୍ୟାହ୍ନରେ ଆର୍ ଉଦୟଗିରି ଥାନାର ଏସ୍ଆଇ ସନ୍ଦୀପ ହେମ୍ବ୍ରମଙ୍କ ସମେତ ଥାନାର ଅନ୍ୟାନ୍ୟ ପୁଲିସ କର୍ମଚାରୀ ପରିମଳ- ଏନ୍. ଝାଲାରସିଂ ମୁଖ୍ୟରାସ୍ତା ଅନ୍ତର୍ଗତ ପଣସପଦର ଛକ ଦେଇ ଯାଉଥିବା ଏକ କାରକୁ ଯାଞ୍ଚ ପାଇଁ ଅଟକାଇଥିଲେ। ଯାଞ୍ଚ ବେଳେ ସେଥିରେ ୭ ଜରି ବ୍ୟାଗରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ଏହାପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ନୂଆଗଡ ତହସିଲଦାର ଡ. ମୋନାଲିସା ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇଓଜନ କରାଯାଇଥିଲା ଓଜନ ବେଳେ ୨୧୬ କେଜି ୫୦୦ ଗ୍ରାମ ଓଜନର ଗଞ୍ଜେଇ ଥିବା ଜଣାପଡିଥିଲା। ଏହାର ଆନୁମାନିକ ମୂଲ୍ୟ ୩୭ ଲକ୍ଷ ୪୯ ହଜାର ହେବ ବୋଲି ସୂଚନା ମିଳିଛି । ଗଞ୍ଜେଇ ଚାଲାଣ କରୁଥିବା ୩ ଜଣ ଚାଲାଣକାରୀଙ୍କ ମଧ୍ୟରୁ ଘଟଣାସ୍ଥଳରୁ ଜଣେ ଖସି ପଳାଇଥିବା ବେଳେ ଧରାପଡିଥିବା ଦୁଇ ଅଭିଯୁକ୍ତ ହେଲେ ରାୟଗଡା ଜିଲ୍ଲା ପଦ୍ମପୁର ଥାନା ଅନ୍ତର୍ଗତ ଗୋରିବନ୍ଧା ଗ୍ରାମର ପ୍ରସାଦ ଗାଣ୍ଡା (୨୫) ଏବଂ ଗଜପତି ଜିଲ୍ଲାର ଉଦୟଗିରି ଥାନା ଅନ୍ତର୍ଗତ ଆଟିଲିଙ୍ଗା ଗ୍ରାମର ରାନୁ ବଣିଆ (୧୯)ଙ୍କୁ ଧରିଥିଲେ ପୁଲିସ ଦଳ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୬ ଲକ୍ଷ ୪୯ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏନେଇ ରା.ଉଦୟଗିରି ଥାନାରେ ଏମ ମାମଲା ରୁଜୁ କରାଯାଇ ଏହି ଘଟଣାର ତଦନ୍ତ ଏସ୍ଆଇ ସ୍ୱପ୍ନାରାଣୀ ବେହେରା କରୁଥିବା ସୂଚନା ପ୍ରଦାନ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରା. ଉଦୟଗିରି ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ଉପସ୍ଥିତ ଥିଲେ।

# ରକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଟାଇମ୍ସ ବିଜିନେସ ଆୱାର୍ଡ଼ରେ ଟିପିଏସ୍ଓଡିଏଲ୍ ପୁରସ୍କୃତ




ବ୍ରହ୍ମପୁର, (ସବ୍ୟୁ): ଟାଇମ୍ସ ଅଫ୍ ଇଣ୍ଡିଆ ଗ୍ରୁପ୍ ପକ୍ଷରୁ ଆୟୋଜିତ ଟାଇମ୍ସ ବିଜିନେସ୍ ଆୱାର୍ଡ ଓଡ଼ିଶା-୨୦୨୪ରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପୁରସ୍କୃତ ହୋଇଛି। ବିଦ୍ୟୁତ ନିରାପତ୍ତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କମ୍ପାନୀକୁ ଏହି ସ୍ୱୀକୃତି ମିଳିଛି। ଭୁବନେଶ୍ୱରରେ ଆୟୋଜିତ ଏକ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀମୋହନ ଚରଣ ମାଝୀ ଟିପିଏସ୍ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ବିଦ୍ୟୁତ ସୁରକ୍ଷା କ୍ଷେତ୍ରରେ ଟିପିଏସ୍ଓଡିଏଲର ଅଭିନବ ପଦକ୍ଷେପ ତଥା ପରିଚାଳନାଗତ ନିରାପତ୍ତା ଏବଂ ଲୋକଙ୍କ ସୁରକ୍ଷାକୁ ଉନ୍ନତ କରିବା ଉଦ୍ଦେଶ୍ୟରେ ଅତ୍ୟାଧୁନିକ କୌଶଳ ଉପଯୋଗକୁ ଭିତ୍ତି କରି ଏହି ସମ୍ମାନ ଦିଆଯାଇଛି। ଏହି ଉତ୍ସବରେ ରାଜ୍ୟର ଶିଳ୍ପ, ବୈଷୟିକ ଶିକ୍ଷା ଏବଂ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୁରକ୍ଷା ଉତ୍କର୍ଷତାର ଏହି ଯାତ୍ରାରେ ଦୈନନ୍ଦିନ କାର୍ଯ୍ୟରେ ବିପଦକୁ ହ୍ରାସ କରିବା ପାଇଁ କମ୍ପାନୀ ପକ୍ଷରୁ ଅନେକ ସୁରକ୍ଷା ପଦକ୍ଷେପ ଏବଂ ଅଭିନବ ଅଭ୍ୟାସ ନିଆଯାଇଛି। କ୍ରମାଗତ ଭାବେ ବିଭିନ୍ନ ମହଲରେ ଏସବୁ ପଦକ୍ଷେପ ପ୍ରଶଂସିତ ହୋଇଛି। ଟିପିଏସ୍ଓଡିଏଲର ସମସ୍ତ ପଦକ୍ଷେପରେ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଅଛି। 'ଜିରୋ ହାର୍ମ' ଲକ୍ଷ୍ୟ ହାସଲ କରିବା ଉପରେ କମ୍ପାନୀର ସର୍ବୋଚ୍ଚ ପ୍ରାଥମିକତା ରହିଛି । ଏକ ସୁରକ୍ଷିତ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ଏବଂ ଲୋକଙ୍କ ମଧ୍ୟରେ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀ ପକ୍ଷରୁ ନିରନ୍ତର ଭାବେ ଅଭିନବ ଜ୍ଞାନକୌଶଳ ଓ ଅଭ୍ୟାସରେ ନିବେଶ କରାଯାଇଛି। କମ୍ପାନୀର ସୁରକ୍ଷା ପଦକ୍ଷେପଗୁଡ଼ିକ ମଧ୍ୟରେ ପ୍ରେସ୍ ଫିଟ୍ ଫ୍ୟୁଜ୍, ପୋଲ୍ ମାଉଣ୍ଟେଡ୍ ଭୋଲ୍ଟେଜ୍ ଡିଟେକ୍ଟର, ଡ୍ରୋନ୍ ଆଧାରିତ ସୁରକ୍ଷା ପର୍ଯ୍ୟବେକ୍ଷଣ, ଏଆଇ-ଏମଏଲ୍ ରିମୋଟ୍ ସେଫ୍ଟି ସର୍ଭିଲାନ୍ସ ଏବଂ ସୁରକ୍ଷା ପ୍ରହରୀ ଆପ୍, ସେଫ୍ଟିଫାଇ- ଜେଏସଏ ଆପ୍, ସୁରକ୍ଷା କବଚ ୨.୦ ପିଟିଡବ୍ଲ୍ୟୁ ଆପ୍ ଭଳି ଡିଜିଟାଲ ଉପକରଣ ସମେତ ଏଚଓଟିଟି ସେଣ୍ଟର ରହିଛି। ଏହି ଅଭିନବ ପଦକ୍ଷେପଗୁଡିକ ଶ୍ରମଶକ୍ତି ଏବଂ ଜନସାଧାରଣଙ୍କୁ ସୁରକ୍ଷିତ ରଖିବାରେ ସହାୟକ ହେଉଅଛି। ଏହି ସମ୍ମାନଜନକ ସ୍ୱୀକୃତି ସମ୍ପର୍କରେ ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ସୁରକ୍ଷା କ୍ଷେତ୍ରରେ ଆମର ଅଭିନବ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀଙ୍କଠାରୁ ଏହି ପୁରସ୍କାର ପାଇ ଆମେ ପ୍ରକୃତରେ ଗର୍ବିତ। ଟିପିଏସ୍ଓଡିଏଲରେ ସୁରକ୍ଷା କେବଳ ଏକ ଲକ୍ଷ୍ୟ ନୁହେଁ ବରଂ ଏକ ପ୍ରମୁଖ ମୂଲ୍ୟବୋଧ ଯାହା ଆମର ସମସ୍ତ ପ୍ରୟାସକୁ ମାର୍ଗଦର୍ଶନ ଦିଏ। ଏହି ପୁରସ୍କାର ଆମ ଟିମର ସମର୍ପିତ ମନୋଭାବକୁ ଦର୍ଶାଏ। ସୁରକ୍ଷା ପରିଚାଳନାରେ ନିରନ୍ତର ଉଦ୍ଭାବନ ଏବଂ ସର୍ବୋତ୍ତମ ଅଭ୍ୟାସ ମାଧ୍ୟମରେ ଏକ ସୁରକ୍ଷିତ, ସୁସ୍ଥ କାର୍ଯ୍ୟ ପରିବେଶ ସୃଷ୍ଟି କରିବା ଦିଗରେ ଆମେ ପ୍ରତିଶ୍ରୁତିବଦ୍ଧ। ସୁରକ୍ଷା ପ୍ରଶିକ୍ଷଣ, ଜନସଚେତନତା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ମାଧ୍ୟମରେ ଟିପିଏସ୍ଓଡିଏଲ୍ ଦକ୍ଷିଣ ଓଡ଼ିଶାର ବିଦ୍ୟୁତ ବିତରଣ କ୍ଷେତ୍ରରେ ସୁରକ୍ଷାକୁ ପ୍ରାଧାନ୍ୟ ଦେବା ସହ ଏଦିଗରେ ଅଗ୍ରଣୀ ଭୂମିକା ନେଇଛି। ଏହି କାର୍ଯ୍ୟକ୍ରମରେ କମ୍ପାନୀର ବ୍ରହ୍ମପୁର ସର୍କଲ ମୁଖ୍ୟ ଶ୍ରୀ ଚନ୍ଦନ ଦାସ ମଧ ଉପସ୍ଥିତ ଥିଲେ ।

# ବିପର୍ଯ୍ୟୟ ପରିଚାଳନା ନେଇ ସମୀକ୍ଷା ବୈଠକ

ଛତ୍ରପୁର, (ସବ୍ୟୁ): ସମ୍ଭାବ୍ୟ ବାତ୍ୟା ଦାନା ର ପ୍ରଭାବ ଗଞ୍ଜାମ ଜିଲ୍ଲାକୁ ରହୁଥିବା ହେତୁ ଲୋକଙ୍କ ଧନ ଜୀବନକୁ ସୁରକ୍ଷା ପ୍ରଦାନ କରି ଜିଲ୍ଲାର ଜିରୋ କାଜୁଆଲିଟି ରହିବ ସେଥି ସକାଶେ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଅଛି । ପାଣିପାଗ ବିଭାଗର ପୂର୍ବାନୁମାନକୁ ଲକ୍ଷ୍ୟ କରି ରାଜ୍ୟ ସରକାର ସମସ୍ତ ପ୍ରକାର ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି । ଏଣୁ ଗଞ୍ଜାମ ଜିଲ୍ଲାର ସମୁଦ୍ରକୂଳିଆ ଲୋକେ ନଦୀ ପାର୍ଶ୍ୱରେ ବସବାସ କରୁଥିବା ଲୋକେ ମାଟିକାନ୍ଥ ଘରେ ରହୁଥିବା ପରିବାର, ଚିଲିକା କୂଳିଆ, କଚ୍ଚା ଘରେ କିମ୍ବା ବିପଦପୂର୍ଣ୍ଣ ସ୍ଥିତିରେ ଥିବା ଘରର ଲୋକଙ୍କୁ ସ୍ଥାନାନ୍ତର କରି ସେମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳ ମାନଙ୍କରେ ରଖାଯାଇ ରନ୍ଧା ଖାଦ୍ୟ ପ୍ରଦାନ କରିବା ନେଇ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଆଭାସୀ ବୈଠକରେ ସମସ୍ତ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଆଜି ସଂଧ୍ୟା ସୁଦ୍ଧା ସେମାନେ ସ୍ଥାନାନ୍ତର ହେବେ ସେହି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ସଜାଗ ରହିଥିବା ଜଣା ପଡିଛି । ଜିଲ୍ଲାର ସମସ୍ତ ବ୍ଲକ୍ ଅଧିକାରୀ ମାନଙ୍କୁ ଗୋଟିଗୋଟି କରି ବୁଝା ଯାଇଛି। ସମୁଦାୟ ୨୫ ହଜାର ଲୋକ ସ୍ଥାନାନ୍ତର ହୋଇ ବିଭିନ୍ନ ଆଶ୍ରୟ ସ୍ଥଳ ମାନଙ୍କରେ ରହିବେ। ସେହିଠାରେ ରନ୍ଧା ଖାଦ୍ୟ, ପାନୀୟ ଜଳ, ଆଲୋକ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଇତ୍ୟାଦି ସମସ୍ତ ବ୍ୟବସ୍ଥା ସକାଶେ କେଉଁ ପ୍ରକାର ପ୍ରସ୍ତୁତି ହୋଇଛି ତାହା ବୁଝାଯାଇଛି ଏବଂ ସେହି ତଥ୍ୟକୁ ରାଜ୍ୟ ସ୍ତରକୁ ପ୍ରେରଣ କରାଯାଇଛି । ଜିଲ୍ଲାର ୧୬୭୮ ଗର୍ଭବତୀ ମହିଳା ଚିହ୍ନଟ କରାଯାଇ ଏଥି ମଧ୍ୟରୁ ୧୯୨ ଜଣଙ୍କୁ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ଏଯାବତ୍ ଜିଲ୍ଲାରେ ୧୦୯ ଗୋଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ରହିଥିବା ବେଳେ ଅତିରିକ୍ତ ୭୦୦ ଗୋଟି ଆଶ୍ରୟ ସ୍ଥଳୀ ଚିହ୍ନଟ କରାଯାଇଛି ଛ ଚିଲିକା, ସମୁଦ୍ର କିମ୍ବା ନଦୀରେ ମାଛ ଧରିବା ସକାଶେ ଜିଲ୍ଲାପାଳ ଶ୍ରୀ ପରିଡା ବାରଣ କରିଛନ୍ତି । ସମସ୍ତ ଅଞ୍ଚଳ ଗୁଡିକୁ ତୀକ୍ଷ୍ଣ ନଜର ରଖିବାପାଇଁ ଟିମ୍ ଗଠନ କରିବାକୁ ପରାମର୍ଶ ଦିଆଯାଇଛି । ମାଛ ଧରିବା ଲୋଭରେ ଲୋକଙ୍କ ଜୀବନ ପ୍ରତି ଯେମିତି ବିପଦ ନହେଉ ସେଥିପାଇଁ ପ୍ରଶାସନକୁ ସଜାଗ ରହିବାକୁ କୁହାଯାଇଛି। ଅତ୍ୟାବଶ୍ୟକୀୟ ସାମଗ୍ରୀର କଳାବଜାରକୁ ରୋକିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ଚଢାଉ କାର୍ଯ୍ୟକୁ ବ୍ୟାପକ କରିବାକୁ କୁହାଯାଇଛି । ତତ୍ ସହିତ ରନ୍ଧା ଖାଦ୍ୟ ଓ ଶିଶୁ ଖାଦ୍ୟ (ବେବି ଫୁଡ୍) ମଧ ଯୋଗାଇବାକୁ କୁହାଯାଇଛି । ନଦୀତଟ, ସମୁଦ୍ରକୂଳ କିମ୍ବା ଚିଲିକା ନିକଟକୁ ଲୋକଙ୍କୁ ଯିବାକୁ ବାରଣ କରାଯାଇଛି । ବିଶେଷ କରି ଖଲ୍ଲିକୋଟ, ଗଞ୍ଜାମ, ରଙ୍ଗେଇଲୁଣ୍ଡା ଓ ଚିକିଟି ଅଞ୍ଚଳକୁ ଅଧିକ ଦୃଷ୍ଟି ଦେବାକୁ କୁହାଯାଇଛି। ସ୍ଥାନାନ୍ତର ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନଜରରେ ରଖି ପୋଲିସ୍ ପ୍ରଶାସନର ସହାୟତା ନେବାକୁ କୁହାଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ ଏବଂ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଆୟୁଷ ପତି ସମସ୍ତ ସୂଚନା ପ୍ରଦାନ କରିଥିବା ବେଳେ ମୁଖ୍ୟଜିଲ୍ଲା ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ମଧୁମିତା, ସମସ୍ତ ଉପଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଲାଇନ୍ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ ।




# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

ବୁଗୁଡ଼ା, (ସବ୍ୟୁ) : ୧୦ମ ଶ୍ରେଣୀ ପରୀକ୍ଷା ଦେଇଥିବା ଜଣେ ନାବାଳିକା ଛାତ୍ରୀକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ପୋଲିସ ଜଣେ ଯୁବକକୁ ସୁଦୂର କେରଳରୁ ଗିରଫ କରଥିବା ବେଳେ ଅପହୃତ ନାବାଳିକାକୁ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଅନ୍ତରପଡା ଗ୍ରାମର ବିଶିକେଶନ ବିଷୋୟୀଙ୍କ ପୁତ୍ର ସୁନୀଲ ବିଷୋୟୀ(୨୧)। ସୁନୀଲ ଟାଇଲ ମିସ୍ତ୍ରୀ ଭାବେ କାମ କରୁଥିବା ବେଳେ ସମ୍ପୃକ୍ତ ନାବାଳିକାକୁ ପ୍ରେମ ଜାଲରେ ଫସାଇ ଗତ ଅପ୍ରେଲ ୨୧ ତାରିଖରେ ଅପହରଣ କରି ନେଇଥିଲା। ପ୍ରଥମେ ହାଇଦ୍ରାବାଦ ଯାଇ ଏକ ମନ୍ଦିରରେ ନାବାଳିକାକୁ ଚୁଡ଼ି, ସିନ୍ଦୁର ପିନ୍ଧାଇବା ପରେ କେରଳର ଅର୍ଣ୍ଣାକୁଲମ ଚାଲି ଯାଇଥିଲା। ଏନେଇ ନାବାଳିକାଙ୍କ ପିତା ବାଲିପଦର ଫାଣ୍ଡିରେ ଏତଲା ଦେବା ପରେ ପୋଲିସ ସେବେଠାରୁ ଅଭିଯୁକ୍ତର ତଲାସରେ ଥିଲା ମୋବାଇଲ ଟ୍ରାକିଙ୍ଗରୁ ଲୋକେସନ ଜଣା ପଡିବା ପରେ ବାଲିପଦର ଫାଣ୍ଡି ଅଧିକାରୀ ନୀଳାଦ୍ରି ରେଡ୍ଡୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ ଅର୍ଣ୍ଣାକୁଲମରେ ପହଞ୍ଚି ଉଭୟଙ୍କୁ ଗତକାଲି ବୁଗୁଡ଼ା ଥାନାକୁ ଆଣିଥିଲେ। ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତ ସୁନୀଲକୁ ଭଞ୍ଜନଗର ଜେଲ ହାଜତକୁ ପଠାଇ ଦିଆ ଯାଇଥିବା ବେଳେ ନାବାଳିକାକୁ ବ୍ରହ୍ମପୁର ଜୁଭେନାଇଲ କୋର୍ଟରେ ହଜାର କରା ଯାଇଛି ।

# କ୍ରୀଡ଼ା ଶିକ୍ଷକଙ୍କ ଛୁରାମାଡରେ ମିଶନଶକ୍ତି ଅଧିକାରୀ ଆହତ

ବୁଗୁଡ଼ା, (ସବ୍ୟୁ): ଜନେକା ଏମବିକେଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହେବାରୁ ମିଶନଶକ୍ତି ଅଧିକାରୀଙ୍କୁ ଜଣେ କ୍ରୀଡା ଶିକ୍ଷକ ଛୁରାମାଡ଼ କରିଥିବା ନେଇ ବୁଗୁଡ଼ା ଥାନାରେ ଅଭିଯୋଗ ହୋଇଛି । ଛୁରା ମାଡ଼ରେ ବୁଗୁଡ଼ା ବ୍ଲକ ମିଶନଶକ୍ତିର ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ(ବିପିସି )ସନୋଜ କୁମାର ଜେନା ଆହତ ହୋଇଥିବା ବେଳେ ନଗୁଡୁ ହାଇସ୍କୁଲର କ୍ରୀଡା ଶିକ୍ଷକ ଦଣ୍ଡପାଣି ସ୍ୱାଇଁଙ୍କ ବିରୁଦ୍ଧରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣା ପଡିଛି । ଅଭିଯୋଗ ଅନୁସାରେ ଗତ ୧୮ତାରିଖରେ ଏମବିକେମାନଙ୍କ ଏକ ରିଭ୍ୟୁ ମିଟିଂ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମାଣିତରା ପଞ୍ଚାୟତର ଏମବିକେ ରଶ୍ମିତା ସାମଲ ସୂଚନା ନଦେଇ ଅନୁପସ୍ଥିତ ଥିବାରୁ ତାଙ୍କୁ ପଞ୍ଚାୟତ ସମିତି ପତ୍ର ସଂଖ୍ୟା-୨୭୭୭, ତା ୧୯-୧୦-୨୪ ପ୍ରକାରେ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ତେବେ ତାଙ୍କୁ କାହିଁକି କାରଣ ଦର୍ଶାଅ ନୋଟିସ ଜାରି ହେଲା କହି ଦଣ୍ଡପାଣି ଗତକାଲି ମଧ୍ୟାହ୍ନ ସମୟରେ ବୁଗୁଡ଼ାରେ ଥିବା ମିଶନଶକ୍ତି କାର୍ଯ୍ୟାଳୟରେ ପହଞ୍ଚି ବିପିସିଙ୍କୁ ଗାଳି ଗୁଲଜ କରିଥିଲେ ଏବଂ ପୁଣି ଅପରାହ୍ନ ୪ଟା ପରେ ବିପିସି ଅଫିସ ବନ୍ଦ କରି ବାହାରକୁ ବାହାରିବା ସମୟରେ ଏକ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ବିପିସିଙ୍କ ବାମ ହାତରେ ଆଘାତ ଲାଗିଥିଲା । ଏନେଇ ବିପିସି ସନୋଜ କୁମାର ଜେନା ଜେନା ବିଡ଼ିଓଙ୍କୁ ଲିଖିତାକାରରେ ଜଣାଇବା ସହ ବୁଗୁଡ଼ା ଥାନାରେ ଅଭିଯୋଗ କରିଥିଲେ ।



# ଉଚ୍ଚଶିକ୍ଷା ମନ୍ତ୍ରୀ ସମୀକ୍ଷା କଲେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି

ଧାମନଗର,(ସବ୍ୟୁ) : ସମ୍ଭାବ୍ୟ ବାତ୍ୟା 'ଦାନା'ର ମୁକାବିଲା ପାଇଁ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରଶାସନିକ ଅଧିକାରୀଙ୍କ ସହ ଧାମନଗର ଠାରେ ଏକ ସମୀକ୍ଷା ବୈଠକ କରିଛନ୍ତି।ଧାମନଗର ପଞ୍ଚାୟତ ସେମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମ୍ଭାବ୍ୟ ବାତ୍ୟା ଦାନାକୁ ନଜର ରଖି ପର୍ଯ୍ୟାପ୍ତ ପରିମାଣରେ ସରକାରୀ ଡାକ୍ତରଖାନାରେ ବିଭିନ୍ନ ପ୍ରକାର ଔଷଧ, ସାପକାମୁଡା ଇଞ୍ଜେକସନ୍ ,ଓଆରଏସ, ଗୃହପାଳିତ ଗୋରୁଗାଈଙ୍କ ପାଇଁ ଗୋ-ଖାଦ୍ୟ ମହଜୁଦ ରଖିବା ସହ ପ୍ରତି ସବ ସେଣ୍ଟର ଏବଂ ପଞ୍ଚାୟତକୁ ପଠାଇବା ପାଇଁ ପରାମର୍ଶ ଦେଇଥିଲେ।ଗ୍ରାମ୍ୟ ପାନୀୟ ଜଳ ବିଭାଗକୁ ବିଶୁଦ୍ଧ ପାନୀୟ ଜଳ ଟ୍ୟାଙ୍କର ମାଧ୍ୟମରେ ଜନସାଧାରଣଙ୍କୁ ଯୋଗାଇବା ସହ ପଞ୍ଚାୟତ ମାନଙ୍କରେ ବସୁଧା ଯୋଜନାରେ ଥିବା ପାଣି ଟାଙ୍କିରେ ପାଣି ସଂରକ୍ଷଣ କରି ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ନିୟନ୍ତ୍ରଣ ପାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।ବାତ୍ୟା ସମୟରେ ଗଛପଡି ରାସ୍ତା ଅବରୋଧ ହେଲେ ସଂଗେ ସଂଗେ ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ ତରଫରୁ କଟର ସାହାଯ୍ୟରେ ରାସ୍ତା ଅବରୋଧ ହଟାଇବା ସହ ଗମନାଗମନର ସୁବିଧା କରିବା ପାଇଁ କହିଥିଲେ।ବିଦ୍ୟୁତ ବ୍ୟାହତ ଜନିତ ସମସ୍ୟା ଘଟିଲେ ୨ ଘଣ୍ଟା ମଧ୍ୟରେ ପୁନଃ ବିଦ୍ୟୁତ ସରବରାହ ପାଇଁ ଟାଟା ପାୱାର ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।ଧାମନଗରରେ ଗୋଟିଏ ଓଡ୍ରାଫ ଟିମ୍ ପ୍ରସ୍ତୁତ ରହିବା ସହ ସମସ୍ତ କର୍ମଚାରୀମାନେ କାର୍ଯ୍ୟାଳୟ ନଛାଡିବା ପାଇଁ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ ନିର୍ଦ୍ଦେଶ ଦେଇଥିଲେ।ଧାମନଗର ବ୍ଲକର ଅର୍ଜୁନପୁର, ହସନବାଦ, ଭଟ୍ଟସାହି, ପାଳସାହି ଏବଂ ରଇପୁର ଆଦି ୫ ଟି ବାତ୍ୟା ଆଶ୍ରୟସ୍ଥଳରେ ସବୁପ୍ରକାର ସୁବିଧା ଯୋଗାଇ ଦିଆଯାଇଛି ବୋଲି ବିଡିଓ ବନବିହାରୀ ଦିନ୍ଦା ସୂଚନା ଦେଇଥିଲେ।ବ୍ଲକର ଧାମନଗର,ଆସୁରାଲି,ଦୋବଲ୍ ଓ ଧୁସୁରି ଆଦି ୪ ଟି ଜୋନରେ ଜୋନାଲ ଅଫିସର ସହ ୩୧ ଟି ପଞ୍ଚାୟତରେ ନୋଡାଲ ଅଫିସର ନିଯୁକ୍ତି ହୋଇଥିବା ସମ୍ପର୍କରେ ବିଡିଓ ସୂଚନା ଦେଇଥିଲେ।।ଶିକ୍ଷକମାନେ ବିଦ୍ୟାଳୟରେ ଉପସ୍ଥିତ ପାଇଁ ମନ୍ତ୍ରୀ ବ୍ଲକ ସହକାରୀ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।ସମ୍ଭାବ୍ୟ ବନ୍ୟା ଅଞ୍ଚଳରେ ୫୦ ହଜାର ପାଣି ପାଉଚ ସହ ୧୦ ଟି ଟ୍ୟାଙ୍କରରେ ପାଣି ପ୍ରସ୍ତୁତ ଥିବା ଜନସ୍ୱାସ୍ଥ୍ୟ ସହକାରୀ ଯନ୍ତ୍ରୀ ସୂଚନା ଦେଇଥିବା ବେଳେ ୩୪ ଜଣ ସହକର୍ମୀଙ୍କୁ ନେଇ ଏନଡିଆରଏଫ ଟିମ ପ୍ରସ୍ତୁତ ଥିବା ସମ୍ପୃକ୍ତ ଇନ୍ସପେକ୍ଟର ରାଜେନ୍ଦ୍ର ସିଂ ରାଣା ମନ୍ତ୍ରୀଙ୍କୁ ସୂଚନା ଦେଇଥିଲେ।ତେବେ ସମ୍ଭାବ୍ୟ ବାତ୍ୟା ପାଇଁ ଲୋକେ ଭୟଭୀତ ଥିବାବେଳେ ଧାନ ଓ ପନିପରିବା କ୍ଷୟ କ୍ଷତି ଆଶଙ୍କାରେ ଚାଷୀକୂଳରେ ଭାଳେଣି ପଡିଥିବା ଦେଖାଦେଇଛି।

## ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି ଅନୁଯାୟୀ ପ୍ରକ୍ରିୟା ଆରମ୍ଭ

# ସମୀକ୍ଷା କଲେ ବରିଷ୍ଠ ଆଇଏଏସ୍ ତ୍ରିଲୋଚନ ମାଝୀ

ଭଦ୍ରକ, (ସବ୍ୟୁ) : ବଙ୍ଗୋପସାଗରରେ ସୃଷ୍ଟ ସମ୍ଭାବ୍ୟ ବାତ୍ୟା ଦାନା ଭଦ୍ରକ ଜିଲ୍ଲା ଆଡ଼କୁ ମୁହାଁଇବାର ସୂଚନା ଅନୁଯାୟୀ ତାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପ୍ରକ୍ରିୟା ଆରମ୍ଭ କରି ସାରିଛି । ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଆବଶ୍ୟକ ମତେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ଏହି ବାତ୍ୟା ମୁକାବିଲା ପ୍ରସ୍ତୁତି ଓ ପରିଚାଳନାର ତଦନ୍ତ ଅଧିକାରୀ ଭାବେ ରାଜ୍ୟ ସରକାରଙ୍କ ତରଫରୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ଭଦ୍ରକର ପୂର୍ବତନ ଜିଲ୍ଲାପାଳ ଓ ବର୍ତ୍ତମାନର ଅତିରିକ୍ତ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବରିଷ୍ଠ ଆଇ.ଏ.ଏସ୍. ଅଧିକାରୀ ତ୍ରିଲୋଚନ ମାଝୀ ପହଞ୍ଚି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସମସ୍ତ ସୁପରଭାଇଜିଂ ଅଧିକାରୀମାନଙ୍କୁ ନେଇ ଜିଲ୍ଲାପାଳଙ୍କ ଉପସ୍ଥିତିରେ ସମୀକ୍ଷା କରିଛନ୍ତି । ଭିତର କନିକା ରୁ ଧାମରା ମଧ୍ୟରେ ବାତ୍ୟା ସ୍ଥଳଭାଗ ଛୁଇଁବାର ଆକଳନ ଅନୁଯାୟୀ ପ୍ରସ୍ତୁତି ଓ ପ୍ରକ୍ରିୟା ଆରମ୍ଭ କରାଯିବାକୁ ଥିବାରୁ ଶ୍ରୀଯୁକ୍ତ ମାଝୀ ସ୍ଥାନାନ୍ତର ପ୍ରକ୍ରିୟା, ଆଶ୍ରୟସ୍ଥଳୀରେ ପାନୀୟଜଳ, ଶୌଚାଳୟ, ପରିମଳ, ଖାଦ୍ୟ ମହଜୁଦ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ବିଦ୍ୟୁତର ବିକଳ୍ପ ଶକ୍ତି ଉପଲବ୍ଧ ଆଦି ବ୍ୟବସ୍ଥାର ପ୍ରସ୍ତୁତି ସମ୍ବନ୍ଧରେ ଟିକିନିଖି ସମୀକ୍ଷା କରିଥିଲେ । ପ୍ରତି ପଞ୍ଚାୟତ, ପ୍ରତି ଗ୍ରାମ, ପ୍ରତି ଆଶ୍ରୟ ସ୍ଥଳ ପାଇଁ ନୋଡ଼ାଲ ଅଧିକାରୀ ନିଯୁକ୍ତି ଓ ସେମାନଙ୍କ ଯୋଗାଯୋଗ ନମ୍ବର ଅବଗତ କରାଇବା ଉପରେ ସେ ଅଧିକ ପ୍ରାଧାନ୍ୟ ଦେଇଥିଲେ । ବାତ୍ୟା ପାଇଁ ପୂର୍ବ ପ୍ରସ୍ତୁତି ତନଖି ସହ ବାତ୍ୟା ସମୟ ଓ ବାତ୍ୟା ପରର କାର୍ଯ୍ୟ ସମ୍ବନ୍ଧରେ ମଧ ଅଧୀକାରୀମାନଙ୍କୁ ସେ ପରାମର୍ଶ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟକି ଧାମରା, ବାସୁଦେବପୁର ବ୍ଲକ୍ ଓ



ବାସୁଦେବପୁର ମ୍ୟୁନିସିପାଲିଟି ପାଇଁ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଧାମନଗର ବ୍ଲକ୍ ଓ ଧାମନଗର ଏନ୍.ଏ.ସି. ପାଇଁ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ବାସୁଦେବପୁର ବ୍ଲକ୍ ଓ ମ୍ୟୁନିସିପାଲିଟି ପାଇଁ ପୂର୍ବତନ ଉପଜିଲ୍ଲାପାଳ, ଭଦ୍ରକ ଓ ବର୍ତ୍ତମାନ ରୋଟିର ଯୁଗ୍ମ ନିର୍ଦ୍ଦେଶକ ମନୋଜ ପାତ୍ର, ଚାନ୍ଦବାଲି ବ୍ଲକ୍ ଓ ଚାନ୍ଦବାଲି ଏନ୍.ଏ.ସି. ପାଇଁ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଭଦ୍ରକ ବ୍ଲକ୍ ଓ ଭଦ୍ରକ ମ୍ୟୁନିସ୍‌ପାଲିଟି ପାଇଁ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ, ତିହିଡ଼ି ବ୍ଲକ୍ ପାଇଁ ଅତିରିକ୍ତ ନିର୍ବାହୀ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ବନ୍ତ ବ୍ଲକ ପାଇଁ ସହକାରୀ ଜିଲ୍ଲାପାଳ ତନ୍ମୟ କୁମାର ଜେନା, ଭଣ୍ଡାରିପୋଖରୀ ବ୍ଲକ ପାଇଁ ସହକାରୀ ଜିଲ୍ଲାପାଳ ଖଗେଶ୍ୱର ବରାଳ ପ୍ରମୁଖଙ୍କୁ ସୁପରଭାଇଜିଂ ଅଧିକାରୀ ଭାବେ ନିୟୋଜିତ କରାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ସୁପରଭାଇଜିଂ ଅଧିକାରୀମାନେ ନିଜ ନିଜ କ୍ଷେତ୍ରକୁ ଗସ୍ତ କରିଛନ୍ତି । ବାତ୍ୟାର ମୁକାବିଲା ନେଇ ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ପହଞ୍ଚିବା ୩ଟି ଏନ୍.ଡ଼ି.ଆର୍.ଏଫ୍, ୬ଟି ଅଗ୍ନିଶମ ବାହିନୀ ଓ ୬ଟି ଓଡ୍ରାଫ୍ ସବ୍‌ଟିମ୍‌କୁ ଗନ୍ତବ୍ୟ ସ୍ଥଳକୁ ପଠାଇ ଦିଆଯାଇଛି । ଚନ୍ଦବାଲିର ଧାମରାରେ, ଧାମନଗର ବ୍ଲକ୍‌ରେ ଏବଂ ଜିଲ୍ଲା ସଦର ମହକୁମାରେ ୩ଟି ଏନ୍.ଡି.ଆର୍.ଏଫ୍ ଦଳ, ବାସୁଦେବପୁର ନାୟିକାଣିଡ଼ିହି, ଚୂଡ଼ାମଣି, କଷିଆରେ, ଚାନ୍ଦବାଲିର ତୋଟାପଡ଼ା, ଯଶୀପର ଏବଂ ନଳଗୋହୀରାରେ ଓଡ୍ରାଫର ସବ୍‌ଟିମ୍, ଧାମନଗର ଧୁଷୁରୀ, ଭଦ୍ରକ ବ୍ଲକ, ଚାନ୍ଦବାଲି ବ୍ଲକ, ତିହିଡ଼ି ଓ ବନ୍ତ ବ୍ଲକ୍‌ର ଅଗ୍ନିଶମ ଦଳ ବାତ୍ୟା ମୁକାବିଲାରେ ଉଦ୍ଧାର, ପୁନଃରୁଦ୍ଧାର, ରିଲିଫ୍ ଆଦି କାର୍ଯ୍ୟପାଇଁ ସଜାଗ ଅଛନ୍ତି ଶେଷ ଖବର ଅନୁଯାୟୀ ଆଶ୍ରୟସ୍ଥଳୀକୁ ଲୋକମାନଙ୍କର ସ୍ଥାନାନ୍ତର ପ୍ରକ୍ରୀୟା ଆରମ୍ଭ କରାଯାଇଛି ।

# ସମ୍ଭାବ୍ୟ ବାତ୍ୟା ଦାନା ନେଇ ସମୀକ୍ଷା ବୈଠକ

ବାହାନଗା, (ସବ୍ୟୁ) : ସମ୍ଭାବ୍ୟ ବାତ୍ୟା ଦାନାର ମୁକାବିଲା କରିବା ପାଇଁ ପ୍ରସ୍ତୁତି ଜାରି ରହିଥିବା ବେଳେ ମଙ୍ଗଳବାର ଦିନ ବାହାନଗା ବ୍ଲକ ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ସୋର ବିଧାୟକ ମାଧବ ଚନ୍ଦ୍ର ଧଡ଼ା ଯୋଗଦେଇ ଦାନା ବାତ୍ୟାର କିପରି ମୁକାବିଲା କରାଯାଇ ପାରିବ ଓ ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀମାନେ କେଉଁ ପ୍ରକାର ସହଯୋଗ କରିବେ ସେ ବାବଦରେ ସମୀକ୍ଷା କରିଥିଲେ । ସେହିପରି ପ୍ରାଣୀ ସମ୍ପଦ ବିଭାଗ ଠାରୁ ଆରମ୍ଭ କରି ମେଡ଼ିକାଲ ପର୍ଯ୍ୟନ୍ତ, ଅଗ୍ନିଶମ ବିଭାଗ ଠାରୁ ଆରମ୍ଭ କରି ବିଦ୍ୟୁତ ବିଭାଗ ପର୍ଯ୍ୟନ୍ତ ସମସ୍ତ ବିଭାଗ ୩ଦିନ ପର୍ଯ୍ୟନ୍ତ ନିଜ ବ୍ଲକ ହେଡକ୍ୱାଟରରେ ସଜାଗ ରହିବା ସହିତ ସମୁଦ୍ର କୂଳିଆ ଅଞ୍ଚଳ ପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଏଥି ସହିତ ଆବଶ୍ୟକସ୍ଥଳେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଖାଦ୍ୟ, ପାନୀୟ, ବିଦ୍ୟୁତ ଓ ଲାଇଟ୍‌ର ବ୍ୟବସ୍ଥା ଯୋଗାଇ ଦେବାକୁ ବିଧାୟକମାନେ ସରକାରୀ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପଞ୍ଚାୟତ ଅଧିକାରୀ ଓ ସରପଞ୍ଚ ନିଜ ନିଜ ପଞ୍ଚାୟତରେ ଉପସ୍ଥିତ ରହି ବାତ୍ୟାର ପ୍ରତିଟି ଗତିବିଧିର ସମସ୍ତ ଘଟଣା ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇବା ସହିତ ବନ୍ୟା ପ୍ରପୀଡିତ ମାନଙ୍କୁ ସାହାଯ୍ୟ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ବାହାନଗା ବିଡ଼ିଓ ରବିନ୍ଦ୍ର କୁମାର ସେଠୀ, ତହସିଲଦାର ସସ୍ମିତା ମୁର୍ମୁ, ସହକାରୀ ଯନ୍ତ୍ରୀ ଲକ୍ଷ୍ମୀକାନ୍ତ ଦାସ, ଖନ୍ତାପଡ଼ା ଥାନା ଅଧିକାରୀ ବିରଞ୍ଚି ନାରାୟଣ ସାହୁ, ଖନ୍ତାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଧିରେଶ ଚନ୍ଦ୍ର ଷଡ଼ଙ୍ଗୀ,୧୮ନମ୍ବର ଜୋନ୍ ଜିଲ୍ଲାପରିଷଦ ନୀଳାମ୍ବର ମହାଳିକ, ନଂ୧୯ମ୍ବର ଜିଲ୍ଲାପରିଷଦ ବିନପ୍ରଭା ଶିଅଳ, ନଂ୨୦ମ୍ବର ଜୋନ୍‌ର ଜିଲ୍ଲାପରିଷଦ ଶିଶିର ଅଗସ୍ତି ପ୍ରମୁଖ ମଞ୍ଚାସୀନ ହୋଇ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ । ବୈଠକରେ ସମସ୍ତ ଲାଇନ୍ ବିଭାଗର କର୍ମଚାରୀ ,ଯନ୍ତ୍ରୀଙ୍କ ସହିତ ୨୪ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ । ସେହିପରି ପ୍ରତ୍ୟେକ ବିଭାଗର କର୍ମଚାରୀମାନେ ସମ୍ଭାବ୍ୟ ବାତ୍ୟାକୁ ଆଖିଆଗରେ ରଖି କମିଟି ତିଆରି କରି ଟୋଲଫ୍ରି ନମ୍ବର ଗୁଡ଼ିକ ସମସ୍ତଙ୍କୁ ଅବଗତ କରାଇଥିଲେ ।

# ଦାନା ପାଇଁ ନଦୀକୂଳିଆ ଲୋକେ ଭୟଭୀତ

ଆଗରପଡ଼ା, (ସବ୍ୟୁ) : ସମ୍ଭାବ୍ୟ ବାତ୍ୟା ଦାନାକୁ ନେଇ ଆଗରପଡ଼ା ତଥା ଏହାର ଆଖପାଖ ଅଂଚଳରେ ଥିବା ସାଳନ୍ଦୀ ନଦୀ କୂଳରେ ଅବସ୍ଥିତ ଗାଁଗଣ୍ଡା ଲୋକମାନଙ୍କ ଆଖିରୁ ନିଦ ହଜିଗଲାଣି। ପୂର୍ବ ବାତ୍ୟାଗୁଡ଼ିକ କରାଳରୂପକୁ ମନେପକାଇ ଧନଜୀବନ କିପରୀ ସୁରକ୍ଷିତ ରଖିବେ ସେଥିନେଇ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି। ବାତ୍ୟା ପ୍ରକୋପରେ ବର୍ଷାର ପରିମାଣ ବଢ଼ିବ ବୋଲି ଜଣାପଡ଼ିବା ପରେ ସାଳନ୍ଦୀ ନଦୀକୂଳିଆ ଗ୍ରାମବାସୀମାନଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଉପରମୁଣ୍ଡରେ ଲଗାଣ ବର୍ଷା ହୋଇ ନଦୀ ଫୁଲିଲେ ଗାଁଗଣ୍ଡା ମଧ୍ୟରେ ପାଣି ପଶି କ୍ଷୟକ୍ଷତି ପହଂଚାଇବା ଏହି ଆଶଙ୍କାରେ ସମସ୍ତେ ରହିଛନ୍ତି। ତତ୍କାଳୀନ କେନ୍ଦ୍ର ଜଳସଂପଦ ମନ୍ତ୍ରୀ ତଥା ସ୍ଥାନୀୟ ସାଂସଦ ସ୍ୱର୍ଗତ ଅର୍ଜୁନ ଚରଣ ସେଠୀଙ୍କ ପ୍ରଚେଷ୍ଟାରେ ସାଳନ୍ଦୀ ନଦୀ ସଂସ୍କାର ପାଇଁ ୧୦୨ କୋଟି ଟଙ୍କା ମଂଜୁର ହୋଇଥିଲା ମାତ୍ର ଏହି କାର୍ଯ୍ୟ ଭଦ୍ରକ ଆଡୁ ଆରମ୍ଭ ହୋଇଥିଲେ ସୁଦ୍ଧା ଆଗରପଡ଼ା ଅଂଚଳକୁ ପହଂଚି ପାରିନଥିଲା। ସ୍ଥାନୀୟ ମହାନ୍ତିପଡ଼ା, ରାଉତରାପୁର, ପାଟକନା, ହଳଦିପହଣୀ, କାଣ୍ଡବା, ସାହୁପଡ଼ା,ଶ୍ରୀରାମପୁର, ଚାରିଗାଁ, ଅଣିଜୋ, ନରିପୁର ଆଦି ସାଳନ୍ଦୀ ନଦୀ କୂଳରେ ଅବସ୍ଥିତ ଗାଁଗୁଡ଼ିକରେ ନଦୀର ଗତିପଥ ବାରମ୍ବାର ପରିବର୍ତ୍ତନ ଯୋଗୁଁ ନଦୀପାଣି ଗାଁ ମଧ୍ୟକୁ ପଶି ଲୋକମାନଙ୍କର କ୍ଷୟକ୍ଷତି ପହଂଚାଇ ଥାଏ ବୋଲି ଅନେକ ନଜୀର ରହିଛି । ମାଫିଆମାନେ ନିୟମିତ ନଦୀରୁ ବାଲି ଓ ଏହାର ପାଶର୍ବରୁ ମାଟି ଖନନ କାର୍ଯ୍ୟ କରୁଥିବାରୁ ଏହିପରି ପରିସ୍ଥିତି ବାରମ୍ବାର ସୃଷ୍ଟି ହେଉଥିବା ସହ ବିଭାଗୀୟ ଅଧିକାରୀମାନଙ୍କ ଜାଣତରେ ଏହି କାର୍ଯ୍ୟ ହେଉଥିବାର ଅଭିଯୋଗ ହେଉଛି। ନଦୀକୂଳ ଖାଲୁଆ ସ୍ଥାନରେ ଘର କରି ରହିଥିବା ଲୋକେ ସମ୍ଭାବ୍ୟ ବାତ୍ୟା ପାଇଁ ସ୍ଥାନ ପରିବର୍ତ୍ତନ କରିବା ଆରମ୍ଭ କରିଛନ୍ତି। ଗୋରୁଗାଈମାନଙ୍କୁ ମଧ୍ୟ ନିରାପଦ ସ୍ଥାନକୁ ନେଇଗଲେଣି। ଧାନ ଓ ପନିପରିବା ଫସଲ ନଷ୍ଟ ହେବାର ଆଶଙ୍କା ଥିବାରୁ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି।

# ପୂର୍ବଶତ୍ରୁତାରୁ ଆକ୍ରମଣ : ଦୁଇ ଗୁରୁତର

ଆଗରପଡ଼ା, (ସବ୍ୟୁ) :ଆଗରପଡ଼ା ଥାନା ଅନ୍ତର୍ଗତ ବଡ଼ମହିଁଷଗୋଠ ଠାରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ପ୍ରଥମେ କଥା କଟାକଟି ପରେ ମାରଣାସ୍ତ୍ର ସାହାଯ୍ୟରେ ଆକ୍ରମଣ ଯୋଗୁଁ ୨ ଜଣ ଗୁରୁତର ଭାବେ ଆହତ ହୋଇ ଜଣେ ଭଦ୍ରକ ଜିଲ୍ଲା ମେଡିକାଲରେ ଓ ଅନ୍ୟ ଜଣେ କଟକ ଏସସିବିରେ ଚିକିତ୍ସାଧୀନ ଥିବାର ଜଣାପଡ଼ିଛି।ଏସଡିପିଓ ତ୍ରିଲୋଚନ ସେଠୀ, ବନ୍ତ ଥାନା ଆଇଆଇସି ଶ୍ରୀବଲ୍ଲଭ ସାହୁ, ଆଗରପଡ଼ା ଥାନା ଓଆଇସି ଶ୍ରୀକାନ୍ତ ପତି ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଆରମ୍ଭ କରିଛନ୍ତି।ଏହି ସଂପର୍କରେ ଆଗରପଡ଼ା ଥାନା କେସ ନଂ୨୦୫ ଓ ୨୦୬/୨୪ରେ ଦୁଇଟି ମାମଲା ରୁଜୁ ହୋଇଛି। ପ୍ରାପ୍ତ ସୂଚନାନୁଯାୟୀ-ଗତ ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ବଡ଼ମହିଁଷଗୋଠ ଗ୍ରାମର କିଶୋର ଜେନା ଓ ଚାରିଗାଁ ଗ୍ରାମର ଅଭିନ୍ନ ଜେନାଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଅଭିନ୍ନ ଉତକ୍ଷିପ୍ତ ହୋଇ ମାରଣାସ୍ତ୍ର ସାହାଯ୍ୟରେ କିଶୋରଙ୍କୁ ଆକ୍ରମଣ କରିଥିଲେ। ଏଥିରେ କିଶୋରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା।ସେ ବର୍ତ୍ତମାନ ଭଦ୍ରକ ଜିଲ୍ଲା ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି। କିଶୋର ଆକ୍ରମଣର ଶିକାର ହେବା ପରେ ତାଙ୍କ ଘର ଲୋକେ ମିଶି ମାରଣାସ୍ତ୍ରରେ ଅଭିନ୍ନଙ୍କୁ ଆକ୍ରମଣ କରିଥିଲେ।ଏହି ଖବର ପାଇ ସ୍ଥାନୀୟ ଥାନା ଓଆଇସି ଶ୍ରୀକାନ୍ତ ପତି ପୋଲିସ କର୍ମଚାରୀମାନଙ୍କ ସହାୟତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଭିନ୍ନଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକକୁ ସ୍ଥାନାନ୍ତର କରାଯାଇଥିଲା।ସେ ବର୍ତ୍ତମାନ କଟକ ଏସସିବିରେ ଚିକିତ୍ସିତ ହେଉଥିବାର ପରିବାର ସୂତ୍ରରୁ ଜଣାପଡ଼ିଛି। ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଛି।

# ବାତ୍ୟା ପାଇଁ ପ୍ରଶାସନର ପ୍ରସ୍ତୁତି

ଠାକୁରମୁଣ୍ଡା, (ସବ୍ୟୁ) : ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ପ୍ରଶାସନ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ଦାନାର ମୁକାବିଲା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ସ୍ୱପ୍ନେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏବିଡିଓ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।ବାତ୍ୟା ଦାନା ପାଇଁ ୧୮ ଟି ଗ୍ରାମପଞ୍ଚାୟତରେ ୫୬ ଟି ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳ ଖୋଲାଯାଇଛି। ପ୍ରତି ଗ୍ରାମପଞ୍ଚାୟତରେ ଚୁଡା, ଗୁଡ଼ ଲାଇଟ, ଏବଂ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ କରାଯାଇଛି । ସରପଞ୍ଚ ଓ ପିଇଓମାନଙ୍କୁ ଏଥିପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ।୨୪ ତାରିଖରୁ ସମସ୍ତ କଚ୍ଚା ଘରେ ବସବାସ କରୁଥିବା ପରିବାରକୁ ସ୍ଥାନାନ୍ତର କରାଯାଇ ସେମାନଙ୍କୁ ରନ୍ଧା ଖାଦ୍ୟ ଏବଂ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ ।୨୪ ତାରିଖ ସନ୍ଧ୍ୟା ପୂର୍ବରୁ ଏହି ବ୍ୟବସ୍ଥା ସରିବ ବୋଲି ନିଷ୍ପତ୍ତି ନିଆଯାଇଛି । ଆଲୋଚନାରେ ୧୮ ଟି ପଞ୍ଚାୟତର ସରପଞ୍ଚ, ପିଇଓ ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ବାତ୍ୟା ମୁକାବିଲା ପାଇଁ ମୁତୟନ ହେଲେ ତଟରକ୍ଷୀ ବାହିନୀ, ଏନ ଡି ଆର ଏଫ, ଅଗ୍ନିଶମ ଓ ଓଡ୍ରାଫ ଟିମ୍

ଭୋଗରାଇ, (ସବ୍ୟୁ) : ପୂର୍ବ ମଧ୍ୟ ବଙ୍ଗୋପସାଗର ରେ କେନ୍ଦ୍ରୀଭୂତ ଦାନା ନାମିତ ସାମୁଦ୍ରିକ ଝଡ଼ ଅତି ଭୀଷଣ ବାତ୍ୟା ରୂପନେଇ ପଶ୍ଚିମ ଉତ୍ତର ଦିଗକୁ ଅଗ୍ରସର ହେଉଥିବା ପାଣିପାଗ ବୈଜ୍ଞାନିକମାନେ ଘନଘନ ଗଣ ମାଧ୍ୟମରେ ସୂଚନା ଦେଉଥିବାବେଳେ ବାତ୍ୟା ମୁକାବିଲା ପାଇଁ ଓଡିଶା ଏବଂ ପଶ୍ଚିମବଙ୍ଗ ଉପକୂଳ ୨ ରାଜ୍ୟରେ ହାଇ ଆଲର୍ଟ ଜାରି କରାଯାଇଛି ।ଏଥି ସହିତ ଉଭୟ ରାଜ୍ୟର ପ୍ରଶାସନ ପକ୍ଷରୁ ଉପକୂଳରେ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ ଖୋଲାଯାଇ ସ୍ଥିତି ପ୍ରତି ତୀକ୍ଷ୍ଣ ନଜର ରଖାଯାଇଛି ।ସମ୍ଭାବ୍ୟ ବାତ୍ୟା କେନ୍ଦ୍ରାପଡା ରାଜନଗର କିମ୍ବା ଧାମରା ପାଖାପାଖି ଲ୍ୟାଣ୍ଡଫଲ କରିବାର ସମ୍ଭାବନା ଥିବାର ଆଇ ଏମ ଡି କହୁଥିବାବେଳେ ଏହି ଭୀଷଣ ବାତ୍ୟା ଓଡିଶା ଉପକୂଳ ଓ ପଶ୍ଚିମବଙ୍ଗ ଅତିକ୍ରମ କରିବ ବୋଲି ପାଣିପାଗ ଦପ୍ତର ପ୍ରଚାର କରୁଛନ୍ତି ।ଏଭଳି ସ୍ଥିତିରେ ଓଡ଼ିଶାର ପାରାଦ୍ୱୀପ, ଧାମରା ପଶ୍ଚିମବଙ୍ଗର ସାଗରଦୀପ, ହଳଦିଆ ଓ କୋଲକାତାରେ ୧ ନଂ ବିପଦ ସଂକେତ ଜାରି କରାଯାଇ ନାଲି ପତାକା ପୋତା ଯାଇଛି । ସାମୁଦ୍ରିକ ଝଡ ଉପକୂଳମୁହାଁ ହେଉଥିବାରୁ ସମୁଦ୍ର ଅଶାନ୍ତ ହୋଇଛି । ବୁଧବାର ସମୁଦ୍ରର ଉତ୍ତାଳ ଢେଉ ଭୟଙ୍କର ରୂପନେଇ କୂଳ ଆଡକୁ ମାଡିଆସି ଦୀଘା - ତାଳସାରୀ ତଟ ସୁରକ୍ଷା ବନ୍ଧରେ କଚାଡି ହୋଇ ପଡୁଛି । ଅପରାହ୍ନ ୨ଟା ଠାରୁ ପାଗର ଅବନତି ହୋଇଥିବାବେଳେ ବର୍ଷା ଆରମ୍ଭ ହୋଇଛ। ଧନଜୀବନ ସୁରକ୍ଷା ଲାଗି ବେଳାଭୂମିରେ ମତ୍ସ୍ୟ ଓ ପ୍ରଶାସନ ପକ୍ଷରୁ କୂଳବାସୀଙ୍କୁ ଉଚ୍ଚ ତଥା ବାତ୍ୟାଶ୍ରୟସ୍ଥଳୀକୁ ଚାଲିଯିବା ସହିତ ସମୁଦ୍ରକୁ ନଯିବାକୁ ଡାକବାଜିଯନ୍ତ୍ରରେ ପ୍ରଚାର କରାଯାଉଛି । ବାଲେଶ୍ୱର ଉପକୂଳ ବିଭିନ୍ନ ସ୍ଥାନରେ ଏନ ଡି ଆର ଏଫ, ଓଡ୍ରାଫ ଓ ଅଗ୍ନିଶମ ବିଭାଗ ମୁତୟନ ଥିବାବେଳେ ପଶ୍ଚିମବଙ୍ଗ ଦୀଘା ଉପକୂଳରେ ମଧ୍ୟ ଅନୁରୂପ ଭାବେ ସମସ୍ତ ବିଭାଗକୁ ସଜାଗ ରଖାଯାଇଛି । ଭୋଗରାଇ ବ୍ଲକର ସମୁଦ୍ର କୂଳିଆ ଗାଁ ର ସହସ୍ରାଧିକ ଲୋକଙ୍କୁ ଅଣାଯାଇ ବାତ୍ୟାଶ୍ରୟସ୍ଥଳୀରେ ପ୍ରଶାସନ ରଖିଥିବାର ସୂଚନା ମିଳିଛି । ସ୍ଥିତି ଦେଖି ଅଧିକ ଲୋକଙ୍କୁ ୨ ୨ ଟି ବାତ୍ୟାଶ୍ରୟ ସ୍ଥଳୀଙ୍କୁ ନିଆଯିବାର ବ୍ୟବସ୍ଥା ହେଉଛି । ବାଲେଶ୍ୱର ଡେପୁଟି କଲେକ୍ଟର ନାରାୟଣ ହେମ୍ବ୍ରମ, ପିଡି ବିଶ୍ୱରଞ୍ଜନ ନାୟକ, ବିଡ଼ିଓ ହିମାଂଶୁ ଶେଖର ଗିରି, କାର୍ଯ୍ୟନିର୍ବାହୀ ସହକାରୀ ଯନ୍ତ୍ରୀ ଇଂ ସୁଦୀପ୍ତ କୁମାର ରାଉତ ସହ ବିଭାଗୀୟ ଅଧିକାରୀ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ପ୍ରମୁଖ ଭୋଗରାଇ ବିଭିନ୍ନ ବାତ୍ୟାଶ୍ରୟସ୍ଥଳୀ ପରିଦର୍ଶନ କରିବା ସହିତ ଜିରୋ କାଜୁଏଲଟିକୁ ଗୁରୁତ୍ୱ ଦେଇଛନ୍ତି। କୂଳରେ ଶତାଧିକ ମାଛଧରା ଟ୍ରଲର, ଡ଼ଙ୍ଗା ଓ ଜାଲକୁ ମତ୍ସ୍ୟ ଜୀବୀମାନେ ସୁରକ୍ଷିତ ରଖିଥିବାବେଳେ ଏହି ବାତ୍ୟା ଚାଷୀକୁଳ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେବବୋଲି ଆଶଙ୍କା କରାଯାଇଛି ।

# ବାତ୍ୟା ପାଇଁ ଜିଲ୍ଲା ବିଜେଡ଼ିର କମିଟି ଗଠିତ

ବାଲେଶ୍ୱର,(ସବ୍ୟୁ) :ସମ୍ଭାବ୍ୟ ସାମୁଦ୍ରିକ ବାତ୍ୟା ଦାନା ଆଗାମୀ ଗୁରୁବାର ରାତିରେ ସ୍ଥଳଭାଗରେ ଲ୍ୟାଣ୍ଡଫଲ କରିବାକୁ ଯାଉଛି । ବାଲେଶ୍ୱର ଜିଲ୍ଲା ପ୍ରଶାସନ ତଳିଆ ଅଞ୍ଚଳ ଏବଂ ସମୁଦ୍ର ଉପକୂଳରେ ବସବାସ କରୁଥିବା ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଓ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ଥଇଥାନ କରିବାକୁ ପଦକ୍ଷେପ ନେଉଛନ୍ତି । ଏହି ପରୀପେକ୍ଷୀରେ ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବାଲେଶ୍ୱର ବିଜେଡ଼ି ପକ୍ଷରୁ ଲୋକଙ୍କୁ ଜିଲ୍ଲା ପ୍ରଶାସନ କିଭଳିଭାବେ ଥଇଥାନ କରି ଖାଦ୍ୟ, ପାନୀୟ, ଔଷଧ, ଚିକିତ୍ସା, ପଶୁସମ୍ପଦର ଚିକିତ୍ସା ପ୍ରଦାନ, ଖାଲୁଆ ଅଞ୍ଚଳରେ ଲୁଣିପାଣି ପ୍ରବେଶକୁ ରୋକିବା ଦିଗରେ କିଭଳି ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ତଦାରଖ କରିବା ଲାଗି ୨୦ଜଣିଆ କମିଟି ଗଠନ କରାଯାଇଛି । ବୁଧବାର ଅପରାହ୍ନରେ ସ୍ଥାନୀୟ ସର୍କିଟ ହାଉସରେ ବିଜେଡ଼ିର ପୂର୍ବତନ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ବିଜେଡ଼ି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବସ୍ତା ବିଧାୟିକା ସୁବାସିନୀ ଜେନା, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ବରିଷ୍ଠ ବିଜେଡ଼ି ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ବାଲେଶ୍ୱର ପୌରାଧ୍ୟକ୍ଷା ସବିତା ସାହୁ, ଉପନଗରପାଳ କୈଳାଶ ଚନ୍ଦ୍ର ସେଠୀ,ବରିଷ୍ଠ ବିଜେଡ଼ି ନେତା ରଂଜନ ବାଗ, ପୂର୍ବତନ ପୌରଉପାଧ୍ୟକ୍ଷ ମନୋଜ ରାଉତ, ଧିରେନ୍ ନାୟକଙ୍କ ସମେତ ବହୁ ବିଜେଡ଼ି ନେତୃମଣ୍ଡଳୀମାନେ ଉପସ୍ଥିତ ଥିଲେ ।

# ବାତ୍ୟା ଦାନାର ମୁକାବିଲା ପାଇଁ ଜିଲ୍ଲା ବିଜେପିର ହେଲପ୍‌ଲାଇନ ଜାରି

ବାଲେଶ୍ୱର,(ସବ୍ୟୁ) :ବିଜେପିରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ଜିଲ୍ଲା ବିଜେପି ପକ୍ଷରୁ ବାତ୍ୟା ଦାନାର ମୁକାବିଲା ପାଇଁ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯାଇଛି । ଜିଲ୍ଲା ପ୍ରଶାସନ ସହିତ ତାଳମେଳ ରଖି ଯେକୌଣସି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଯୋଜନା ଚୁଡ଼ାନ୍ତ କରାଯାଇଛି । ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା, ତାଙ୍କ ପାଇଁ ଆବଶ୍ୟକ ସାଧାନାର ବନ୍ଦୋବସ୍ତ କରିବା, ବିଶେଷ କରି ମହିଳା, ଶିଶୁ, ଦିବ୍ୟାଙ୍ଗ,ବୟସ୍କ, ରୋଗାକ୍ରାନ୍ତ ଲୋକଙ୍କ ପାଇଁ ବିଶେଷ ଗୁରୁତ୍ୱ ଦେବାକୁ ଦଳୀୟ ନିର୍ଦ୍ଦେଶ ରହିଛି । ଏଥି ନିମନ୍ତେ ଦଳପକ୍ଷରୁ ଜିଲ୍ଲାର ୪ଟି ମୋବାଇଲ ନମ୍ବର ସହାୟତା ପାଇଁ ଉପଲବ୍ଧ କରାଯାଇଛି । ସେଗୁଡ଼ିକ ହେଲା ୭୯୭୮୨୩୯୧୯୨, ୯୩୩୮୦୦୩୪୩୮, ୭୦୦୮୩୩୭୯୩୯, ୯୮୬୧୪୫୩୮୫୭ ଓ ରାଜ୍ୟ ପକ୍ଷରୁ ୦୬୭୪୨୩୯୩୯୮୪ ଜାରି କରାଯାଇଛି । ।ସେହିପରି ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ପକ୍ଷରୁ ଏକ ସମୀକ୍ଷା ବୈଠକ କରାଯାଇଛି । ବାତ୍ୟାପାଇଁ ସଦର ବ୍ଲକର ୩୭ଟି ପଞ୍ଚାୟତ ମଧ୍ୟରୁ ୨୩ଟି ପଞ୍ଚାୟତ ଅଧିକ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥିବାରୁ ବାତ୍ୟାପରର ଉଦ୍ଧାର କାର୍ଯ୍ୟ ଓ ସଠିକ୍ ରିଲିଫ ପରିଚାଳନା ଉପରେ ବିଧାୟକ ଶ୍ରୀ ଦତ୍ତ ଗୁରୁତ୍ୱାରୋପ କରିଥିଲେ । ବାତ୍ୟା ଓ ବନ୍ୟା ପ୍ରବଣ ଅଞ୍ଚଳ ଭାବେ ପରିଚିତ ସଦର ବ୍ଲକର ସମୁଦ୍ର କୂଳିଆ ଅଞ୍ଚଳ କଷାଫଳ,ସାର୍ଥା, ଆଲୁମେଦା, ବଇଁଞ୍ଚା, ଦୁବୁଲାଗଡ଼ି, ବଳରାମଗଡ଼ି, ବାହାବଳପୁର, ସିଦ୍ଧିଆ, ଗୁରୁ, ହିଡ଼ିଗାଁ, ଚାନ୍ଦିପୁର, ରସାଳପୁର, ବର୍ଦ୍ଧନପୁର ପ୍ରଭୃତି ଅଞ୍ଚଳରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବାଲାଗି ଶ୍ରୀ ଦତ୍ତ ପରାମର୍ଶ ଦେଇଛନ୍ତି । ଅସ୍ଥାୟୀ ଆଶ୍ରୟସ୍ଥଳୀ ଗୁଡ଼ିକରେ ଲୋକଙ୍କ ପାଇଁ ସମସ୍ତ ପ୍ରକାର ଖାଦ୍ୟପେୟ ଓ ମୌଳିକ ସୁବିଧା ସହ ଜେନେରେଟର ସୁବିଧା କରିବାକୁ କହିଛନ୍ତି । ଏହି ସମୀକ୍ଷା ବୈଠକରେ ବରିଷ୍ଠ ବିଜେପି ନେତା ରବି ନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ମନୋରଂଜନ ନନ୍ଦୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବାତ୍ୟା 'ଦାନା' ପାଇଁ ୧୦୩ ଅସ୍ଥାୟୀ ଆଶ୍ରୟସ୍ଥଳ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ସମ୍ଭାବ୍ୟ ସାମୁଦ୍ରିକ ବାତ୍ୟା 'ଦାନା' ମୁକାବିଲା ପାଇଁ ୨୩ ପଞ୍ଚାୟତର ୧୦୩ ଟି ବିଦ୍ୟାଳୟକୁ ଅସ୍ଥାୟୀ ଆଶ୍ରୟସ୍ଥଳ ଭାବେ ପ୍ରସ୍ତୁତ କରାଯାଇଛି। ଏଥିସହ ମଣିନାଥପୁର, ଜଳହରୀ ଓ ବନ୍ଧାଳୋ ବାତ୍ୟା ଆଶ୍ରୟସ୍ଥଳକୁ ସମ୍ଭାବ୍ୟ ଉଦ୍ଧାର ପାଇଁ ପ୍ରସ୍ତୁତ କରି ରଖାଯାଇଛି। ବୁଧବାର ସନ୍ଧ୍ୟା ସୁଦ୍ଧା ଆଶ୍ରୟସ୍ଥଳକୁ କେହି ଆସିନାହାନ୍ତି। ମାତ୍ର ୩ ଜଣ ଆସନ୍ନ ପ୍ରସବାଙ୍କୁ ପ୍ରଶାସନ ମେଡିକାଲକୁ ଚିକିତ୍ସା ପାଇଁ ନେଇଛି ବୋଲି ବିଡିଓ ଦେବଦତ୍ତ ଦାଶ ସୂଚନା ଦେଇଛନ୍ତି। ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବା ପାଇଁ ଅଗ୍ନିଶମ ପକ୍ଷରୁ ଏକ ସ୍ୱତନ୍ତ୍ର ଦଳ ଭଣ୍ଡାରିପୋଖରୀରେ ଆସି ପହଞ୍ଚିଛନ୍ତି। ଚିକିତ୍ସା ସେବା ଯୋଗାଇବା ପାଇଁ ସମସ୍ତ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ପ୍ରସ୍ତୁତ କରି ରଖାଯାଇଛି। ବ୍ଲକ, ତହସିଲ ଓ ପୁଲିସର ସମସ୍ତ କର୍ମଚାରୀମାନଙ୍କୁ ପ୍ରସ୍ତୁତି କାର୍ଯ୍ୟରେ ନିୟୋଜିତ କରାଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ବିଧାୟକ ସଞ୍ଜିବ ମଲ୍ଲିକ, ବିଡିଓ ଶ୍ରୀ ଦାସ, ତହସିଲଦାର ସରୋଜକାନ୍ତ ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଥାନାଧିକାରୀ ବିରେନ୍ଦ୍ର ନାୟକ ପ୍ରମୁଖ ବାତ୍ୟା ମୁକାବିଲା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିବା ଜଣାଯାଇଛି। ରାଜ୍ୟ ସଙ୍ଗଠନର ନିର୍ଦ୍ଦେଶ କ୍ରମେ ବିଜେପି ନିର୍ବାଚନମଣ୍ଡଳୀ ନେତା ଡଃ ସୁଧାଂଶୁ ଶେଖର ନାୟକ, ମଣ୍ଡଳ ସଭାପତି ଗିରିଶ ସାମଲ ପ୍ରମୁଖ ବିଡିଓଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତି ସମୀକ୍ଷା କରିବା ସହ ପ୍ରଶାସନିକ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହପରି କଂଗ୍ରେସ ପକ୍ଷରୁ ପଞ୍ଚାୟତଦ୍ୱାରୀ ଯୋଗଯୋଗ ନମ୍ବର ଜାରି କରି ସେବା କାର୍ଯ୍ୟ ଆବଶ୍ୟକତା କରୁଥିବା ବ୍ୟକ୍ତିଙ୍କୁ ଯୋଗାଯୋଗ ପାଇଁ ନିବେଦନ କରାଯାଇଛି। ବୁଧବାର ଅପରାହ୍ନରୁ ସ୍ଥାନୀୟ ଅଞ୍ଚଳରେ ସାମାନ୍ୟ ପବନ ସହ ବର୍ଷା ଆରମ୍ଭ ହୋଇଛି।


**OFFICE OF THE REGULATED MARKET COMMITTEE JEYPORE,**

Dist- KORAPUT, At- Umari, (Phulabada)Po-Railway Station-764001
E-Mail-seeretaryrmcjeypore@yahoo.in

Letter No. 576 Date.22.10.2024
Ref. No. TCN/566, dt- 15.10.2024

H-22

**CORRIGENDUM**

Keeping in view the possible cyclonic storm and it's effects in Odisha the Sub Collector Jeypore- cum- Chairperson R.M.C Jeypore pleases to extend the Opening Date of Tender bid and demonstration with reference Tender Call Notice No. 566 dt. 15/10/2024 of R.M.C, Jeypore. The revised date is stated below:-
Last date of submission of Tender document :- 24.10.2024 5:00 P.M.
Opening of Tender of Bid Documents & demonstration:- dt. 01.11.2024 11:00 A.M.

By the Order of the Chairperson R.M.C, Jeypore

Sd/- Secretary
R.M.C., Jeypore

OIPR : 07088/11/0002/2425



**GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION, BHANJANAGAR.**

No. 4401 /RWDBNJ/Dated. 22.10.2024

O-485

**1st CORRIGENDUM TO TENDER CALL NOTICE**

IDENTIFICATION NO.02/RWDBNJ/2024-2025 T.O. LETTER NO. 4296 DATED.09.10.2024

The following modifications to the Online Tender/01/RWDBNJ/2024-2025 are made under unavoidable circumstances.

| Procurement officer | Bid Identification No. | Availability of Tender on line for bidding | | Last date & Time of Seeking Tender clarification | Date of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| | | As per TENDER CALL NOTICE | | | |
| Superintending Engineer, Rural Works Division, Bhanjanagar | Online Tender/02/RWDBNJ/ 2024-2025 | 21.10.2024 10.00 AM | 04.11.2024 to 3.00 PM | 01.11.2024 Up to 3.00 P.M. | 05.11.2024 at 12.30 P.M. |
| | | As per 1st Corrigendum | | | |
| | | 28.10.2024 10.00 AM | 11.11.2024 to 3.00 PM | 07.11.2024 Up to 3.00 P.M. | 12.11.2024 at 12.30 P.M. |

All other terms and conditions of the said tender call notice shall remain unchanged

OIPR : 25174/11/0004/2425

Sd/- Additional Chief Engineer
Rural Works Division, Bhanjanagar



**GOVERNMENT OF ODISHA : OFFICE OF THE SUPERINTENDING ENGINEER, JHARSUGUDA (R&B) DIVISION, JHARSUGUDA**

E-mail ID: eepwdjsg2014@gmail.com
Telephone: 06645-271242,
Kalimandir Road, Jharsuguda, 768202

"e"-Procurement Notice

B-492

**Bid Identification No-SE-R&B-JSG- 10 OF 2024-25.**

| | | | |
|---|---|---|---|
| 1. | The Executive Engineer, Jharsuguda (R&B) Division on behalf of Governor of Odisha inviting percentage rate bid in Single cover system on ON-LINE mode from eligible contractors for Construction of Electrical Work as detailed in DTCN . | | |
| 2. | Nature of Work | : | Electrical works |
| 3. | Estimated cost | : | Rs. 18.00 Lakhs |
| 4. | No. of work. | : | 01 (One) Nos |
| 5. | Tender Cost | : | Rs. 6000/- (as per DTCN) |
| 6. | Class of Contractor | : | SI No-1- Specialized Agency (Joint venture with MV/HT contractor |
| 7. | Availability of bid document in the website | : | 10.00 A.M. of 25.10.2024 to 05.00 P.M. of 04.11.2024 |
| 8. | Date of opening of Technical Bid (Cover-I) | : | 11.00 AM on Dt. 05.11.2024 |
| 9. | The Bidders have to participate in ON-LINE bidding only. Further details can be seen from the website https://tendersodisha.gov.in). Any addendum/corrigendum/cancellation of tender can also be seen in the said website. | | |

Sd/- Superintending Engineer
Jharsuguda (R&B) Division

OIPR : 34094/11/0012/2425



**GOVERNMENT OF ODISHA : OFFICE OF THE SUPERINTENDING ENGINEER, P.H. DIVISION, BALANGIR.**

Email. ID - eephbgr@yahoo.co.in. Ph. No - (06652 - 234647)

C-808

**NATIONAL COMPETITIVE BIDDING THROUGH e-Procurement**

**Invitation for Bid (IFB) 06-Dtd.19.10.2024**

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| 1 | Scada and Automation for intake, WTP, ESRs and GRSs under Improvement of water supply of Titilagarh Town. | SE PH BGR 06/2024-25 Dt.19.10.2024 | 225.15 | 'B' & 'A' Class | 5 Month | 28.10.2024 | 12.11.2024 |

Name & Adress of Officer Inviting Bid : The Superintending Engineer
Office of the Superintending Engineer Public Health Division, Balangir At-Tulasinagar, Po/Dist-Balangir Pin-767001, Odisha,Phone:-06652-234647
E-mail:-eephbgr@yahoo.co.in

- Further details can be seen from the e-Procurement portal " https:// www.tenderodisha.gov.in.
- All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updates.

Sd/- Superintending Engineer
P.H. Division, Balangir

OIPR : 13005/11/0014/2425



**OFFICE OF THE GENERAL MANAGER, WATCO DIVISION,PURI, ODISHA**

Phone:06752-223447/ e-Mail: eephpuri@gmail.com

C-826

**INVITATIONS FOR BIDS (IFB)**

**Government of Odisha "e" Procurement Notice**

**Bid Identification No. 13 of 2024-25 Dated. 22.10.24.**

1. Name of the Work: - Water supply arrangement, Sewerage system, Fabrication work, RO process & IRP filteration at Eco retreat site near Konark (2nos of work).
2. Estimated Cost: - Rs 27.84 to Rs 39.50 Lakhs
3. Period of Completion: - 15 days
4. Date and time of availability of bid documents in the portal :- 28.10.2024 (11.00A.M ) to 04.11.2024 ( 5.00P.M)
5. Last Date / Time for receipt of bids in the Portal :- 5.00P.M of 04.11.2024
6. Date and time of opening of bids:- 12.30 P.M of 05.11.2024
7. Name and address of the Officer Inviting Bid :- General Manager, WATCO Division, Puri Phone: 06752-223447, Fax: 06752-223447 E-Mail: eephpuri@gmail.com
8. The bidders have to participate in ONLINE bidding only.

Sd/- General Manager,
(WATCO, PURI)

OIPR : 13206/11/0005/2425


# ବାତ୍ୟା ମୁକାବିଲା ନିମନ୍ତେ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ

ବାଲେଶ୍ୱର,(ସବ୍ୟୁ) : ବାତ୍ୟା ଦାନାକୁ ଦୃଷ୍ଟିରେ ରଖି ବୁଧବାର ଦିନ ବରିଷ୍ଠ ପ୍ରଶାସନିକ ଅଧିକାରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପୂର୍ବାଞ୍ଚଳ ଜୋନ୍ ପୁଲିସ ବିଭାଗ ଉପନିରୀକ୍ଷକ ଡକ୍ଟର ସତ୍ୟଜିତ ନାୟକ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଆରକ୍ଷୀଅଧିକ୍ଷକ ରାଜ ପ୍ରସାଦଙ୍କ ସମେତ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ଏଥି ସହିତ ସମସ୍ତ ବିଡ଼ିଓ, ତହସିଲଦାର ଓ ଅନ୍ୟାନ୍ୟ ବିଭାଗର ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇ ନିଜ ନିଜ ଅଞ୍ଚଳର ସ୍ଥାନାନ୍ତର ସ୍ଥିତି ଏବଂ ତତ୍ ସମ୍ବନ୍ଧୀତ ଜାରି ରହିଥିବା କାର୍ଯ୍ୟକଳାପ ବିଷୟରେ ବିବରଣୀ ପ୍ରଦାନ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଜରୁରୀ କାଳୀନ ସହାୟତା ବ୍ୟବସ୍ଥାର ପୁଙ୍ଖାନୁପୁଙ୍ଖ ଆକଳନ କରାଯିବା ସହିତ ବିପର୍ଯ୍ୟୟ ପ୍ରସ୍ତୁତିର ବିଭିନ୍ନ ଦିଗକୁ ସତର୍କତାର ସହ ସମୀକ୍ଷା କରାଯାଇଥିଲା । ଏଥି ସହିତ ସ୍ଥାନାନ୍ତର ପ୍ରକ୍ରିୟା, ଉଦ୍ଧାରକାରୀ ଦଳ ମୁତୟନ ଏବଂ ବାତ୍ୟା ଆଶ୍ରୟସ୍ଥଳୀ ଓ ବିକଳ୍ପ ସୁରକ୍ଷିତ ଆଶ୍ରୟସ୍ଥଳୀ ଉପରେ ବିଷେଶ ଆଲୋଚନା କରାଯାଇ ବ୍ୟାପକ କାର୍ଯ୍ୟ



ଯୋଜନା ପ୍ରସ୍ତୁତ କରାଯାଇଥିଲା । ଏହି ବୈଠକରେ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକର ତଦାରଖ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସମସ୍ତ ଉଦ୍ଧାର କାର୍ଯ୍ୟଗୁଡ଼ିକ ଉପରେ ନଜର ରଖାଯାଇଛି । ଆନ୍ତଃ ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିବା ସହ ଅଧିକ ସତର୍କତା ଅବଲମ୍ବନ କରିବାକୁ ଶ୍ରୀ ଚକ୍ରବର୍ତ୍ତୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜରୁରୀକାଳୀନ ପରିସ୍ଥିତିର ମୁକାବିଲାପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ୨୪ଘଣ୍ଟିଆ କଣ୍ଟ୍ରୋଲରୁମ୍ ଖୋଲା ଯାଇଛି । ଜିଲ୍ଲାପ୍ରଶାସନକୁ ସହଯୋଗ କରିବା ସହିତ ସତର୍କ ରହିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ।

(ଶ୍ରୀମଭଗବଦ୍ ଗୀତା ୧୦/୨୬)
-ବିଭୂତିଯୋଗଃ-
( ଶ୍ରୀଭଗବାନୁବାଚ )

**ଅଶ୍ୱତ୍ଥଂ ସର୍ବବୃକ୍ଷାଣାଂ ଦେବର୍ଷୀଣାଂ ଚ ନାରଦଃ ।**
**ଗନ୍ଧର୍ବାଣାଂ ଚିତ୍ରରଥଂ ସିଦ୍ଧାନାଂ କପିଲୋ ମୁନିଃ ।।୨୬।।**

ମୁଁ ତରୁଲତାଦିମାନଙ୍କ ମଧ୍ୟରେ ଅଶ୍ୱତ୍ଥ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ, ଗନ୍ଧର୍ବମାନଙ୍କ ମଧ୍ୟରେ ଚିତ୍ରରଥ,ସିଦ୍ଧମାନଙ୍କ ମଧ୍ୟରେ କପିଳ ମୁନି ଅଟେ । ।।୨୬।।

# ଅନେକ ଆଶା ଓ ଆଶ୍ୱାସନା

ସମ୍ପାଦକୀୟ

ଦୀର୍ଘ ଦିନର ବ୍ୟବଧାନ ପରେ, ଜାମ୍ମୁକଶ୍ମୀର ଜନତା ନିଜର ନେତା ବାଛିଛନ୍ତି । ନିର୍ବାଚନରେ ନ୍ୟାସନାଲ କନଫରେନ୍ସ ୪୨ଟି ଆସନ ସହ ସବୁଠାରୁ ବଡ ଦଳ ଭାବରେ ଉଭାହେଇଛି । ନ୍ୟାସନାଲ କନଫରେନ୍ସର ନେତା ଉମର ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି । ଧାରା ୩୭୦ ଉଛେଦ କରି ଜାମ୍ମୁକାଶ୍ମୀରକୁ ଭାରତର ଅବଶିଷ୍ଟାଂଶ ସହିତ ଏକୀକରଣ କରିବା ପାଇଁ ସରକାର ଯେଉଁ ପ୍ରୟାସ କରିଥିଲେ, ତାହା ସଫଳ ହେଇଛି । ମତଦାନ ହାର ଏହା ପ୍ରମାଣ କରିଛି । ବୋଧହୁଏ ଜାମ୍ମୁକଶ୍ମୀର ଜନତାଙ୍କ ଏହାହିଁ ଇଛା । ବାସ୍ତବରେ ଏହା ଭାରତର ଅବିଚ୍ଛେଦ୍ୟ ଅଙ୍ଗ, ଏହାକୁ କେହି ବି ଆମଠାରୁ ଛଡାଇ ନେଇପାରିବେ ନାହିଁ, ସାରା ଦେଶରେ ଏମିତି ଏକ ଧାରଣା ବଳବତ୍ତର ଅଛି । ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ଆତଙ୍କବାଦ ଲୋକଙ୍କ ହୃଦୟକୁ କେବେ ବି ଜିତିପାରିବ ନାହିଁ । ଜାମ୍ମୁକାଶ୍ମୀର ଏବେ ବିକାଶର ରାସ୍ତାରେ । ଓମାର ଅବଦୁଲ୍ଲା ଏହି ଅଫିସ ପାଇଁ ନୂଆ ନୁହଁନ୍ତି । ଆଗରୁ ମଧ୍ୟ ସେ ଜାମ୍ମୁକାଶ୍ମୀରର ମୁଖ୍ୟମନ୍ତ୍ରୀ ଥିଲେ । କିନ୍ତୁ ଏବେ ପରିସ୍ଥିତି ବଦଳିଯାଇଛି । ଜମ୍ମୁକାଶ୍ମୀରରୁ ଲଦାଖ ଅଲଗା ହେଇଯାଇଛି । ଏବେ ଜାମ୍ମୁକାଶ୍ମୀର ଓ ଲାଦଖ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ଭାବରେ ଉଭା ହେଇଛି । ଧାରା ୩୭୦ ରଦ୍ଦ ହେବା ଦ୍ୱାରା ଜାମ୍ମୁକାଶ୍ମୀର ଏହାର ସ୍ୱାତନ୍ତ୍ର୍ୟତା ହରାଇଛି ଏବଂ ଦେଶର ଅନ୍ୟାନ୍ୟ ଅଂଶ ସହ ଏକୀକରଣ ହେଇଛି । କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଭାବରେ ତାଙ୍କର କ୍ଷମତା ନିଶ୍ଚିତ ଭାବରେ ଆଗଭଳି ଆଉ ରହିବ ନାହିଁ । ଅଧିକାଂଶ ପ୍ରଶାସନିକ କ୍ଷମତା ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ହାତରେ ରହିବ । କିନ୍ତୁ, କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ଏହା ଶୀଘ୍ର ଏହାର ରାଜ୍ୟ ମାନ୍ୟତା ଫେରି ପାଇବ । ତେବେ ସେ ପର୍ଯ୍ୟନ୍ତ, ଅବଦୁଲ୍ଲାଙ୍କୁ ଚତୁରତାର ସହ ସକାରାତ୍ମକ ମନୋଭାବ ନେଇ ସରକାର ଚଳାଇବାକୁ ପଡିବ । କାରଣ ଜନତା ତାଙ୍କୁ ଭୋଟ ଦେଇଛନ୍ତି କେବଳ ରାଜ୍ୟ ମାନ୍ୟତା ଫେରାଇ ଆଣିବା ପାଇଁ ନୁହେଁ ବରଂ ଏକ ପ୍ରତିନିଧୀ ସରକାର ଗଠନ କରିବା ପାଇଁ ଯାହା ରାଜ୍ୟର ସାମଗ୍ରିକ ବିକାଶରେ ସହାୟକ ହେବ । ଅନ୍ୟପକ୍ଷରେ, ଅବଦୁଲ୍ଲାଙ୍କୁ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ କାର୍ଯ୍ୟାଳୟରୁ ସମ୍ପୂର୍ଣ୍ଣ ସହଯୋଗ ମଧ୍ୟ ଆବଶ୍ୟକ । ଅବଦୁଲ୍ଲାଙ୍କ ସମ୍ମୁଖରେ ସବୁଠାରୁ ବଡ ଚ୍ୟାଲେଞ୍ଜ ହେଉଛି, ଆଞ୍ଚଳିକ ଓ ଧାର୍ମିକ ଭେଦଭାବକୁ ହ୍ରାସ କରିବା । ନିର୍ବାଚନ ଫଳାଫଳ ସ୍ପଷ୍ଟ କରିଛି ଯେ' ଆଞ୍ଚଳିକ ତଥା ଧର୍ମକୁ ନେଇ ଜନମତ ବିଭାଜିତ । ମୁସଲିମ ସଂଖ୍ୟାଗରିଷ୍ଠ ନ୍ୟାସନାଲ କନଫରେନ୍ସକୁ ଭୋଟ ଦେଇଥିବା ବେଳେ ହିନ୍ଦୁ ସଂଖ୍ୟାଗରିଷ୍ଠ ଜାମ୍ମୁରେ ବିଜେପି ଭଲ ଫଳାଫଳ କରିଛି । ଅର୍ଥାତ୍ ଆଞ୍ଚଳିକ ଓ ଧର୍ମକୁ ନେଇ ଜନମତ ବିଭାଜିତ ଅଛି ଯାହା ବାସ୍ତବିକ ଶୁଭ ସୂଚନା ନୁହେଁ । କିନ୍ତୁ ଖୁସିର କଥା, ଉଭୟ ଅଞ୍ଚଳକୁ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱ ଦେଇ, ନୂଆ ମୁଖ୍ୟମନ୍ତ୍ରୀ ଆଞ୍ଚଳିକ ଭେଦଭାବର ସମାଧାନ କରିବା କ୍ଷେତ୍ରରେ ପ୍ରଥମ ପଦକ୍ଷେପ ନେଇଛନ୍ତି । ଅନ୍ୟ ପକ୍ଷରେ କିଛି ହିନ୍ଦୁ ବିଧାୟକଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇ, ଅବଦୁଲ୍ଲା ଧାର୍ମିକ ଭେଦଭାବକୁ ମଧ୍ୟ ଦୂର କରିବାକୁ ଚେଷ୍ଟ କରିଛନ୍ତି । କାଶ୍ମୀରକୁ ମୁଖ୍ୟସ୍ରୋତକୁ ଆଣିବାକୁ ହେଲେ, ଖାଲି ମୁଖ୍ୟମନ୍ତ୍ରୀ ନୁହନ୍ତି, ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ଅଞ୍ଚଳର ସମସ୍ତ ବରିଷ୍ଠ ବ୍ୟକ୍ତିବିଶେଷଙ୍କୁ ଧର୍ମ ଓ ଆଞ୍ଚଳିକକୁ ସମାପ୍ତ କରିବାକୁ ପଡିବ । ମୁଖ୍ୟମନ୍ତ୍ରୀଙ୍କ କଥାବାର୍ତ୍ତାରୁ ଜଣାପଡୁଛି ଯେ' ସେ ଏକ ସକାରାତ୍ମକ ମନୋଭାବ ନେଇ ରାଜ୍ୟକୁ ଶାସନ କରିବେ । ଦାୟିତ୍ୱ ଗ୍ରହଣ କରିବା ଅବସରରେ ସେ କହିଛନ୍ତି, ଗଣତନ୍ତ୍ର , ସରକାର ଏବଂ ଏହାର ଅନୁଷ୍ଠାନଗୁଡିକ ଉପରେ ଜନତାଙ୍କର ଅପାର ବିଶ୍ୱାସ ରହିଛି । ତେଣୁ ଆମକୁ ସେହି ଅନୁସାରେ କାର୍ଯ୍ୟ କରିବାକୁ ପଡିବ, ଯେପରି ଜନତାଙ୍କର ବିଶ୍ୱାସ ଅବିଶ୍ୱାସରେ ପରିଣତ ନ ହୁଏ । ଶାସନ ଉପରେ ଧ୍ୟାନ ଦେବା ସହ ସମସ୍ତ ନାଗରିକଙ୍କ ସେବା କରିବା ଏବଂ ସେମାନଙ୍କ ସମସ୍ୟାର ସମାଧାନ କରିବା ହେଉଛି ସରକାରଙ୍କ ପ୍ରାଥମିକ ଭୂମିକା ବୋଲି ସେ ଦୃଢତାର ସହ କହିଛନ୍ତି । ସେ ସ୍ୱୀକାର କରିଛନ୍ତି ଯେ ବର୍ଷ ବର୍ଷ ଧରି ଲୋକ ଏବଂ ସରକାରଙ୍କ ମଧ୍ୟରେ ଦୂରତା ବଢିଯାଇଛି, ଯାହାକୁ ହ୍ରାସ କରିବା ସରକାରଙ୍କ ଦାୟିତ୍ୱ । ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିବା ସହ ତାଙ୍କ ସରକାର କେନ୍ଦ୍ର ସରକାରଙ୍କ ସହ ଭଲ ସମ୍ପର୍କ ରଖିବାକୁ ଆଗ୍ରହୀ ବୋଲି ସେ ସ୍ପଷ୍ଟ କରିଛନ୍ତି । ତେବେ ଜମ୍ମୁକାଶ୍ମୀର ପ୍ରଥମେ ରାଜ୍ୟ ମାନ୍ୟତା ଫେରିପାଇବା ଆବଶ୍ୟକ ଏବଂ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ, ରାଜ୍ୟ ମାନ୍ୟତା ପୁନଃସ୍ଥାପିତ କରିବାକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି । ଧାରା ୩୭୦ ପୁନରୁଦ୍ଧାର ଉପରେ ହୁଏତ ସେ ଅଧିକ ଗୁରୁତ୍ୱ ନ ଦେଇ ପାରନ୍ତି, ଯେଉଁଥିପାଇଁ କେତେକ ମୌଳବାଦୀ ନେତା ତାଙ୍କୁ ସମାଲୋଚନା କରିପାରନ୍ତି ଏବଂ ବିରୋଧ ମଧ୍ୟ କରିପାରନ୍ତି । ସେସବୁ ଆଲୋଚନା, ସମାଲୋଚନା ଓ ବିରୋଧକୁ ଭୃକ୍ଷେପ ନ କରି, ଓମାର ଅବଦୁଲ୍ଲାଙ୍କୁ ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ପଡିବ, ଜମ୍ମୁକାଶ୍ମୀରକୁ ନୂଆକରି ଗଢିବାକୁ ପଡିବ । କାରଣ, ସମୟ ବଦଳିବାରେ ଲାଗିଛି, ସମାଜର ସବୁ ବର୍ଗ ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟ, ନିଯୁକ୍ତି, କ୍ୟାରିଅରର ଗୁରୁତ୍ୱ ଖୁବ୍ ବେଶୀ । ସେହିପରି ଜାମ୍ମୁକାଶ୍ମୀର ଜନତା ଶାନ୍ତି ଚାହାନ୍ତି, ହିଂସା ନୁହେଁ, ଏ କଥା ଏହି ନିର୍ବାଚନର ଫଳାଫଳ ମାଧ୍ୟମରେ ସେମାନେ ସ୍ପଷ୍ଟ କରିଛନ୍ତି । ନ୍ୟାସନାଲ କନଫରେନ୍ସର ମୁଖ୍ୟ ଓ ଅନୁଭବୀ ନେତା ଡକ୍ଟର ଫାରୁକ୍ ଅବଦୁଲ୍ଲା ମଧ୍ୟ ଜାମ୍ମୁ କାଶ୍ମୀରର ଉଭୟ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି । ସେ ଦର୍ଶାଇଛନ୍ତି ଯେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ତାଙ୍କ ଦଳ ଜାମ୍ମୁରୁ ବହୁ ସଂଖ୍ୟାରେ ଆସନ ପାଇ ନାହିଁ କିନ୍ତୁ ଏଥିରେ କିଛି ଫରକ ପଡ଼ିବ ନାହିଁ । କେନ୍ଦ୍ର ଶାସିତ ଅଞ୍ଚଳର ସମସ୍ତ ଅଞ୍ଚଳର ବିକାଶ ନୂତନ ସରକାରଙ୍କ ପ୍ରାଥମିକତା ହୋଇ ରହିବ । ବିସ୍ଥାପିତ ହେଇଥିବା କାଶ୍ମୀର ପଣ୍ଡିତମାନଙ୍କୁ ଫେରି ଆସିବାକୁ ସେ ଅନୁରୋଧ କରିଛନ୍ତି । କାଶ୍ମୀର ପଣ୍ଡିତମାନଙ୍କୁ କାଶ୍ମୀରକୁ ଫେରିବା ନେଇ ତାଙ୍କ ବିବୃତ୍ତି ପ୍ରକୃତରେ ଏକ ସ୍ୱାଗତଯୋଗ୍ୟ ଏବଂ ସମୟାନୁବର୍ତ୍ତୀ ପଦକ୍ଷେପ । କାଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟକୁ ଫେରିବା ପାଇଁ ଅନୁରୋଧ କରି ସେ କହିଛନ୍ତି, 'ମୁଁ ଆଶା କରୁଛି ଯେ ଏଠାରୁ ଚାଲିଯାଇଥିବା ଆମର ଭାଇ ଓ ଭଉଣୀମାନେ ଘରକୁ ଫେରିବେ । ବର୍ତ୍ତମାନ ସମୟ ଆସିଛି, ସେମାନେ ନିଜ ଘରକୁ ଫେରିବା ଉଚିତ '। ସେ କହିଛନ୍ତି ଯେ, 'କାଶ୍ମୀର ପଣ୍ଡିତମାନେ ଫେରି ସେମାନଙ୍କ ଘରର ଯତ୍ନ ନେବା ଉଚିତ । ନୂଆ ସରକାର ସେମାନଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ସମସ୍ତ ବ୍ୟବସ୍ଥା ଏବଂ ପଦକ୍ଷେପ ଗ୍ରହଣ କରିବେ ।' ନିଃସନ୍ଦେହରେ ଏହା ଏକ ସକାରାତ୍ମକ ଅଭିବ୍ୟକ୍ତି, କିନ୍ତୁ ସେହିଭଳି ବାତାବରଣ ସୃଷ୍ଟି କରାଯିବା ଆବଶ୍ୟକ, ଏହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ସେତିକି ନିଷ୍ଠା ଦରକାର । ଜାମ୍ମୁକାଶ୍ମୀରରେ ହିଂସା କମିଛି । ଏବେ ପ୍ରକୃଷ୍ଟ ସମୟ ଆସିଛି, ସମାଜର ପ୍ରତ୍ୟେକ ବର୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ । ଆଶାକରିବା, ଓମାର ଅବଦୁଲ୍ଲା ଏଥିରେ ସଫଳ ହେବେ ଏବଂ ତାଙ୍କରି ନେତୃତ୍ୱରେ, ଜାମ୍ମୁକାଶ୍ମୀର ଦେଶର ଏକ ଅଗ୍ରଣୀ, ବିକଶିତ ରାଜ୍ୟ ଭାବରେ ଉଭା ହେବ ।

# ବିକାଶ ଦିଗରେ ତ୍ରୟୀ ନୋବେଲ୍ ବିଜେତା



ଡକ୍ଟର ଲକ୍ଷ୍ମଣ ସାହୁ

ନିକଟରେ ଅର୍ଥନୀତି ପାଇଁ ନୋବେଲ ପୁରସ୍କାର ପ୍ରଦାନ ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି । ୨୦୨୪ ଏହି ବର୍ଷ ପାଇଁ ଡାରନ୍ ଆସେମୋଗ୍ଲୋ, ସିମନ୍ ଜନସନ୍ ଓ ଜେମ୍ସ ଏ ରବିନ୍ସନ୍ଙ୍କୁ ନୋବେଲ ପୁରସ୍କାର ପ୍ରଦାନ ନିମନ୍ତେ ବିଧିବଦ୍ଧ ଭାବେ ଘୋଷଣା କରାଯାଇଥିଲା ।

ଆସେମୋଗ୍ଲୋ ଓ ଜନସନ୍ ଅର୍ଥନୀତିଜ୍ଞ ହୋଇଥିବାବେଳେ ରବିନ୍ସନ୍ ଜଣେ ତାଲିମପ୍ରାପ୍ତ ରାଜନୈତିକ ବୈଜ୍ଞାନିକ ଅଟନ୍ତି । ଯଦି କେହି ଅର୍ଥନୀତିରେ ନୋବେଲ ପୁରସ୍କାର ପାଇଥିବା ଲୋକଙ୍କ ତାଲିକାକୁ ଦେଖନ୍ତି, ତେବେ ସେ ଏହି କ୍ଷେତ୍ରରେ ପୁରସ୍କାର ପ୍ରଦାନରେ ଦୁଇଟି ସ୍ପଷ୍ଟ ଧାରା ଦେଖିପାରିବେ । ନୋବେଲର ଅନ୍ୟାନ୍ୟ ବିଜ୍ଞାନ-ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ଚିକିତ୍ସା ବିଜ୍ଞାନରେ ଏହିପରି ପ୍ରବୃତ୍ତି ବା ଧାରା କ୍ୱଚିତ ଦେଖାଯାଏ ।

ପ୍ରଥମ ଧାରା ହେଉଛି ଅର୍ଥନୀତିଜ୍ଞଙ୍କ କାର୍ଯ୍ୟ ଓ ତାଙ୍କ ପୁରସ୍କାର ମଧ୍ୟରେ ସମୟ ବଢୁଛି । ଏହାର ଅର୍ଥ ହେଉଛି ସେମାନଙ୍କର ଅଗ୍ରଗାମୀ ଉନ୍ନତ ମୂଳକ କାର୍ଯ୍ୟକୁ ବହୁ ପୂର୍ବରୁ ପ୍ରଶଂସା କରାଯାଇପାରିଥାନ୍ତା । କିନ୍ତୁ ବର୍ଷେ ପରେ ସେମାନେ ନୋବେଲ ପୁରସ୍କାର ପାଇବେ ! ସେମାନଙ୍କୁ ଏକ ଦୀର୍ଘ 'ଅପେକ୍ଷା ସମୟ' ଅତିକ୍ରମ କରିବାକୁ ପଡିବ । ଉଦାହରଣ ସ୍ୱରୂପ ୨୦୧୯ରେ ବିଶ୍ୱର ଦାରିଦ୍ର ଦୂରୀକରଣର ପରୀକ୍ଷାମୂଳକ ଆଭିମୁଖ୍ୟ ପାଇଁ ଅଭିଜିତ ବାନାର୍ଜୀ, ଏଷ୍ଟର୍ ଡୁଫ୍ଲୋ ଓ ମାଇକେଲ୍ କ୍ରାମରଙ୍କୁ ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା ।

ନୋବେଲ ପୁରସ୍କାର କମିଟି ସେମାନଙ୍କର କାର୍ଯ୍ୟକୁ ସ୍ୱୀକୃତି ଦେବାର ବହୁ ପୂର୍ବରୁ ଏହି ଅର୍ଥନୀତିଜ୍ଞଙ୍କ ଅନୁସନ୍ଧାନ ଅନେକ ଦେଶର ଆର୍ଥିକ ନୀତି ଉପରେ ସ୍ପଷ୍ଟ ପ୍ରଭାବ ପକାଇଥିଲା । ୯୦ ଦଶକର ମଧ୍ୟଭାଗରେ ସେମାନଙ୍କ ଅନୁସନ୍ଧାନର ଫଳାଫଳ ସାର୍ବଜନୀନ ହେଲା । ଅନେକ ଦେଶ ସେମାନଙ୍କ ନୀତି ଓ ଅନୁସନ୍ଧାନର ଫଳପ୍ରଦକୁ ବ୍ୟବହାର କରିଥିଲେ । ଅପରପକ୍ଷେ ସେମାନେ ପ୍ରାୟ ଏକ ଚତୁର୍ଥାଂଶ ଶତାବ୍ଦୀ ପରେ ନୋବେଲ ପୁରସ୍କାର ପାଇଥିଲେ । ୨୦୨୨ ମସିହାରେ ଏପ୍ରସଙ୍ଗରେ ବିଶ୍ୱ ପ୍ରସିଦ୍ଧ ପତ୍ରିକା 'ପ୍ରକୃତି'ରେ ପ୍ରକାଶିତ ହୋଇଥିଲା । ଏହାର ଲେଖକ ସାଇପ୍ରସ୍ ବିଶ୍ୱବିଦ୍ୟାଳୟର ଅର୍ଥନୀତିଜ୍ଞ ପାଣ୍ଡେଲିସ୍ ମିଟିସ୍ କହିଛନ୍ତି ଯେ ଅର୍ଥନୀତିରେ ନୋବେଲ ପୁରସ୍କାରରେ ଦୀର୍ଘ ସମୟ ବ୍ୟବଧାନ ରହିଛି ।

ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ପୁସ୍ତକାର ପଲ୍ କ୍ରୁଗମ୍ୟାନ୍ ମନ୍ତବ୍ୟ ଦେଇଛନ୍ତି ଯେ ଅର୍ଥନୀତିରେ ନୋବେଲ ପୁରସ୍କାର ଏକ ପ୍ରକାର 'ଆଜୀବନ ସଫଳତା ପୁରସ୍କାର' ପାଲଟିଛି । ଦ୍ୱିତୀୟ ଧାରା ହେଉଛି ଅର୍ଥନୀତିର ନୋବେଲ ପୁରସ୍କାର ଆମେରିକାର କେତେକ ପ୍ରତିଷ୍ଠିତ ଅନୁଷ୍ଠାନ ଦ୍ୱାରା ପ୍ରାଧାନ୍ୟ ବିସ୍ତାର କରିଚାଲିଛି । ଏଠାରେ କହିବା ବାହୁଲ୍ୟ ଯେ ଅର୍ଥନୀତିରେ ଚଳିତ ବର୍ଷର ନୋବେଲ ପୁରସ୍କାରରେ ଏହି ଦୁଇଟି ଧାରା ଜାରି ରହିଥିଲା । ଡାରନ୍ ଆସେମୋଗ୍ଲୋ ଓ ସାଇମନ୍ ଜନସନ୍ ଏମଆଇଟି (MIT ) ରେ କାର୍ଯ୍ୟ କରନ୍ତି । ଜେମ୍ସ ରବିନ୍ସନ୍ ଚିକାଗୋ ବିଶ୍ୱବିଦ୍ୟାଳୟରେ ତାଙ୍କର ଗବେଷଣା କାର୍ଯ୍ୟ କରନ୍ତି । ବର୍ତ୍ତମାନର ଶତାବ୍ଦୀର ଆରମ୍ଭରେ ତାଙ୍କ କାର୍ଯ୍ୟର ଖ୍ୟାତି ଓ ସ୍ୱୀକୃତି ପ୍ରତିଷ୍ଠିତ ହୋଇଥିଲା । ତାଙ୍କୁ ଏହି ପୁରସ୍କାର ପାଇବା ପାଇଁ ଅଢେଇ ଦଶନ୍ଧି ସମୟ ଲାଗିଥିଲା ।

ପ୍ରକୃତରେ ଅର୍ଥନୀତିଜ୍ଞମାନଙ୍କ ମଧ୍ୟରେ ଏହା ସର୍ବଦା ପ୍ରତିଫଳନ ଓ ବିତର୍କର ବିଷୟ ହୋଇଆସୁଛି ଯେ ବିକାଶ କ'ଣ ଓ ଏହା କିପରି କେବେ ଘଟିବ ? କୌଣସି ଦେଶରେ ବିକାଶର ରାସ୍ତା କିପରି ସ୍ଥିର କରେ ? କେତେକ ଦେଶ କିପରି ପଛରେ ରହିଛନ୍ତି ଓ ଅନ୍ୟମାନେ ବିକାଶ ଦୌଡ଼ରେ ଆଗକୁ ବଢନ୍ତି କି ଏଭଳି ପ୍ରଶ୍ନବାଚୀ ଉଠେ ? ସମାନ ଅନୁଦାନ ଓ ଉତ୍ସ ସହିତ ବିଭିନ୍ନ ଦେଶର ବିକାଶ ଯାତ୍ରା କାହିଁକି ସମାନ ନୁହେଁ ? କାହିଁକି ଓ କିପରି ସେମାନଙ୍କ ମଧ୍ୟରୁ କେତେକ ଦେଶ ଉଚ୍ଚ ସ୍ତରର ବିକାଶରେ ଥିବା ବେଳେ ଅନ୍ୟ ଦେଶମାନେ ପଛରେ ରହନ୍ତି ? ଇତ୍ୟାଦି ଇତ୍ୟାଦି ଅନେକ ପ୍ରଶ୍ନ, ଯାହା ବିଶ୍ୱ ପ୍ରସିଦ୍ଧ ଅର୍ଥନୀତିଜ୍ଞ ରବର୍ଟ ସୋଲୋଙ୍କ ଦୃଷ୍ଟିକୋଣରୁ ମଧ୍ୟ ଆର୍ଥିକ ପ୍ରଶ୍ନଗୁଡ଼ିକ ପ୍ରତିଫଳିତ ହୋଇଥିଲା । ସେ ପରୀକ୍ଷାମୂଳକ ତଥ୍ୟର ବିସ୍ତୃତ ବିଶ୍ଳେଷଣ କରିଥିଲେ । ସେ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ସମାନ ଉତ୍ସ ଥିବା ଦେଶ କିମ୍ବା ଅର୍ଥନୀତିରେ ଦ୍ରୁତ ବିକାଶର ରାସ୍ତା ସେହି ଦେଶମାନଙ୍କ ଦ୍ୱାରା ସ୍ଥିର ହେବ, ଯେଉଁମାନଙ୍କର ଅଧିକ ବିକଶିତ ପ୍ରଯୁକ୍ତିବିଦ୍ୟା ରହିଛି । ତାଙ୍କର ଏହି ଅବଦାନ ପାଇଁ ସୋଲୋ ମଧ୍ୟ ନୋବେଲ୍ ପୁରସ୍କାର ପାଇଥିଲେ ।

ଏହି କ୍ରମରେ ଜୋସେଫ୍ ସ୍କମ୍ପେଟର୍ ଟେକ୍ନୋଲୋଜି ଓ ବିକାଶ ମଧ୍ୟରେ ସମ୍ପର୍କର ବିଶ୍ଳେଷଣ ମଧ୍ୟ ଉପସ୍ଥାପନ କରିଥିଲେ । ସେ ଏହି ବିକାଶରେ ଉଦ୍ଭାବନ ଓ ନୂତନତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦର୍ଶାଇଥିଲେ । ଜାପାନ ଏହାର ଦକ୍ଷତା ପରିଚାଳନାରେ ନବସୃଜନ ବୈଷୟିକ ବିକାଶ ବ୍ୟବହାର କଲା । କହିବାକୁ ଗଲେ ଜାପାନୀମାନେ 'ଠିକ୍ ସମୟ' ଏବଂ 'ସିନର୍ଜି' ଭଳି କୌଶଳ ବ୍ୟବହାର କରିଥିଲେ । ବିଶେଷ କରି ଏହାର ଅର୍ଥ ହେଉଛି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଓ ଉଚ୍ଚ ଦକ୍ଷ ପରିଚାଳନା ଦେଶକୁ ବିକାଶ ପଥରେ ନେଇଥାଏ । ସୋଲୋ ଏବଂ ସ୍କମ୍ପେଟରଙ୍କ ପ୍ରସ୍ତାବ ବ୍ୟତୀତ ଆମେରିକାର ଅର୍ଥନୀତିଜ୍ଞ ଡଗଲାସ୍ ନର୍ଥ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣକୁ ମଧ୍ୟ ସୂଚାଇ ଦେଇଛନ୍ତି । ସେ କହିଥିଲେ ଯେ କେବଳ ଅର୍ଥନୈତିକ ବିକାଶ ପାଇଁ ଟେକ୍ନୋଲୋଜି ଓ ନବସୃଜନ ପର୍ଯ୍ୟାପ୍ତ ନୁହେଁ । ବଜାର ଅର୍ଥନୀତିର ବିକାଶ ପାଇଁ କିଛି ଆଇନଗତ ଓ ସାମାଜିକ ଅନୁଷ୍ଠାନ ରହିବା ଆବଶ୍ୟକ । ଉଭୟ ଉତ୍ତରର କାର୍ଯ୍ୟ ମୁଖ୍ୟତଃ ତତ୍ତ୍ୱଗତ ଥିଲା । ତେଣୁ ଉଭୟ ନୋବେଲ୍ ପୁରସ୍କାର ମଧ୍ୟ ପାଇଲେ ।

ଆସେମୋଗ୍ଲୋ, ଜନସନ ଓ ରବିନ୍ସନ୍ ଡଗଲାସ୍ ନର୍ଥଙ୍କ ସିଦ୍ଧାନ୍ତକୁ ଉତ୍ସାହିତ କରିଥିଲେ । ଗୋଟିଏ ଉପାୟରେ ଏହି ତିନୋଟିର କାର୍ଯ୍ୟ ହେଉଛି ଉତ୍ତରର ସିଦ୍ଧାନ୍ତର ଏକ ନିଶ୍ଚିତକରଣ । ପରୀକ୍ଷାମୂଳକ ତଥ୍ୟ ଆଧାରରେ ସେ ଅନୁଷ୍ଠାନ ଓ ଅର୍ଥନୈତିକ ବିକାଶ ମଧ୍ୟରେ ସମ୍ପର୍କ ଅଧ୍ୟୟନ କରିଥିଲେ । ସେମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଗୋଟିଏ ଦେଶର ଆର୍ଥିକ ପ୍ରଗତି ସେହି ଦେଶର ଅନୁଷ୍ଠାନ ଉପରେ ନିର୍ଭର କରେ । ଦେଶର ଦୀର୍ଘସ୍ଥାୟୀ ଅର୍ଥନୈତିକ ପ୍ରଗତି ପାଇଁ ଉତ୍ତମ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡିକ ରହିବା ଜରୁରୀ ଅଟେ । ଉତ୍ତମ ବିକାଶ ନୀତି ଓ ଯୋଜନା ପ୍ରସ୍ତୁତ କରିବା ତଥା ସେଗୁଡିକୁ ଫଳପ୍ରଦ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଉନ୍ନତ ଅନୁଷ୍ଠାନ ଆବଶ୍ୟକ କରିଥାଏ ।

କହିବାକୁ ଗଲେ ଆସେମୋଗ୍ଲୋ, ଜନସନ ଓ ରବିନ୍ସନ୍ଙ୍କ ମଡେଲ୍ ବ୍ୟାପକ ଭାବରେ ତିନୋଟି କାରଣ ଉପରେ ଆଧାରିତ । ପ୍ରଥମଟି ହେଉଛି ସମାଜରେ ସମ୍ବଳ ବଣ୍ଟନ ଓ ନିଷ୍ପତ୍ତି ନେବା ଶକ୍ତି । ବାସ୍ତବ ଜୀବନ ଉତ୍ସଗୁଡ଼ିକ ସମାନ ଭାବରେ ବଣ୍ଟନ କରାଯାଏ ନାହିଁ । ଫଳସ୍ୱରୂପ ନିଷ୍ପତ୍ତି ନେବା ଶକ୍ତି ଅସମାନ ଭାବରେ ବଣ୍ଟନ ହୁଏ । କୁହାଯାଇପାରେ ସମାଜ ଦୁଇ ଭାଗରେ ବିଭକ୍ତ, ଗୋଟିଏ ହେଉଛି ଜନସାଧାରଣ ଏବଂ ଅନ୍ୟଟି ହେଉଛି ଅଭିଜିତ । ଜନସାଧାରଣଙ୍କ ସଂଖ୍ୟା ଶକ୍ତି ଥିବାବେଳେ ଅଭିଜିତର ଶକ୍ତି ଅଛି । ଦ୍ୱିତୀୟ କାରଣ ହେଉଛି ପ୍ରତିବଦ୍ଧତା ।

ଏହାର ଅର୍ଥ ହେଉଛି ଯେ ଏକ ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥାରେ କେବଳ ଏକ ଛୋଟ ଅଭିଜିତ ଗୋଷ୍ଠୀ ଶକ୍ତି ଏବଂ ଅଧିକାର ଧାରଣ କରନ୍ତି । ଅଭିଜିତ ନିଷ୍ପତ୍ତି ନେବା କ୍ଷମତା ହସ୍ତାନ୍ତର କରିବା ବ୍ୟତୀତ ଜନସାଧାରଣଙ୍କର କୌଣସି ବିକଳ୍ପ ନାହିଁ । ତୃତୀୟ କାରଣ ହେଉଛି ସମ୍ପ୍ରଦାୟର ସାମର୍ଥ୍ୟ । ସେ ଦର୍ଶାଇଛନ୍ତି ଯେ ଜନସାଧାରଣ ସିଧାସଳଖ ନିଷ୍ପତ୍ତି ନେବା ସ୍ଥିତିରେ ନ ରହିପାରନ୍ତି । କିନ୍ତୁ ସେମାନେ ନିଜକୁ ସଂଗଠିତ କରିପାରିବେ ଓ ଅଭିଜିତ କିମ୍ବା ଶାସକ ଶ୍ରେଣୀକୁ ସେମାନଙ୍କ ସ୍ୱାର୍ଥରେ ନିଷ୍ପତ୍ତି ନେବାକୁ ବାଧ୍ୟ କରିପାରିବେ ।

ସେତେବେଳେ ଏହି ତିନୋଟି କାରଣ କେବଳ ହାସଲ ହେବ ଯେତେବେଳେ ଅର୍ଥନୀତିରେ ଅନ୍ତର୍ଭୁକ୍ତ ଅନୁଷ୍ଠାନ ଥାଏ, ଯାହା ରାଜନୈତିକ ସ୍ୱାଧୀନତା ଓ ସମ୍ପତ୍ତି ଅଧିକାରକୁ ଯଥାସମ୍ଭବ ବିସ୍ତାର କରିଥାଏ ଏବଂ ଆଇନ ପ୍ରଣୟନ କରିବା ତଥା ସାଧାରଣ ଭିତ୍ତିଭୂମି ଯୋଗାଇବା । କଥାଟି ହେଉଛି ବିକାଶର ଲକ୍ଷ୍ୟ ସ୍ଥିର କରିବା ପାଇଁ ପ୍ରଭାବଶାଳୀ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ଅପରିହାର୍ଯ୍ୟ ।

ଦେଶର ନୀତି ନିର୍ଣ୍ଣୟକାରୀମାନେ ଆସେମୋଗ୍ଲୋ, ଜନସନ ଓ ରବିନ୍ସନ୍ଙ୍କ କାର୍ଯ୍ୟରୁ ଶିକ୍ଷା କରିପାରିବେ । ତେଣୁ ୨୦୪୭ ରେ ଭାରତକୁ ବିକଶିତ କରିବାର ରାସ୍ତା ସହଜ ହେବ ଯଦି ଅନୁଷ୍ଠାନଗୁଡିକ ଅମଲାତନ୍ତ୍ରର ଓ୍ୱେବରୁ ମୁକ୍ତ ରଖାଯାଏ । ଆଇନ ପ୍ରତିଷ୍ଠାନଗୁଡ଼ିକୁ ମଜବୁତ କରାଯିବା ସହିତ ସେମାନଙ୍କୁ ଦେଶର ଲୋକଙ୍କ ନିକଟରେ ଅଧିକ ଉତ୍ତରଦାୟୀ କରାଯିବା ଉଚିତ । ଏପରିକି ଦୀର୍ଘମିଆଦି ଅନୁଷ୍ଠାନଗୁଡିକର ବିଶ୍ଳେଷଣ କରିବା ସହିତ, ସେମାନଙ୍କୁ ଏପରି ବିକାଶ କରାଯିବା ଆବଶ୍ୟକ ରହିଛି, ଯାହା ଦ୍ୱାରା ସେମାନେ ଆଜିର ନବ-ଉଦାରବାଦୀ ଯୁଗରେ ମଧ୍ୟ ଲୋକ-ଆଧାରିତ ବିକାଶକୁ ଅନୁକରଣ କରିପାରିବେ...!!!

**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪**
**ମୋ- ୯୦୪୦୧୫ ୧୪୭୫**

# ଜୀବନ ରକ୍ଷା ପାଇଁ ଖାଦ୍ୟ

ଅନନ୍ତ କର

**ଆମର ପବିତ୍ର ଭାରତ କର୍ମଭୂମି ରୂପେ ଖ୍ୟାତ । ଭୋଗ ଭୂମି ନୁହେଁ । ଆମ ସଂସ୍କୃତି ଆମ ପାଇଁ ଆତ୍ମସଂଯମର ଶିକ୍ଷା ଦେଇଥାଏ । ଭୋଜନାଦି କେବଳ ଜୀବନ ରକ୍ଷା ପାଇଁ କରାଯାଏ, ତାହା ମଧ୍ୟ ବିଧି ବା ନିୟମ ପାଳନ କରି । ଚରକ ସଂହିତାରେ ଉଲ୍ଲେଖ ରହିଛି ଅନ୍ନମ୍ ପ୍ରାଣିନାମ୍ ପ୍ରାଣ । କିନ୍ତୁ ଯାହା ବିଧିହୀନ ବା ନିୟମ ବିରୁଦ୍ଧ ତାହା ପ୍ରାଣଘାତକ ମଧ୍ୟ ହୋଇପାରେ । ଯେପରିକି ରାତିରେ ଦହି ଖାଇବା, ଗରମ ପଦାର୍ଥ ସହ ମହୁ ଖାଇବା, ମହୁ ସହିତ ମୂଳା ଖାଇବା, ସମାନ ପରିମାଣର ଘିଅ ଓ ମହୁ ଖାଇବା, ଅକାଳରେ, ଅସମୟରେ ଭୋଜନ ଗ୍ରହଣ କରିବା, ଏ ସବୁ ଦ୍ୱାରା ଶରୀରରେ ରୋଗ ସୃଷ୍ଟି ହୋଇଥାଏ ।**

ନିହାତି ଭୋଗ ବହୁଳ ଏହି ଯୁଗରେ ଅଗଣିତ ଭୋଗ୍ୟ ପଦାର୍ଥ ରହିଛି । ଶରୀରର ସେବା ନିମନ୍ତେ ସହସ୍ର ସାଧନ ଉପଲବ୍ଧି ନିମନ୍ତେ ସତତ ପ୍ରୟତ୍ନ କରାଯାଉଛି । ପିନ୍ଧିବା ନିମନ୍ତେ ବସ୍ତ୍ର, ବସବାସ ନିମନ୍ତେ ଗୃହ ଏବଂ ଭୋଜନ ନିମନ୍ତେ ଖାଦ୍ୟ ବହୁ ପ୍ରକାରର, ବିଭିନ୍ନ ଭାବେ, ବିବିଧ ରୂପରେ ପ୍ରାପ୍ତ ହୋଇଥାଏ ।

ଭୋଗବାଦୀ ମନୁଷ୍ୟମାନେ ସେଗୁଡ଼ିକୁ ଭୋଗ କରିଥାନ୍ତି । ଭୋଗ ପ୍ରତି ଅହରହ ଧାଉଁଥିବା ମଣିଷମାନେ ଅକାଳରେ ଅନେକେ ନଷ୍ଟଭ୍ରଷ୍ଟ ହୋଇ ବିଭିନ୍ନ ରୋଗଜନିତ ପୀଡାରେ ଛଟପଟ ହୁଅନ୍ତି । ରୋଗ ନିରାକରଣ ପାଇଁ ଅତ୍ୟଧିକ ବ୍ୟୟ କରନ୍ତି । ସେହି ବ୍ୟୟ ଭରଣା କରିବା ପାଇଁ ଅନେକେ ନିଜକୁ ଏବଂ ଅନ୍ୟ ଲୋକଙ୍କୁ ଠକିବା ଓ ପୀଡ଼ା ଦେବା ପାଇଁ ପଛାଇ ନଥାନ୍ତି । ଭୋଗ ଲାଳସା ଯୁକ୍ତ ପାଶ୍ଚାତ୍ୟ ସଭ୍ୟତା ଦ୍ୱାରା ପ୍ରଭାବିତ ଲୋକଙ୍କ ଏ ହେଉଛି ପଦ୍ଧତି । କିନ୍ତୁ ଭାରତୀୟ ସଂସ୍କୃତି କର୍ମ ପରାୟଣ ହେବାକୁ ପ୍ରେରଣା ଦିଏ, ଭୋଗ ପରାୟଣ ହେବାକୁ ବାରଣ କରିଥାଏ ।

ଆମର ପବିତ୍ର ଭାରତ କର୍ମଭୂମି ରୂପେ ଖ୍ୟାତ । ଭୋଗ ଭୂମି ନୁହେଁ । ଆମ ସଂସ୍କୃତି ଆମ ପାଇଁ ଆତ୍ମସଂଯମର ଶିକ୍ଷା ଦେଇଥାଏ । ଭୋଜନାଦି କେବଳ ଜୀବନ ରକ୍ଷା ପାଇଁ କରାଯାଏ, ତାହା ମଧ୍ୟ ବିଧି ବା ନିୟମ ପାଳନ କରି । ଚରକ ସଂହିତାରେ ଉଲ୍ଲେଖ ରହିଛି 'ଅନ୍ନମ୍ ପ୍ରାଣିନାମ୍ ପ୍ରାଣ '। କିନ୍ତୁ ଯାହା ବିଧିହୀନ ବା ନିୟମ ବିରୁଦ୍ଧ ତାହା ପ୍ରାଣଘାତକ ମଧ୍ୟ ହୋଇପାରେ । ଯେପରିକି ରାତିରେ ଦହି ଖାଇବା, ଗରମ ପଦାର୍ଥ ସହ ମହୁ ଖାଇବା, ମହୁ ସହିତ ମୂଳା ଖାଇବା, ସମାନ ପରିମାଣର ଘିଅ ଓ ମହୁ ଖାଇବା, ଅକାଳରେ, ଅସମୟରେ ଭୋଜନ ଗ୍ରହଣ କରିବା, ଏ ସବୁ ଦ୍ୱାରା ଶରୀରରେ ରୋଗ ସୃଷ୍ଟି ହୋଇଥାଏ । ପ୍ରାକୃତିକ ଚିକିତ୍ସା ସିଦ୍ଧାନ୍ତ ଅନୁଯାୟୀ ରୋଗ ଏକପ୍ରକାର ନୁହେଁ । ରୋଗର ସ୍ୱରୂପ ମଧ୍ୟ ଭିନ୍ନ ଭିନ୍ନ ପ୍ରକାରର । ଯେପରି ଅଧ୍ୟାତ୍ମ ଦୁଃଖର କାରଣ ଅଜ୍ଞାନ ଅଟେ, ସେପରି ଶରୀରର ରୋଗର କାରଣ ମଧ୍ୟ ଅଜ୍ଞାନ ଅଟେ ।

ସ୍ୱାସ୍ଥ୍ୟ ସ୍ୱାଭାବିକ, ରୁଗଣ, ଦୁଶ୍ଚିନ୍ତା, ସଂସ୍କାର ହୀନତା, ଆହାର ଗ୍ରହଣରେ ଶୀଘ୍ରତା, ଶ୍ରମ ସମର୍ପଣ ବିଶ୍ୱାସର ନ୍ୟୁନତା ଦ୍ୱାରା ଆନ୍ତରିକ ଏବଂ ବାହ୍ୟ ସ୍ତରରେ ଦୁଃଖ ସୃଷ୍ଟି ହୁଏ । ଆୟୁର୍ବେଦ ଶାସ୍ତ୍ର ଅନୁସାରେ 'କଃ ନିରୋଗଃ', କିଏ ନିରୋଗ - 'ଯାଃ ହିତଭୁକ୍'-ମିତଭୁକ୍- ଋତଭୁକ୍ ସ ନୀରୋଗଃ । ଭୋଜନ ଯଦି ଶ୍ରମ ଲବ୍ଧ, ସାତ୍ତ୍ୱିକ, ପୌଷ୍ଟିକ, ସୁପକ୍ୱ, ସୁ ଚର୍ବିତ, ଋତୁ ଉପଯୁକ୍ତ, ସ୍ୱଚ୍ଛ, ସୁସ୍ୱାଦୁ ଏବଂ ନିୟମିତ ଗ୍ରହଣ କରାଯାଏ, ତେବେ ତାହା ରୋଗ ନିବାରକ, ସ୍ୱାସ୍ଥ୍ୟ ବର୍ଦ୍ଧକ ହୋଇଥାଏ । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି -

*'ଆୟୁଃ ସତ୍ତ୍ୱ ବଳାରୋଗ୍ୟ ସୁଖ ପ୍ରୀତି ବିବର୍ଦ୍ଧନା, ରସ୍ୟା ସ୍ନିଗ୍ଧା ସ୍ଥିରାଃ ହୃଦ୍ୟାଃ ଆହାରାଃ ସାତ୍ତ୍ୱିକ ପ୍ରିୟା ।'*

ଆୟୁ, ବୁଦ୍ଧି, ବଳ, ଆରୋଗ୍ୟ, ସୁଖ ଓ ପ୍ରୀତି ବର୍ଦ୍ଧନକାରୀ ରସଯୁକ୍ତ ସ୍ନିଗ୍ଧ ଏବଂ ସ୍ଥିର ରହୁଥିବା ତଥା ସ୍ୱଭାବତଃ ମନକୁ ପ୍ରିୟ, ଏପରି ଖାଦ୍ୟ ସାତ୍ତ୍ୱିକ, ମନୁଷ୍ୟମାନଙ୍କ ପ୍ରିୟ । ଏଣୁ ସାତ୍ତ୍ୱିକ ଆହାର ସର୍ବଦା ଗ୍ରହଣୀୟ । ଶାସ୍ତ୍ରାନୁସାରେ 'ଅନ୍ନମ୍ ବୈ ପ୍ରାଣ । ଓଁ ଅନ୍ନ ପତେ ଅନ୍ନସ୍ୟନୋ ଦେହ୍ୟନି ଅମିବସ୍ୟ ଶୁଷ୍ମିନ' ଇତ୍ୟାଦି ସୂକ୍ତି ଦ୍ୱାରା ସିଦ୍ଧ ହୋଇଥାଏ ଯେ ଯେଉଁ ଆହାର ଶାକାହାର ନିରାମିଷ ବା ପ୍ରାକୃତ - ସ୍ୱାଭାବିକ ସେହି ଆହାର ହିଁ ସ୍ୱାସ୍ଥ୍ୟକର ହୋଇଥାଏ । କିନ୍ତୁ ଆମିଷ ଭୋଜନ ନୁହେଁ । ଆମିଷ ଭୋଜନ ଦ୍ୱାରା ଚିତ୍ତ, ମନ, ବୁଦ୍ଧି, ଇନ୍ଦ୍ରିୟ ଜାତ ଶରୀର ବିକୃତ ହୋଇଯାଏ । ଅତଏବ ମନୁଷ୍ୟ ପାଇଁ କେବଳ ଶାକାହାର ଗ୍ରହଣ କରିବାକୁ ଅନେକ ସ୍ଥାନରେ ନିର୍ଦ୍ଦେଶ ରହିଛି ।

ଭୋଜନ ପୂର୍ବରୁ ଆଚମନ କରିବା, ଗୋଡହାତ ଧୋଇବା, ଶାନ୍ତ ମନରେ ରୁଚିକର ଖାଦ୍ୟ ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଠିକ୍ ରହିଥାଏ । ଭୋଜନ କାଳରେ 'ମଧୁରେଣ ସମାରଭ୍ୟ ମଧୁରେଣ ସମାପୟେତ୍, ଭୋଜନାନ୍ତେ ପିବେତ୍ ତକ୍ରମ୍', ଇତ୍ୟାଦି କଥାକୁ ମଧ୍ୟ ଧ୍ୟାନ ଦେବାକୁ ପଡ଼ିବ । ଗୀତାରେ ଅନ୍ୟତ୍ର କୁହାଯାଇଛି -

*'ଯେ ହି ସଂସ୍ପର୍ଶଜା ଭୋଗା ଦୁଃଖ ଯୋ ନୟ ଏବତେ, ଆଦ୍ୟନ୍ତ ବନ୍ତ କୌନ୍ତେୟ ନ ତେଶୁ ରମତେ ବୁଧଃ ।*

ଅର୍ଥାତ୍ ଯେଉଁ ଇନ୍ଦ୍ରିୟ ତଥା ବିଷୟମାନଙ୍କ ସଂଯୋଗରୁ ଉତ୍ପନ୍ନ ହେଇଥିବା ଭୋଗମାନ ରହିଛି, ସେଗୁଡିକ ସୁଖ ରୂପ ପ୍ରତୀତ ହେଉଥିଲେ ବି ନିଃସନ୍ଦେହ ଦୁଃଖର କାରଣ ଅଟନ୍ତି । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି 'ଭୋଗେ ରୋଗ ଭୟଂ' । ପରିଶେଷରେ ଏତିକି କୁହାଯାଇପାରେ -

*'ଭୋଗା ନ ଭୁକ୍ତା ବୟ ମେବ ଭୁକ୍ତା*
*ସ୍ତପୋ ନ ତପ୍ତମ୍ ବୟମେବ ତପ୍ତା'*
*କାଲୋ ନ ଯାତା ବୟମେବ ଯାତା*
*ତୃଷ୍ଣା ନ ଜୀର୍ଣ୍ଣ ବୟମେବ ଜୀର୍ଣ୍ଣ ।'*

**ବୁଦ୍ଧଖୋଲ ରୋଡ, ବୁଗୁଡ଼ା**
**ମୋ-୯୪୩୮୭୬୫୮୫୬**

# ରାଧାଦାମୋଦର ବେଶ

ଦେବଦତ୍ତ ବିଶ୍ୱାଳ

ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଠାକୁରଙ୍କୁ ରାଧା ଦାମୋଦର ବେଶ ଲାଗି ହୁଏ । କାର୍ତ୍ତିକ ମାସରେ ବିଷ୍ଣୁଙ୍କର ନାମ ଦାମୋଦର ହୋଇଥିବାରୁ ବେଶର ଏପରି ନାମକରଣ କରାଯାଇଅଛି । କାର୍ତ୍ତିକ ମାସରେ ରାତ୍ର ଦୁଇଘଡ଼ି ଥାଇ ଆଳତି ଅବକାଶ ସରି ତା ପରେ ରାଧାଦାମୋଦର ବେଶ ହୋଇ ଠାକୁର ବାଲଧୂପ ପର୍ଯ୍ୟନ୍ତ ରହନ୍ତି । ଏହି ଦାମୋଦର ବେଶ ବା ରାଧାଦାମୋଦରର ପୂଜାର ମୂଳରେ ହେଉଛନ୍ତି ଗୋପୀମାନେ କାର୍ତ୍ତିକ ବ୍ରତ ଆଚରଣ କରି ଯମୁନା କୂଳରେ ରାଧାଦାମୋଦରଙ୍କୁ ପୂଜା କରୁଥିଲେ । ଏହି ବେଶରେ ଲାଗି ହେଉଥିବା ସୁବର୍ଣ୍ଣ ଅଳଙ୍କାରମାନ । ତାହା ହେଲା - ସୁବର୍ଣ୍ଣ ଘାଗଡ଼ା-ତିନି, କଟି ଓଡ଼ିଆଣୀ-ତିନି, ଚନ୍ଦ୍ରସୂର୍ଯ୍ୟ (ମସ୍ତକରେ)-ତିନି, ଚନ୍ଦ୍ରିକା (ତ୍ରିମୁଣ୍ଡି ଚୂଳର ଅଗ୍ରଭାଗରେ)-ଦୁଇ, ତିଳକ - ଦୁଇ, ନଳୀଭୁଜ ହସ୍ତରେ-ଚାରି, କୁଣ୍ଡଳ - ଚାରି, ତଡ଼ଗି - ଦୁଇ ।

ଏହି ବେଶରେ ଫୁଲ ନିର୍ମିତ ଗୁଣା, ଚିତା ଓ ଅଧରମାଳା ଲାଗେ । ଫୁଲ ଠାରୁ ଅଧିକ ସୁବର୍ଣ୍ଣ ଅଳଙ୍କାର ଲାଗେ । ହସ୍ତରେ ନଳୀଭୁଜ ପିନ୍ଧାଇ ଦିଆଯାଏ । ମହାପ୍ରଭୁଙ୍କର ଚୂଳରେ ବାଉଁଶ ପାଡିଆ ଓ କନାରେ ନିର୍ମିତ ଚୂଳ ତ୍ରିମୁଣ୍ଡି ଉପରେ ରହିଥାଏ । ଚୂଳର ଅଗ୍ରଭାଗରେ ଚନ୍ଦ୍ରିକା ଶୋଭାପାଏ । କର୍ଣ୍ଣଦେଶରେ କୁଣ୍ଡଳ, କଟିଦେଶରେ ଓଡ଼ିଆଣୀ, ମସ୍ତକରେ ତଡ଼ଗି ସହିତ ବିଭିନ୍ନ ପ୍ରକାର ପୁଷ୍ପ ଅଳଙ୍କାର, ସୁନା ଅଳଙ୍କାର ସହ ପାଟଶାଢ଼ୀ, ପୁଟା ଶିରୀକପଡ଼ା, ପହରଣ, ବଳା, ଅଧରବଳା ଓ ଉତ୍ତରୀୟ ଲାଗି ହୁଏ । ଏହି ସମୟରେ ଏକ ଅଧିକ ଭୋଗ, ବାଲଭୋଗ ଭୋଗ ହୁଏ । କାର୍ତ୍ତିକ ପଞ୍ଚୁକ ସମୟରେ ରାଧାଦାମୋଦର ବେଶ ନହୋଇ ଅନ୍ୟ ପାଞ୍ଚଗୋଟି ବେଶ ହୁଏ । ଯଥା - ଲକ୍ଷ୍ମୀ ନାରାୟଣ, ବାଙ୍କଚୂଳ, ତ୍ରିବିକ୍ରମ, ଲକ୍ଷ୍ମୀ ନୃସିଂହ ଓ ରାଜରାଜେଶ୍ୱର । ଯେଉଁ ବର୍ଷ କାର୍ତ୍ତିକ ପଞ୍ଚୁକ ପାଞ୍ଚଦିନ ନ ହୋଇ ଛ'ଦିନ ହୁଏ ସେହି ପୂର୍ଣ୍ଣିମା ଦିନ ନାଗାର୍ଜ୍ଜୁନ ବେଶ ହୁଏ ।

ଜଗନ୍ନାଥଙ୍କର ମୁଖ କଳା ହେତୁ ସେ କୃଷ୍ଣ ଓ ତଳ ଭାଗଟି ଧଳା ହେତୁ ତାହା ରାଧା ଭାବରେ ଚିହ୍ନିତ । ଏଣୁ ଜଗନ୍ନାଥଙ୍କର ରାଧା ଦାମୋଦର ବେଶ ଅନୁଷ୍ଠିତ ହେଉଛି । ରାଧାଦାମୋଦର ବେଶ କେବେ ଠାରୁ ଅନୁଷ୍ଠିତ ହେଲା ତାହା କହିବା କଷ୍ଟକର । ନିମ୍ବାର୍କାଚାର୍ଯ୍ୟ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିର ଉପାସକ ଥିଲେ ।

ବିଷ୍ଣୁ ସହସ୍ର ନାମ ଅନୁସାରେ କୃଷ୍ଣଙ୍କୁ ଦଉଡିରେ ଯଶୋଦା ବାନ୍ଧି ଦେଇଥିଲେ ବୋଲି ତାଙ୍କର ନାମ ଦାମୋଦର । ରାଧାଦାମୋଦର ବେଶ ରାଧାକୃଷ୍ଣଙ୍କର ଅପୂର୍ବ ଲୀଳାର ପରିଚୟ ଦିଏ । ଏହି ବେଶ ବୋଧହୁଏ ନିମ୍ବାର୍କାଚାର୍ଯ୍ୟରୁ ଆରମ୍ଭ ହୋଇଥାଇପାରେ । ଏପରିକି ନିମ୍ବାର୍କାଚାର୍ଯ୍ୟଙ୍କ ମଠରେ ରହୁଥିବା ଜୟଦେବ ମଧ୍ୟ ରାଇଦାମୋଦର ଯୁଗଳ ମୂର୍ତ୍ତିର ଉପାସକ ଥିଲେ ।

ମାଦଳା ପାଞ୍ଜି ଓ ଶ୍ରୀମନ୍ଦିରର ଐତିହ୍ୟ ତଥ୍ୟାବଳୀରୁ ଯାହା ଜଣାପଡ଼େ, କେତେକ ନିମ୍ବାର୍କାଚାର୍ଯ୍ୟ ଉପରେ ଗୁରୁତ୍ୱାରୋପ ନକରି ପ୍ରତାପରୁଦ୍ରଙ୍କ ସମୟରେ ଶ୍ରୀଚୈତନ୍ୟଙ୍କ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଚୈତନ୍ୟ ରାଗାନୁଗା ଉପାସକ ଥିବାରୁ ଶ୍ରୀମନ୍ଦିରରେ ରାଗାନୁଗା ଭକ୍ତି ପରିବର୍ତ୍ତେ ବୈଧି ଭକ୍ତିର ପ୍ରଚଳନ ଥିବାରୁ ଜଗନ୍ନାଥ ରାଧାକୃଷ୍ଣଙ୍କର ମିଳିତ ତନୁ ଭାବରେ ଏହି ବେଶ ହୋଇଥିବେ ଏବଂ ଏହା ଜୟଦେବଙ୍କ ପ୍ରେରଣାରେ ରାଜାଙ୍କ ଦ୍ୱାରା କରାଯାଇଥିବାର କଥା ଅଧିକ ଯୁକ୍ତିଯୁକ୍ତ ମନେହୁଏ । ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଦର୍ଶନ କରିବା ପାଇଁ ପୁରୀ ଶ୍ରୀମନ୍ଦିରରେ ପ୍ରବଳ ଜନସମାଗମ ହୋଇଥାଏ ।

**ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ,**
**ମୋ-୯୮୬୧୯୪୪୫୯୪**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି...

କିମି ରହିବାର ସମ୍ଭାବନା ରହିଛି ।

ଆସନ୍ତାକାଲି(ଗୁରୁବାର) କିଛି ସ୍ଥାନରେ ୨୦ ସେମିରୁ ଅଧିକ ବର୍ଷା ସହ ପବନ ହୋଇପାରେ । କେତେକ ସ୍ଥାନରେ ପବନରେ ଗଛ ଉପୁଡିପାରେ ଓ ଗଛ ଡାଳ ଭାଙ୍ଗିପାରେ । ବାତ୍ୟା ପ୍ରଭାବରେ କେନ୍ଦ୍ରାପଡ଼ା, ଭଦ୍ରକ ଓ ବାଲେଶ୍ୱରରେ ୧ରୁ୨ ମିଟର ଉଚ୍ଚରେ ଜୁଆର ଆସିପାରେ । ୨୪ ତାରିଖରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ମୟୂରଭଞ୍ଜ, କଟକ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏସବୁ ଜିଲ୍ଲାକୁ ରେଡ ୱାର୍ଣ୍ଣିଂ ଜାରି ହୋଇଛି । କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହପରି ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହେବା ସହିତ ପ୍ରବଳ ବର୍ଷା ହୋଇପାରେ । ୨୫ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ ।

## ଓସିଏସ୍...

ବିଭାଗ ଅଧିନସ୍ଥ ସମସ୍ତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଦ୍ୟାଳୟଗୁଡିକୁ ବନ୍ଦ ରଖାଯିବ । ବିଭାଗ ଅନ୍ତର୍ଗତ ସମସ୍ତ ମଣ୍ଡପ ଯଥା ରବୀନ୍ଦ୍ର ମଣ୍ଡପ, ଉତ୍କଳ ମଣ୍ଡପ, ଭଞ୍ଜକଳା ମଣ୍ଡପ ମଧ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ଓ ୨୫ ତାରିଖରେ ବନ୍ଦ ରହିବ ବୋଲି ନିଷ୍ପତ୍ତି ନିଆଯାଇଛି ।

## ଆତଙ୍କିତ...

ସେ ସବୁ ଜିଲ୍ଲାରେ ବିପଦଶଙ୍କୁଳ ଅଞ୍ଚଳରୁ ଯୁଦ୍ଧକାଳୀନ ଭିତ୍ତିରେ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯାଉଛି । ବର୍ତ୍ତମାନ ସୁଦ୍ଧା ବିପଦଶଙ୍କୁଳ ଅଞ୍ଚଳରୁ ୩୦ ପ୍ରତିଶତ ଲୋକଙ୍କୁ ସ୍ଥାନାନ୍ତର କରାଯାଇସାରିଛି । ରାତି ସାରା ସ୍ଥାନାନ୍ତର କାର୍ଯ୍ୟ ଚାଲିବ ଏବଂ ଆସନ୍ତା କାଲି ସକାଳ ୧୧ଟା ସୁଦ୍ଧା ୯୦ ପ୍ରତିଶତ ସ୍ଥାନାନ୍ତର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବାତ୍ୟା ଆଶ୍ରୟସ୍ଥଳୀରେ ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ ସହ ରନ୍ଧା ଖାଦ୍ୟ ଓ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର, କଟକ ଓ ପୁରୀ ଜିଲ୍ଲା ଅଧିକ ପ୍ରଭାବିତ ହେବାର ସମ୍ଭାବନା ଥିବାବେଳେ, ଯଦି ଗତିପଥ ବଦଳେ, ତେବେ ଅନ୍ୟାନ୍ୟ ଜିଲ୍ଲା ମଧ ପ୍ରଭାବିତ ହେବାର ସମ୍ଭାବନା ରହିଛି । ସେଥିପାଇଁ ସରକାର ମଧ ପ୍ରସ୍ତୁତ ରହିଛନ୍ତି ।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୁଜାରୀ ଉପସ୍ଥିତ ଥିଲେ । ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱତନ୍ତ୍ର ରିଲିଫ କମିଶନର, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବମାନେ ଉପସ୍ଥିତ ଥିଲେ । ବାତ୍ୟା ସମ୍ଭାବନା ଥିବା ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ ।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ଜରୁରୀକାଳୀନ ନିୟନ୍ତ୍ରଣ କକ୍ଷ ପରିଦର୍ଶନ କରି ସେଠାରେ ବିଭିନ୍ନ ସାଟେଲାଇଟ ସୂଚନା ସମ୍ପର୍କରେ ଅବଗତ ହୋଇଥିଲେ ଏବଂ ଜରୁରୀକାଳୀନ ଯୋଗାଯୋଗ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ ।

## ୮୦ ଲକ୍ଷ...

ନିଗମ ମାଧ୍ୟମରେ କେନ୍ଦ୍ରୀୟ ଭଣ୍ଡାରକୁ ଦିଆଯିବ । ପୂର୍ବବର୍ଷ ଭଳି ପି-ପାସ୍ ସଫ୍ଟୱେୟାର ମାଧ୍ୟମରେ ଧାନ ସଂଗ୍ରହ କାର୍ଯ୍ୟକ୍ରମ ଅନ୍‌ଲାଇନ୍‌ରେ ହେବ । ଅଭାବୀ ଧାନ ବିକ୍ରିକୁ ପ୍ରତିହିତ କରିବା ପାଇଁ ଜିଲ୍ଲା ପ୍ରଶାସନ-ସଂଗ୍ରହକାରୀ ସଂସ୍ଥା ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ।

## 'ସୁଭଦ୍ରା'...

୭୫୦ କିମି ଅଧିକ ମାର୍ଗ ବୃଦ୍ଧିର ସମ୍ଭାବନା ରହିଛି । ସେହିଭଳି ଅନଧିକୃତ ଅଞ୍ଚଳରେ ପ୍ରବେଶ ବିସ୍ତାର ଏବଂ ବିମାନ ସଂସ୍ଥାଗୁଡିକର ନ୍ୟୁନତମ ବିମାନ କ୍ଷମତା ସମ୍ପୂର୍ଣ୍ଣ ନିରୀକ୍ଷଣ ଏବଂ ମୂଲ୍ୟାୟନ ମଧ ଏହି ନୀତି ମାଧ୍ୟମରେ କରାଯିବ । ଏହି ନୀତି ଦ୍ୱାରା ବିଶେଷକରି ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ବିକାଶ ସୁଦୃଢ଼ ହେବ । ଚାଷୀଙ୍କ ହିତ ପାଇଁ ସମୃଦ୍ଧ କୃଷକ ଯୋଜନାକୁ ଅନୁମୋଦନ ମିଳିଛି । ଏହି ଯୋଜନା ଅନୁଯାୟୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ପଞ୍ଜୀକୃତ ଚାଷୀଙ୍କ ଠାରୁ ପ୍ରଚଳିତ ସର୍ବନିମ୍ନ ସହାୟକ ମୂଲ୍ୟ ସହ ଇନ୍‌ପୁଟ୍ ସହାୟତା ପ୍ରଦାନ କରି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରାଯିବ । ଦ୍ରବ୍ୟ ଓ ସେବାକର ପରିଶୋଧର ସୁପାରିଶ କ୍ରମେ ଓଡ଼ିଶା ଦ୍ରବ୍ୟ ଓ ସେବାକର ଅଧିନିୟମ ୨୦୧୭ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । ଏହି ସଂଶୋଧିକ ପ୍ରସ୍ତାବକୁ ଅଧ୍ୟାଦେଶ ଜାରି କରାଯାଇ କାର୍ଯ୍ୟକାରି କରାଯିବ ।

## ପୋଖରୀରେ...

ପୋଖରୀର ଗଭୀର ପାଣି ଭିତରୁ କାମିନୀ, ଦୁଇ ପିଲା ମିଥୁନ୍ ଓ ସୁନୁକାଙ୍କୁ ଉଦ୍ଧାର କରି ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଉମେଶ ଗିରି,ପୁର୍ବତନ ସରପଞ୍ଚ ବିଜୟ ନାଏକ,ଦୁଃଖବନ୍ଧୁ ନାଏକଙ୍କ ସମେତ ଗ୍ରାମବାସୀ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ । ଏହି ଘଟଣା ପରେ ଘଟଗାଁ,ଢ଼େଙ୍କିକୋଟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ।


GOVERNMENT OF ODISHA
OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR,
POWER HOUSE SQUARE UNIT-V, ODISHA, BHUBANESWAR
Tel.- 0674-2394873/FAX-2391255
E-Mail: eic-epcei@nic.in

AA-15

NOTICE

No. OE-MISC-13/2024(Vol-I)/ 6005/Dated Bhubaneswar, the 23.10.2024

Sealed tenders are invited from interested reputed Travel Agencies / Tour Operators/Individual having GST registration & GeM registration for providing 1 (One) No. of BS-VI compliant Petrol driven vehicle ((Tiago/ Bolt/ Celerio or similar model) with minimum average mileage 17 Km/ltr. having seating capacity not more than 5 (Five) including driver on monthly hiring basis maximum Rs. 20,000.00 **(Rupees Twenty Thousand)** excluding GST & Fuel preferably for engagement in the office of EIC (Electricity) Cum PCEI(O), Bhubaneswar.

Details regarding eligibility criteria, terms and conditions and the formats of submission of tender are mentioned in the tender document which may be collected from the office of EIC(E)-cum-PCEI(0), Bhubaneswar and downloaded from website of **www.eicelectricityodisha.nic.** Interested agencies and individuals may submit their tenders in a sealed envelope super-scribing on the top of the sealed envelopes as "QUOTATION / TENDER CALL NOTICE No. 6001 FOR HIRING VEHICLE FOR OFFICIAL USE **(POOL VEHICLE)** OF EIC (ELECTRICITY) CUM PCEI(O), BHUBANESWAR."

The tender should reach at the office of the undersigned by 08.11.2024 (till 01.30 P.M) by Regd. Post/ Speed Post or by person with proper acknowledgment. The tenders will be opened and evaluated on dated 08.11.2024 at 3.30 P.M. in the office of EIC (Elecy)-cum-PCEI(O), Bhubaneswar for finalization. The undersigned reserves the right to reject any or all the tenders without assigning any reason thereof.

Sd/- EIC (Electricity)-cum-PCEI, Odisha
Bhubaneswar



GOVERNMENT OF ODISHA
OFFICE OF THE ENGINEER-IN-CHIEF ELECTRICITY-CUM-PRINCIPAL CHIEF ELECTRICAL INSPECTOR,
POWER HOUSE SQUARE UNIT-V, ODISHA, BHUBANESWAR
Tel.- 0674-2394873/FAX-2391255
E-Mail: eic-epcei@nic.in

NOTICE

No. OE-MISC-13/2024(Vol-I)/6000/Dated Bhubaneswar, the 23. 10.2024

Sealed tenders are invited from interested reputed Travel Agencies / Tour Operators/Individual having GST registration & GeM registration for providing 1 (One) No. of BS-VI compliant Petrol driven vehicle (Swift Dezire / Xcent / Zest / Tigor / Etios or similar model) with minimum average mileage 17 Km/ltr. having seating capacity not more than 5 (Five) including driver on monthly hiring basis maximum Rs. 26,000.00 **(Rupees Twenty Six Thousand)** excluding GST & Fuel preferably for engagement in the office of EIC(Electricity) Cum PCEI(O), Bhubaneswar.

Details regarding eligibility criteria, terms and conditions and the formats of submission of tender are mentioned in the tender document which may be collected from the office of EIC(E)-cum-PCEI(0), Bhubaneswar and downloaded from website of **www.eicelectricityodisha.nic.** Interested agencies and individuals may submit their tenders in a sealed envelope super-scribing on the top of the sealed envelopes as "QUOTATION / TENDER CALL NOTICE NO. 5996 FOR HIRING VEHICLE FOR OFFICE OF EIC (ELECTRICITY) CUM PCEI(O), BHUBANESWAR."

The tender should reach at the office of the undersigned by 07.11.2024 (till 01.30 P.M) by Regd. Post/ Speed Post or by person with proper acknowledgment. The tenders will be opened and evaluated on dated 07.11.2024 at 3.30 P.M. in the office of EIC (Elecy)-cum-PCEI(O), Bhubaneswar for finalization. The undersigned reserves the right to reject any or all the tenders without assigning any reason thereof.

OIPR : 04066/11/0015/2425

Sd/- EIC (Electricity)-cum-PCEI, Odisha
Bhubaneswar


## ଐତିହାସିକ...

ପ୍ରତିରୋପଣ କରିବେ । ଏହା ଦ୍ୱାରା ଓଡ଼ିଶା ଲୋକଙ୍କୁ ଏହି ଚିକିତ୍ସା ପାଇଁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ ।

ମନ୍ତ୍ରୀ ଡ. ମହାଲିଙ୍ଗ, କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍‌ଙ୍କ ଉପସ୍ଥିତିରେ ଭେଷଜ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡା. ସନ୍ତୋଷ ମିଶ୍ର ଏବଂ ଏମ୍‌ଜିଏମ୍ ହେଲଥ୍ କେୟାର ପକ୍ଷରୁ ଡା. ସୁରେଶ ରାଓ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସ୍‌ସିବିର ପ୍ରଫେସର ଡା. ମନୋଜ କୁମାର ପଟ୍ଟନାୟକ, ପ୍ରଫେସର ଡା. ସୁର କିଶୋର ମିଶ୍ର ଓ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ୱାୟନାଡରୁ...

ପ୍ରିୟଙ୍କା ସେଠି ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେଉଛନ୍ତି । ବିଜେପିରୁ ନାଭ୍ୟା ହରିଦାସ ୱାୟନାଡରେ ପ୍ରାର୍ଥୀ ହୋଇଥିବାବେଳେ ସିପିଆଇର ସତ୍ୟାନ୍ ମକୋରୀ ପ୍ରାର୍ଥୀ ହୋଇଛନ୍ତି । ତେବେ ୱାୟନାଡକୁ କଂଗ୍ରେସର ଏକ ନିରାପଦ ଆସନ ଭାବେ ବିଚାର କରାଯାଉଛି । ଉପନିର୍ବାଚନରେ ପ୍ରିୟଙ୍କା ତାଙ୍କ ଭୋଟ୍ ରାଜନୀତି କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି । ନିର୍ବାଚନ ରାଜନୀତିରୁ ସେ ଦୀର୍ଘଦିନ ଧରି ଦୂରେଇ ରହିଥିଲେ । ତେବେ ଦଳର ପ୍ରାର୍ଥୀ ଓ ତାଙ୍କ ପରିବାରର ସଦସ୍ୟଙ୍କ ଲାଗି ସେ ପ୍ରଚାର କରୁଥିଲେ । ୫୨ ବର୍ଷୀୟ ପ୍ରିୟଙ୍କାଙ୍କୁ ପ୍ରତ୍ୟକ୍ଷ ରାଜନୀତି ବା ନିର୍ବାଚନ ରାଜନୀତିକୁ ଆସିବା ପାଇଁ କଂଗ୍ରେସ କର୍ମୀମାନେ ଚାପ ପକାଉଥିଲେ । ଗତ ଲୋକସଭା ନିର୍ବାଚନରେ ରାହୁଲ ଗାନ୍ଧି ଉଭୟେ ରାଇବରେଲି ଓ ୱାୟନାଡରୁ ନିର୍ବାଚନ ଲଢ଼ିଥିଲେ । ଏହି ଅବସରରେ ଆୟୋଜିତ ଏକ ସଭାରେ ପ୍ରିୟଙ୍କା କହିଛନ୍ତି ଯେ ପ୍ରଥମ ଥର ଲାଗି ସେ ନିଜ ପାଇଁ ପ୍ରଚାର କରିବେ । ପୂର୍ବରୁ ସେ ତାଙ୍କ ବାପା ରାଜୀବ ଗାନ୍ଧି, ମା ସୋନିଆ ଗାନ୍ଧି ଓ ଭାଇ ରାହୁଲ ଗାନ୍ଧିଙ୍କ ଲାଗି ପ୍ରଚାର କରିଥିଲେ । ପ୍ରିୟଙ୍କା କହିଥିଲେ ଯେ ୩୫ ବର୍ଷ ଧରି ସେ ନିର୍ବାଚନ ପ୍ରଚାର କରୁଛନ୍ତି । ମଲ୍ଲିକାର୍ଜୁନେ ଖଡ଼୍‌ଗେ ଓ କଂଗ୍ରେସକୁ ଧନ୍ୟବାଦ ଦେବାକୁ ଚାହେଁ ଯେ ସେମାନେ ମୋତେ ଏଠି ପ୍ରାର୍ଥୀ କରିଛନ୍ତି । ଯେତେବେଳେ ଚୁରୁମାଲା ଓ ମୁଣ୍ଡାକାୟାମ୍ ଗସ୍ତ କରିଥିଲି ଯେଉଁମାନେ ୱାୟନାଡରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟରେ ସବୁକିଛି ହରାଇଥିଲେ ତାଙ୍କୁ ସାକ୍ଷାତ କରିଥିଲି । ତାଙ୍କର ସାହାସ ମୋତେ ଅଧିକ ଉତ୍ସାହିତ କରିଥିଲା । ବର୍ତ୍ତମାନ ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନେ ଘୃଣାର ପ୍ରଚାର କରୁଛନ୍ତି ।

# ବୈଶିଙ୍ଗା ଡାକ୍ତରଖାନାରେ ୩୦ ରୁ ଅଧିକ ପ୍ରସୂତି ଭର୍ତ୍ତି

ବେତନଟୀ (ସବ୍ୟୁ): ବାତ୍ୟା ଦାନା ପାଇଁ ବୈଶିଙ୍ଗା ଡାକ୍ତରଖାନାରେ ଏଥିପାଇଁ ୨୪ ଘଣ୍ଟିଆ ସ୍ୱେଚ୍ଛାସେବାର ବ୍ୟବସ୍ଥା କରାଯାଇ ଥିବାର ଜଣାଯାଇଛି। ଗ୍ରାମାଞ୍ଚଳ ରେ ଆସନ୍ନ ପ୍ରସବା ପ୍ରସ୍ୱତୀ ଏବଂ ଗର୍ଭବତୀ ମାଆ ମାନଙ୍କୁ ବୈଶିଙ୍ଗା ଡାକ୍ତର ଖାନାକୁ ଆଣି ଆଶା କର୍ମୀ ମାନେ ସ୍ୱାସ୍ଥ୍ୟସେବା ଯୋଗାଇଥିବା ଜଣାଯାଇଛି।ବୁଧବାର ସନ୍ଧ୍ୟା ସୁଦ୍ଧା ବୈଶିଙ୍ଗା ଡାକ୍ତରଖାନାର ୩୦ ଜଣ ଗର୍ଭବତୀ ମହିଳା ଅବସ୍ଥାପିତ ହୋଇଥିବାର ଡାଃ ପ୍ରଦୀପ କୁମାର କର ପ୍ରକାଶ କରିଛନ୍ତି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, MALKANGIRI
Letter No. 3152/RWD-II / Dated: 22.10.2024

O-475

1st CORRIGENDUM

TO E- TENDER CALL NOTICE BID-IDENTIFICATION NO.03/RWD-II/2024-25/ LTR NO 3068/ Dt.08.10.2023

The Tender for the works invited under Bid identification 03/RWD-II/2024-25 is here by modified and read as below :

1. The Tender call notice no 03/RWD-II/2024-25/LTR NO 3068/ Dt.08.10.2023 has been cancelled due to technical problem.

OIPR : 25079/11/0008/2425

Sd/- Superintending Engineer
Rural Works Division-II, Malkangiri



Office of the Principal: Women's College, Rayagada
No. 565 Date : 22.10.24

Tender Call Notice

1. Name of the Work : Construction of Paver Block in adjacent area of **cycle** stand and girls common room 5000 sqft. Area
2. Bid security : 10% of tender value and earnest money 1% of tender value.
3. Period of completion : 20 days from issue of work order.
4. Availability of tender document from : 10.10.24 to 31.10.24 in the College website: womens collcge ragayada.in
5. Last date of submission of tender : 31.10.2024 by 5PM
6. Date of opening of bid documents in the presence of purchase committee. 01.11.2024.

Sd/- Principal
Women's College. Rayagada



OFFICE OF THE PANCHAYAT SAMITI,
KALAMPUR DIST.KALAHANDI
NO. 7366 / Date. 18.10.24

QUATATION CALL NOTICE

Sealed quotation is hereby invited form intending interested or reputed Travel Agencies, Tour Operators or Private Individuals for providing 01 no's of BOLERO/TUV 300/ SUMO GOLD AC diesel driven vehicles having sitting capacity of not more than seven including driver. Which shall confirm to the terms and condition (Annexure-II) and General information for Hireling Vehicles (Annexure-III) for official use of Panchayat Samiti Office Kalampur Dist-Kalahandi on monthly rent basis. Annexture II and III is available in the Block Office.

**Last Date : 12 Noon of 28.10.24**

**Opening Date : 4.30 P.M. of 28.10.24**

Sd/- Block Development Officer
Kalampur



WORKS DEPARTMENT
OFFICE OF THE SUPERINTENDING ENGINEER,
ROURKELA (R&B) DIVISION,
UDITNAGAR,ROURKELA

B - 486

E-Mail Id - eepwdrkl@gmail.com

Government of Orissa "e" Procurement Notice

Bid Identification No.: 47 / 2024-25 Dated:15.10.2024

1. Number of works:24(Twenty four) number of Works
2. Estimated cost: Rs. 51.36 Lakhs to Rs.80.42 Lakhs.
3. Period of completion: 4(Four) calendar months
4. Date & Time of availability of bid document in the portal: Dt. 28.10.2024 at 11.00 A.M.
5. Last date/ Time for receipt of bids in the portal: Dt 11.11.2024 up to 05.00 P.M.
6. Date of opening of Bid: Dt. 12.11.2024 at 11.00A.M.
7. Name and Address of the Officer Inviting Bid: Superintending Engineer, (R & B) Division, Rourkela , UditNagar.

Further details can be seen from the e-procurement portal **http/ /tendersorissa.gov.in"**

OIPR : 34068/11/0013/2425

Sd/- Additional Chief Engineer (Civil)
Rourkela(R&B) Division


# ବାତ୍ୟା 'ଦାନା' ଭୟ : ସମୁଦ୍ର କୂଳିଆ ଲୋକେ ଆତଙ୍କିତ ନହେବାକୁ ସତର୍କ ସୂଚନା

ଧାମରା, (ସବ୍ୟୁ): ବାତ୍ୟା ଦାନା ପାଇଁ ଚାନ୍ଦବାଲି ବ୍ଲକ ଧାମରା ଏରିଆର ଲୋକେ ଆତଙ୍କିତ। ସମୁଦ୍ର ତଟବର୍ତ୍ତିରେ ଜାହାଜ ଲାଗିଛି । ବିଗତ ବର୍ଷରେ ୧୯୯୯ ମହା ବାତ୍ୟା ପାଖରୁ ଆରମ୍ଭ କରି ଫନି,ଆମ୍ଫାନ, ତିତିଲି ଭଳି ମହା ବାତ୍ୟା ଚାନ୍ଦବାଲି ବାସି ମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିଲା । ଅନେକ ଧନ ଜୀବନ ସହିତ ଚାଷବାସ ନଷ୍ଟ ହୋଇଥିଲା । ଆସୁଥିବା ବାତ୍ୟା ଦାନାକୁ ନେଇ ନୂତନ ସରକାର ଏବଂ ପାଣିପାଗ ବିଭାଗ ସମ୍ପୂର୍ଣ ସଜାଗ ଥିବା ଦେଖିବାକୁ ମିଳିଛି । ଏନେଇ ପ୍ରଶାସନ ତରଫରୁ ମତ୍ସ୍ୟ ସମ୍ପଦ ଅଧିକାରୀ ଡିଡିଏଫ କୁଅଁର ମାରାଣ୍ଡି, ଭଦ୍ରକ ଉଏକ୍ସ ପ୍ରକାଶ ନାୟକ ଏବଂ ଅଏକ୍ସ ସନ୍ଦୀପ ନାୟକ ଧାମରା ଘଟଣା ସ୍ଥଳରେ ପହଂଚି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଇବା ସହିତ, ସମସ୍ତ ବୋଟ କେମିତ କୂଳକୁ ଆସିବ ଏନେଇ ଡାକ ବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରୁଛନ୍ତି । ଏହା ସହିତ ଯେମିତି କାହାରି ଧନ ଜୀବନ ନଷ୍ଟ ନହୁଏ ଏଥି ପ୍ରତି କଡା ନଜର ରଖିଛନ୍ତି ।

# ଦରବୃଦ୍ଧି ରୋକିବାକୁ ପ୍ରଶାସନିକ ଚଢ଼ଉ

ଭଦ୍ରକ, (ସବ୍ୟୁ): ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ଆଳୁ, ପିଆଜ ଭଳି ଅତ୍ୟାବଶ୍ୟକ ଦ୍ରବ୍ୟର କୃତ୍ରିମ ଅଭାବ ସୃଷ୍ଟି କରି କଳାବଜାରୀ, ଦରବୃଦ୍ଧି, ବେନିୟମ ମହଜୁଦ ଭଳି ଖବର ଓ ଅଭିଯୋଗ ଆଧାରରେ ଜିଲ୍ଲା ପ୍ରଶାସନ ତରଫରୁ ଚଢ଼ଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବାତ୍ୟା ମୁକାବିଲା ନେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିବା ସାଂସଦ ଓ ଜିଲ୍ଲାର ସମସ୍ତ ବିଧାୟକମାନଙ୍କ ଅଭିଯୋଗ ନେଇ ଏହି ଚଢ଼ଉ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷୀରେ ଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ଜିଲ୍ଲାଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ଓ ଏ.ସି.ଏସ୍.ଓ ଶରତ ବେହେରାଙ୍କୁ ନେଇ ଭଦ୍ରକ ସହରରେ ପରିବା ବଜାର ଓ ବଡ଼ ବଡ଼ ଆଳୁ, ପିଆଜ ଗୋଦାମମାନଙ୍କରେ ଚଢ଼ଉ କରାଯାଇଥିଲା । ଆଳୁ କିଲୋପ୍ରତି ୩୦ଟଙ୍କା ଓ ପିଆଜ କିଲୋ ପ୍ରତି ୫୫ଟଙ୍କାରେ ବିକ୍ରି କରାଯାଉଥିବା ଦର ତାଲିକାକୁ ଦୋକାନୀମାନେ ଦୋକାନ ଆଗରେ ଖାଉଟୀମାନଙ୍କ ଉଦ୍ଦେଶ୍ୟରେ ଫଳକ ଜରିଆରେ ଲେଖି ଜଣାଇବା ପାଇଁ କୁହାଯାଇଥିଲା । ଗୋଦାମ ଗୁଡ଼ିକର ଷ୍ଟକ ଓ କ୍ରୟ ବିଲ ଯାଞ୍ଚ କରାଯାଇ ଧାର୍ଯ୍ୟଦର ମଧ୍ୟରେ ବିକ୍ରୟ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟକି ଜିଲ୍ଲାର ସମସ୍ତ ବ୍ଲକ୍‌ରେ ମଧ ଏହିପରି ଚଢ଼ଉ ପାଇଁ ବି.ଡ଼ି.ଓ. ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶପ୍ରଦାନ କରାଯାଇଛି । ଏହି ଚଢ଼ାଉ ପରେ ଭଦ୍ରକ ସହରରେ ଆଳୁ, ପିଆଜର ଦର ସ୍ୱାଭାବିକଥିବା ପରିଲକ୍ଷିତ ହୋଇଛି ।


ଦ.ପୂ.ରେଳପଥ-ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଏନଜିଜି), ଦ.ପୂ. ରେଳବାଇ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହିସବୁ ଟେଣ୍ଡର ବାବଦରେ ମାନୁଆଲ ପ୍ରସ୍ତାବଗୁଡିକ ଗ୍ରହଣୀୟ ହେବ ନାହିଁ ଏବଂ ମିଳିଥିବା ଏଭଳି କୌଣସି ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । **କ୍ରମିକ ନଂ ଏବଂ ଟେଣ୍ଡର ନୋଟିସ ନଂ, କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ, ଇଏମଡି : (୧) ସିକେପି-ସେଣ୍ଟ୍ରାଲ-୨୪-୨୫-୩୪, ତାରିଖ : ୨୩.୧୦.୨୦୨୪ ।** ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର/ୱେଷ୍ଟ/ଚକ୍ରଧରପୁର ଅନ୍ତର୍ଗତ ପ୍ରମୁଖ ସେତୁ ଆପ୍ରୋଚ (୧୨ ଗୋଟି/ଗୁଡିକୁ ସୁଦୃଢ଼ କରିବା, ଟ.୧୦,୭୧,୫୭,୩୬୬.୬୩, ଟ.୬,୮୫,୮୦୦/- । **(୨) ସିକେପି-ସେଣ୍ଟ୍ରାଲ-୨୪-୨୫-୩୫, ତାରିଖ. ୨୩.୧୦.୨୦୨୪ ।** ଆସିଷ୍ଟାଣ୍ଟ ଡିଭିଜନାଲ ଇଞ୍ଜିନିୟର/ବୋଣ୍ଡାମୁଣ୍ଡା ଅନ୍ତର୍ଗତ ବୋଣ୍ଡାମୁଣ୍ଡା-ବରସୁଆଁ-କରିବୁରୁ ମଧ୍ୟରେ ସମସ୍ତ ପ୍ରମୁଖ/ମାଇନର ସେତୁ ଗୁଡିକୁ ସୁଦୃଢ଼ କରିବା, ଟ.୪,୪୯,୨୮,୭୪୮.୬୦, ଟ.୩,୭୪,୭୦୦/- । ଟେଣ୍ଡର ଫର୍ମ ମୂଲ୍ୟ : ଉଭୟ କାମ ପାଇଁ ଶୂନ । ଖୋଲିବା ତାରିଖ : ଉଭୟ କାମ ପାଇଁ ୨୦.୧୧.୨୦୨୪ । ଟେଣ୍ଡରକୁ ୱେବସାଇଟ **http://www.ireps.gov.in** ରେ ଦେଖାଯାଇ ପାରିବ । ଟେଣ୍ଡରଦାତା/ବିଡରମାନେ ନିଶ୍ଚୟ କ୍ଲାସ-୩ ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ ହାସଲ କରିଥିବେ ଏବଂ ଆଇଆରଇପିଏସ ପୋର୍ଟାଲ ଅଧୀନରେ ନିଶ୍ଚୟ ପଞ୍ଜିକୃତ ହୋଇଥିବେ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂ ପ୍ରକ୍ରିୟାରେ ଭାଗ ନେଇପାରିବେ । ଦ୍ରଷ୍ଟବ୍ୟ : ସବୁ ଟେଣ୍ଡରଦାତାଙ୍କୁ ଇ-ଫର୍ମ ବିନାମୂଲ୍ୟରେ ମିଳିପାରିବ । (ପ୍ରାଧିକରଣ-ରେଳବାଇ ବୋର୍ଡର ଚିଠି ନଂ.୨୦୨୦/ସିଇ-୧/ସିଟି/୩ଇ/ଜିସିସି/ପଲିସୀ, ତାରିଖ : ୧୬-୦୭-୨୦୨୦) । (PR-731)



OFFICE OF THE SUPERINTENDING ENGINEER
RURAL WORKS DIVISION, PADAMPUR

O-483

1st Corrigendum to
Tender call notice No. Online 05 of 2024-25

Due to some unavoidable circumstances the critical dates have been changed as given below.

| Sl.No. | Schedule of dates | As per the Tender call Notice | As per 1st corrigendum |
|---|---|---|---|
| 1 | 2 | 3 | 4 |
| 1. | Date & Time of availability of bid document in the portal | 24.10.2024 at 10.00A.M | 30.10.2024 at 10.00A.M |
| 2. | Last date & Time for receipt of bids in the portal | 02.11.2024 upto 05.00 P.M | 08.11.2024 upto 05.00P.M |
| 3. | Last date of seeking clarification | 01.11.2024 upto 05.00P.M | 07.11.2024 upto 05.00P.M |
| 4. | Date & Time of bid opening | 04.11.2024 at 11.00A.M | 11.11.2024 at 11.00A.M |

All other terms and conditions remains unchanged.

OIPR : 25069/11/0011/2425

Superintending Engineer,
Rural Works Division, Padampur



OFFICE OF THE SUPERINTENDING ENGINEER
RURAL WORKS DIVISION, PADAMPUR
1st Corrigendum to
Tender call notice No. Online 03 of 2024-25

O-476

Due to some administrative reasons the following changes have been made vide tender call notice no. Online 03 of 2024-25

| Sl. No. | Name of the Work | As per TCN Approx. estimated cost put to tender (Rupees in lakhs) | As per 1st corrigendum Approx. estimated cost put to tender (Rupees in lakhs) | E.M.D. required (in Rs.) as per TCN | E.M.D. required (in Rs.) as 1st Corrigendum | Time of Completion as per the TCN | Time of Completion as per the 1st Corrigendum |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of sub-centre building at Patharla of Bijepur Block | 37.22 | 38.20 | 37220/- | 38200/- | Six Calendar Months | Nine Calendar Months. |
| 2 | Construction of sub-centre building at Sanbaunsen of Bijepur Block | 37.22 | 38.20 | 37220/- | 38200/- | Six Calendar Months | Nine Calendar Months. |

All other terms and conditions remains unchanged.

OIPR : 25069/11/0009/2425

Superintending Engineer, Rural Works Division, Padampur



GOVERNMENT OF ODISHA : OFFICE OF THE SUPERINTENDING ENGINEER
RURAL WORKS DIVISION-I .BHADRAK
E-mail: ee_rwbdk@yahoo.com

O-448

"e" Procurement Notice for Road Works
Bid Identification No. Online Tender 01 of 2024-25

1. Name of the Work : Roads
2. Total No of Works : 45 Nos
3. Estimated Cost : Rs.5.08 lakh to 27.12 Lakhs
4. Class of Contractor : "B", "C" & "D" Class
5. Period of Completion : As per Annexure
6. Type of Tender : Single Cover
7. Other Details :

| Procurement Officer | Bid Identification No. | Availability of Tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division-I, Bhadrak | Online-1 of 2024-25 | 29.10.24 At-11.00 A.M. | 11.11.24 At-4.00 P.M. | 11.11.24 At-2.00 P.M. | 12.11.24 At-11.00 A.M. |

Further details can be seen from the e-procurement portal **" https://tendersorissa.gov.in"**
N B-Transparency Lottery to be Held on Dt.22.11.2024 at 11.30 A.M (If any changes it will be intimated)

OIPR : 25060/11/0001/2425

Sd/-Er.Kanan Pradhan
Executive Engineer R.W. Division, Bhadrak



ZILLA SWASTHYA SAMITI, KHORDHA
OFFICE OF THE CDMO-Cum-DISTRICT MISSION DIRECTOR,KHORDHA

E-431

TENDER CALL NOTICE

Adv.No.04/2024 Date:23.10.2024

Sealed tenders are invited from any Local registered Travel Agency / Individuals only having valid GSTIN/PAN for Providing of vehicles on monthly basis in the undersigned office O/o Chief District Medical & Public Health officer, Khordha.

The sealed quotation should reach at O/o CDM & PHO, Khordha in any working day by 21.11.2024 till 5.00 PM along with all required documents by Speed post/Regd post/Courier only by super scribing on the top of the envelop **"Providing of vehicles on monthly basis REF NO. 04/ 2024"**. The tender will be opened on 22.11.2024 at 11.30 AM in the office of the undersigned in presence of the bidders/ authorised representative of the bidders. Details regarding items and terms & conditions may be download from **www.khordha.odisha.gov.in**. The undersigned reserves the right to accept or reject any or all the tenders without assigning any reason thereof.

OIPR : 10029/11/0005/2425

Sd./- CDM & Public health Officer,
Khordha



ORISSA STATE AIDS CONTROL SOCIETY
Department of Health & Family Welfare, Govt, of Odisha
OSACS

Tender / Bid No. 3147/OSACS
File no.: XV-Proc.-21 / 2024
Date. 17/10/2024

NOTICE INVITING BID

E-427

" Supply of Items for RMRC-ICMR, Bhubaneswar under Non-NACP programme (VL testing Lab) & ART Centers "

Odisha State AIDS Control Society (OSACS), H & F.W Deptt., Govt, of Odisha, 2nd Floor, Oil Odisha Building, Nayapalli, Bhubaneswar-12 invites sealed tenders under **Two Bid Systems** from the interested and eligible bidders for " **Supply of Items for RMRC-ICMR, Bhubaneswar under Non-NACP programme (VL testing Lab) & ART Centers"** during **Financial Year - 24 - 25, which may be extendable further for another one year** from the date of approval with the same rates, terms and conditions. The tender documents in prescribed formats should be submitted to the address as mentioned above through **Registered Post, Speed Post and Courier** only. For more details, please visit website of OSACS **(www.osacs.nic.in)** and download the tender documents. The Date of availability & closing of Tender Document has been extended as depicted below

| Particulars | Old Date & Time | New Date & Time |
|---|---|---|
| Date & Time of availability of Tender Document | 19/10/2024 from 11.00AM | 25/10/2024 from 11.00AM |
| Closing Date & Time of Receiving of Sealed Tender | 08/11/2024 up-to 5.00PM | 14/11/2024 up-to 5.00PM |
| Date of Pre-Bid Meeting / Conference | 25/10/2024 from 11.30AM | 01/11/2024 from 11.30AM |
| Opening of Tender Document / Bid | 11/11/2024 at 11.00AM | 16/11/2024 at 11.00AM |

OIPR : 10009/11/0010/2425

Sd/- Project Director



ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ବୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।



ବାତ୍ୟା ରେସ୍କ୍ୟୁ ଅପରେସନ ପାଇଁ ଭୁବନେଶ୍ୱରରେ ପହଞ୍ଚିଲେ ପଞ୍ଜାବର ଏନ୍‌ଡିଆର୍‌ଏଫ୍ ଟିମ୍

# ବାତ୍ୟା 'ଦାନା' ପାଇଁ ୧୦ ଜରୁରୀକାଳୀନ ସେଣ୍ଟର

ଭୁବନେଶ୍ୱର, (ସବ୍ୟୁ) : ବାତ୍ୟା ଦାନା ମୁକାବିଲା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଦୈତନଗରୀରେ ୧୦ଟି ଜରୁରୀକାଳୀନ ସେଣ୍ଟର କରାଯାଇଥିବା ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ବୁଧବାର ଠାରୁ ପୋଲିସ ଗାଡି ଦୁଇ ସହରର ବିଭିନ୍ନ ଅଞ୍ଚଳ ବୁଲି ପ୍ରଚାର ମାଧ୍ୟମରେ ସଚେତନ କରାଇବା ସହ ପାନୀୟ ଜଳ ଓ ଖାଦ୍ୟ ସଂରକ୍ଷଣ କରିବାକୁ ପରାମର୍ଶ ଦେଉଛନ୍ତି ।

ଏସ୍.ଏସ୍ ବାଟାଲିୟନ, ସପ୍ତମ ଓଏଏସ୍‌ପି, ରେଡିଓ ଅପରେଟର ଟିମ୍, ହୋମ୍‌ଗାର୍ଡ ଟିମ୍, କାଉଣ୍ଟର ଟେରେରିଷ୍ଟ ସ୍କ୍ୱାର୍ଡ ଏବଂ କମିଶନରେଟ୍ ପୋଲିସ ସ୍ପୋର୍ଟ୍ସ ଟିମ୍ ବାତ୍ୟା ପାଇଁ ପ୍ରସ୍ତୁତ ରହିଛନ୍ତି । ପ୍ରତି ଟିମ୍‌ର ୮ ମେମ୍ବର ରହିଛନ୍ତି । ସେଥିମଧ୍ୟରେ ଏସ୍‌ଆଇ ଏ.ଦୟାରାମ ସୋମାର୍ଥ, ଆମ୍‌ଡ ଏସିପି ଶଶୀକାନ୍ତ ବଡମାଲି, ଏସ୍‌କ୍ୟୁଏଟି ଅରୁଣ କୁମାର ଭୋଇ, ହାବିଲଦାର ଅଭିମନ୍ୟୁ ମଲ୍ଲିକ ଆଣ୍ଡ୍ ଅଞ୍ଜନ କୁମାର ରଥ ଗଠିତ ଟିମ୍‌ରେ ନେତୃତ୍ୱ ନେଉଛନ୍ତି । ଏହି ଟିମ୍ ଉଦ୍ଧାର ପାଇଁ ବ୍ୟବହୃତ ଯନ୍ତ୍ରପତ୍ର ଯଥା-ଦଉଡି, କ୍ରୋବାର୍, ଟର୍ଚ୍ଚ, ଗଛକଟା ଯନ୍ତ୍ର ମେସିନ, ଫାଷ୍ଟଏଡ୍ କିଟ୍ସ, ଲାଇଫ୍ ବୋଟ୍, ଅକ୍ସିଜେନ୍, କ୍ୟାମେରା, ଲାଇଫ୍ ଜ୍ୟାକେଟ୍, ଜେନେରେଟର ଏବଂ ଅନ୍ୟାନ୍ୟ ଆବଶ୍ୟକ ଉପକରଣ ସହ ତେଲ ବୋଝେଇ ଗାଡି ମଧ୍ୟ ସଜାଗ ରହିଛି । ସପ୍ତମ ବାଟାଲିୟନ କମାଣ୍ଡାଣ୍ଟ କେ. ହାଁସଦା ଏବଂ ଅନ୍ୟ ଅଫିସର, ଏସ୍.ଏସ୍ ବାଟାଲିୟନର କମାଣ୍ଡାଣ୍ଟ୍ ପିକେ ପାଣିଗ୍ରାହୀ, ସିଟିଏସ୍‌ର ଏସିପି ବିଏସ୍ ଜେନା, କମିଶନରେଟ୍ ପୋଲିସ ଆର୍‌ଆଇ ବିଜୟ ରତନ ପ୍ରଭୃତି ଭୁବନେଶ୍ୱର ସହରାଞ୍ଚଳ ପାଇଁ ସଜାଗ ରହିଛନ୍ତି । କମାଣ୍ଡାଣ୍ଟ ୟୁପିଟିଟିଆଇ ତାପସ କୁମାର ଦାସ ଏହି କାମକୁ ସୁପରଭିଜନ କରିବା ସହ ସ୍ଥାନୀୟ ପୋଲିସ ସହ ସମନ୍ୱୟ ରକ୍ଷା କରିବେ ।

ଯୋଗାଯୋଗ ପାଇଁ ସ୍ୱତନ୍ତ୍ର ଭିଏଚ୍‌ଏଫ୍ ସେଟ୍ ସବୁ ପୋଲିସ ଷ୍ଟେସନକୁ ଦିଆଯାଇଛି । ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ହେଲ୍ପଡେସ୍କ ୨୨ ତାରିଖରୁ କାର୍ଯ୍ୟକ୍ଷମ ଅଛି । ଏହାକୁ ୨୪ ଘଣ୍ଟିଆ ପରିଚାଳନା ଦାୟିତ୍ୱ ଦିଆଯାଇଛି ଏସିପି କେକେ ହରିପ୍ରସାଦଙ୍କୁ । ସେ ସବୁ ପୋଲିସ ଷ୍ଟେସନ ଆଇଆଇସି ସହ ଯୋଗାଯୋଗ କରିବେ । ଏସିପି ଶରତ ସାହୁଙ୍କ ନେତୃତ୍ୱରେ ଆବଶ୍ୟକ ସ୍ଥାନକୁ ନୋଡାଲ ଅଫିସର ଯୋଗାଇବା ସହ କାମକୁ ସମନ୍ୱୟ ରକ୍ଷା କରିବେ । ୨୦ ବାଇକ୍, ୫ ଜେସିବି, ୧୦ ଟ୍ରାକ୍ଟର, ୫ ଟୋଲିୟର୍ସ ଆମ୍ବୁଲାନ୍ସ ଉଦ୍ଧାର କାର୍ଯ୍ୟ ପାଇଁ ଯୋଗାଇ ଦିଆଯିବ ବୋଲି ପୋଲିସ କହିଛି । ଲୋକଙ୍କ ସଚେତନତା ପାଇଁ ଥାନା ଅଞ୍ଚଳରୁ ପ୍ରତି ଆଇଆଇସିମାନେ କାମ କରିବେ । ଭଲିଣ୍ଟିୟରମାନେ ମଧ୍ୟ ନିୟୋଜିତ ହେବେ ବୋଲି ସୂଚନା ମିଳିଛି । ଏସିପି ଟ୍ରାଫିକ୍ ଭୁବନେଶ୍ୱର ଟ୍ରାଫିକ୍ ପରିଚାଳନା ସହଜରେ କିପରି ହେବ ସେଥିପାଇଁ ତ୍ୱରିତ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ହୋଇଛି । ତାଙ୍କୁ ୨୦ ହୋମ୍‌ଗାର୍ଡ ଏବଂ ଓଏପିଏଫ୍‌ର ଫୋର୍ସମାନେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବେ । ଓଏସ୍‌ଏପି, ଏସ୍‌ଏସ୍‌ବିଏନ୍, ଆଇଆର୍‌ବିଏନ୍, ଏପିଆର୍ ଏବଂ ଓଏପିଏଫ୍‌ର ୨୮ ପ୍ଲାଟୁନ ଏବଂ ୨୦୦ ଲେଖାଏଁ କର୍ମଚାରୀ ପ୍ରତି ପୋଲିସ ଷ୍ଟେସନକୁ ବାତ୍ୟା କାର୍ଯ୍ୟ ସହାୟତା ପାଇଁ ନିୟୋଜିତ କରାଯାଇଛି । ସବୁ ଅଫିସର ଓ ସମସ୍ତ ଟିମ୍ ସଜାଗ ରହିବେ ଯେଭଳି ବାତ୍ୟା ଦାନା ଦ୍ୱାରା ଲୋକେ ଗୁରୁତର ପ୍ରଭାବିତ ନହେବେ । ଗଣମାଧ୍ୟମକୁ ପୋଲିସ କମିଶନର ସୂଚନା ଦେବା ବେଳେ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ମୁନଫାଖୋର୍ ବ୍ୟବସାୟୀଙ୍କ ବିରୁଦ୍ଧରେ ଅଭିଯୋଗ ପାଇଁ ଜାରି ହେଲା ଟେଲିଫୋନ ନମ୍ବର

ଭୁବନେଶ୍ୱର,(ସବ୍ୟୁ): ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ବଜାରରେ ପ୍ରଚୁର ପରିମାଣର ସାମଗ୍ରୀ ମହଜୁଦ ଥିବା ଏବଂ ସମସ୍ତ ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତି ଥିବା ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି । ଅନାବଶ୍ୟକ ଭାବେ ଅତ୍ୟାବଶ୍ୟକ ସାମଗ୍ରୀ କିଣି ଘରେ ନରଖିବା ପାଇଁ ମଧ୍ୟ ମନ୍ତ୍ରୀ ଶ୍ରୀ ପାତ୍ର ଜନସାଧାରଣ ମାନଙ୍କୁ ନିବେଦନ କରିଛନ୍ତି । ସେହିଭଳି ଏହାର ସୁଯୋଗ ନେଇ ବ୍ୟବସାୟୀ ମାନେ ମୂଲ୍ୟବୃଦ୍ଧି ନକରିବା ପାଇଁ ମଧ୍ୟ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପନିପରିବା ଭଳି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧିକୁ ରୋକିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବା ସହ ବିଭିନ୍ନ ଅଭିଯୋଗକୁ ଭିତ୍ତିକରି ବିଭାଗୀୟ ଅଧିକାରୀ ମାନେ ଅନେକ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି । ଆଜି ଯୋଗାଣ ବିଭାଗ ପକ୍ଷରୁ ଏକ ନଂ ଓ ଚାରି ନଂ ମାର୍କେଟ, ଇନ୍ଦ୍ରଧନୁ ମାର୍କେଟ, ଡମଣା, ବଡଗଡ଼, ସହିଦ ନଗର ଆଦି ଅଞ୍ଚଳରେ ଚଢ଼ାଉ କରାଯାଇଛି । ଅନାବଶ୍ୟକ ଭାବେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧି କରୁଥିବା ବ୍ୟବସାୟୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଟେଲିଫୋନ ନଂ ଜାରି କରାଯାଇଛି । ଏହି ନମ୍ବରଟି ହେଉଛି –୦୬୭୪-୨୩୯୬୨୨୭ । ସେହିଭଳି ନାଫେଡ୍ ପକ୍ଷରୁ ମଧ୍ୟ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ସୁଲଭ ମୂଲ୍ୟରେ ପିଆଜ ବିକ୍ରୟ କରାଯଇଛି ।

## ବିଦାୟ ନେଲେ ମା ଲକ୍ଷ୍ମୀ ଭସାଣି ଶୋଭାଯାତ୍ରାରେ ସାମିଲ ହେଲେ ୩୩ ମେଢ

ଖୋର୍ଦ୍ଧା,(ସବ୍ୟୁ): କୁମାର ପୂର୍ଣ୍ଣିମା ଠରୁ ଆରମ୍ଭ ହୋଇଥିବା ଗଜ ଲକ୍ଷ୍ମୀ ପୂଜା ମହାସମାରୋହରେ ସମାପନ ହୋଇଯାଇଛି । ସ୍ଥାନିୟ ଅଚଂଳର ଗଣ ପର୍ବର ମାନ୍ୟତା ପାଇଥିବା ମା ଲକ୍ଷ୍ମୀଙ୍କର ବିଦାୟ କାଳିନ ମିଳିତ ଭଷାଣି ଶୋଭାଯାତ୍ରା ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ସହରର ୩୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଅସ୍ଥାୟୀ ପୂଜା ମଣ୍ଡପରେ ମା ଲକ୍ଷ୍ମୀଙ୍କର ମୃଣ୍ମୟ ପ୍ରତିମା ୭ଦିନ ଧରି ସୁସଜ୍ଜିତ ବେଶରେ ଏବଂ ଦୈନିକ ରିତି ନିତି ଅନୁଯାଇ ପୂଜା ସମାପନ ହୋଇଛି । ଏଥିଲାଗି ୭ଦିନ ଧରି ସମଗ୍ର ସହର ଉତ୍ସବ ମୁଖରିତ ହୋଇ ଉଠିଥିଲା । ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସୁଉଚ୍ଚ ତୋରଣ ସୁସଜ୍ଜିତ ଆଲୋକ ମାଳାରେ ସହରଟି ଝଲସି ଉଠିଥିଲା । ୭ଦିନ ଧରି ସ୍ଥାନିୟ ବାସିନ୍ଦା ଏବଂ ଆଖପାଖ ଗ୍ରାମାଚଂଳର ଲୋକ ମାନେ ବେଶ ଉପଭୋଗ କରିଛନ୍ତି ।



ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା ମାଙ୍କର ମିଳିତ ଭଷାଣୀ ଉତ୍ସବ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା ।ସହରର ବିଭିନ୍ନ ବ୍ୟବସାୟୀ ସଙ୍ଘ ପକ୍ଷରୁ ପୂଜାମଣ୍ଡପରେ ପୂଜା ପାଉଥିବା ୩୦ରୁ ଉର୍ଦ୍ଧ୍ୱ ମା ଗଜଲକ୍ଷ୍ମୀ ମେଢଙ୍କର ମିଳିତ ଭଷାଣୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଭଷାଣୀ ଶୋଭାଯାତ୍ରରେ ବିଭିନ୍ନ ପ୍ରକାର ପାରମ୍ପାରିକ ବାଦ୍ୟ ସାଙ୍ଗକୁ ବିଭିନ୍ନ ପ୍ରକାରର ଅଧୁନିକ ବାଦ୍ୟ ଯନ୍ତ୍ରରେ ସହର ଦୁଲୁକୁଥିଲା । ଏହା ପୂର୍ବାହ୍ନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା । ଏହାକୁ ଦେଖିବାକୁ ସହରର ମୁଖ୍ୟରାସ୍ତା କଡରେ ହଜାର ହଜାର ଦର୍ଶକଙ୍କର ସମାଗମ ହୋଇଥିଲା । ପୂର୍ବାହ୍ନ୧୧ଟାରୁ ମେଢ ଗୁଡିକ ସ୍ଥାନିୟ ବିଜେବି ହାଇ ସ୍କୁଲ ଖେଳ ପଡିଆ ନିକଟରେ ଏକତ୍ରିତ ହେବା ଆରମ୍ଭ କରିଥିଲେ । ସେଠାରେ ଏକ ମେଳନ ପର୍ବ ବଡ ଧୁମ ଧାମରେ ପାଳୀତ ହେବା ସହିତ ସମସ୍ତ ମେଢକୁ ବ୍ୟବସାୟୀ ମହାସଙ୍ଘ ପକ୍ଷରୁ ପୁଷ୍ପମାଲ୍ୟ ସହିତ ପୂଜାଅର୍ଚ୍ଚନା କରାଯାଇଥିଲା ।

ଭଷାଣୀ ଶୋଭାଯାତ୍ରର ପ୍ରଥମରେ ନବେଜ୍ୟାତି ଗଜଲକ୍ଷ୍ମୀ ପୂଜା କମିଟିର ମେଢ ଥିବା ବେଳେ ପଛକୁ ପଛ ୩୨ ମେଢ ରହିଥିଲେ । ସହର ମଧ୍ୟ ସ୍ଥଳ ସମବାୟ ବ୍ୟାଙ୍କ ଛକ ଠାରେ ନିର୍ମିତ ପେଣ୍ଡାଲରେ ଶାନ୍ତି ଶୃଙ୍ଖଳା, ଉତମ ମେଢ, ସାଜସଜା ଲାଗି ତିନିଗୋଟି ଶ୍ରେଷ୍ଠ ବିବେଚିତ ମେଢ ଚୟନ କରିବା ଲାଗି ବିଚାରକ ମଣ୍ଡଳୀ ଉପସ୍ଥିତ ଥିଲେ । ମେଢ ଗୁଡିକ ନିର୍ଦ୍ଧାରିତ ସମୟ ମୁତାବକ ଅପରାହ୍ନ ୫ଟା ସମୟରେ ମିଳିତ ଭଷାଣୀ ଶୋଭାଯାତ୍ରା ବାହାରିଥିଲେ । ମେଢ ଗୁଡିକ ପୁରୁଣା ବସଷ୍ଟାଣ୍ଡ, ସମବାୟ ଛକ, ନୂଆବସଷ୍ଟାଣ୍ଡ ଦେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଟି.ଏଲ.ଏସି ରୋଡରେ ନିର୍ମୀତ ହୋଇଥିବା ଅସ୍ଥାୟୀ ପୁଷ୍କରିଣୀ ଖଣୀ ପୋଖରୀ ଠାରେ ବିଶର୍ଜୀତ ହୋଇଥିଲେ । ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୁଲିସ ନିୟୋଜିତ ହୋଇଥିବାବେଳେ ଏସପି ସାଗରିକା ନିଜେ ଚାଲି ଚାଲି ମେଢ ସହ ବୁଲିଥିଲେ ।

## ଫୋନପେ ପକ୍ଷରୁ ୨୪ କ୍ୟାରେଟ ଡିଜିଟାଲ ଗୋଲ୍ଡ ଉପରେ ଆକର୍ଷଣୀୟ କ୍ୟାଶବ୍ୟାକ ଅଫର

ଭୁବନେଶ୍ୱର,(ସବ୍ୟୁ): ଚଳିତ ଧନତେରସ ଏବଂ ଦୀପାବଳୀରେ ଫୋନପେ ପକ୍ଷରୁ ୨୪କ୍ୟାରେଟ ଡିଜିଟାଲ ଗୋଲ୍ଡ ଉପରେ ଆକର୍ଷଣୀୟ କ୍ୟାଶବ୍ୟାକ ଅଫରର ଘୋଷଣା କରାଯାଇଛି । ଫୋନପେରୁ ସର୍ବନିମ୍ନ ୧୫୦୦ ଟଙ୍କା ମୂଲ୍ୟର ଡିଜିଟାଲ ଗୋଲ୍ଡ କିଣିଲେ ୟୁଜରମାନେ ୨୦୦୦ଟଙ୍କା ପର୍ଯ୍ୟନ୍ତ ସୁନିଶ୍ଚିତ କ୍ୟାଶବ୍ୟାକ ଅଫରର ଲାଭ ଉଠାଇପାରିବେ । ଅଫରଟି ଚଳିତ ୨୯ ଅକ୍ଟୋବର ରୁ ୧ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ୱାନ-ଟାଇମ ଟ୍ରାଞ୍ଜକ୍ସନ(ୟୁଜର ପ୍ରତି ଗୋଟିଏ ଥର ବୈଧ) ପାଇଁ ପ୍ରଯୁଜ୍ୟ । ଫୋନପେ ନିଜର ୟୁଜରଙ୍କୁ ୨୪ ଘଣ୍ଟା ଘରେ ବସି ଆରାମରେ ୨୪ କ୍ୟାରେଟ ଡିଜିଟାଲ ଗୋଲ୍ଡ କିଣିବାର ସୁବିଧା ପ୍ରଦାନ କରୁଛି । ଗ୍ରାହକଙ୍କୁ ନିଜ ଇଚ୍ଛା ଅନୁସାରେ ଯେକୌଣସି ପରିମାଣ ରାଶି ଦେଇ ଡିଜିଟାଲ ଗୋଲ୍ଡରେ ବିନିଯୋଗ କରିବାର ସୁବିଧା ମଧ୍ୟ ମିଳିଥାଏ । ସଂଗୃହିତ ହୋଇଥିବା ସୁନା, ୟୁଜରଙ୍କ ଆକଉଣ୍ଟରେ ଡିଜିଟାଲ ଭାବରେ ଷ୍ଟୋର କରାଯାଇଥାଏ ତାହା ସହିତ ସୁରକ୍ଷିତ ଭାଲ୍ଟରେ ଫିଜିକାଲ ଗୋଲ୍ଡ ମଧ୍ୟ ଷ୍ଟୋର କରାଯାଇଥାଏ । ୟୁଜରମାନେ ଜମା ହୋଇଥିବା ସୁନାକୁ ଯେକୌଣସି ସମୟରେ ବିକ୍ରି କରିପାରିବେ ଏବଂ ବିକ୍ରି ମୂଲ୍ୟ ୪୮ ଘଂଟା ମଧ୍ୟରେ ସେମାନଙ୍କ ବ୍ୟାଙ୍କ ଆକାଉଂଟରେ ଜମା ହୋଇଯିବ । ୟୁଜରମାନେ ଫୋନପେ ପ୍ଲାଟଫର୍ମରେ ଏମଏମଟିସି-ପିଏଏମପି, ସେଫଗୋଲ୍ଡ ଏବଂ କ୍ୟାରେଟଲେନ ପରି ଡିଜିଟାଲ ଗୋଲ୍ଡ ଜଗତର ଅଗ୍ରଣୀ ତଥା ବିଶ୍ୱସ୍ତ କମ୍ପାନୀଗୁଡ଼ିକରୁ ୯୯.୯୯% ଶୁଦ୍ଧତାର ପ୍ରମାଣପତ୍ର ସହିତ ୨୪କ୍ୟାରେଟ ଡିଜିଟାଲ ଗୋଲ୍ଡ କିଣିପାରିବେ ।

## ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍ କ୍ରୀଷ୍ଣା ବିକାଶ ଗ୍ରୁପର ନବାକାଂକ୍ଷା କାର୍ଯ୍ୟକ୍ରମ

ବରଗଡ଼,(ସବ୍ୟୁ): ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍ ଏବଂ କ୍ରୀଷ୍ଣା ବିକାଶ ଗ୍ରୁପ୍ ଅ'ର୍ଗତ ବିକାଶ ଆବାସିକ ବିଦ୍ୟାଳୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବିକାଶ ମଲ୍ଟି-ସ୍ପେସିଆଲିଟି ହସ୍ପିଟାଲ୍, ବରଗଡ଼ର ମିଳିତ ଆନୁକୁଲ୍ୟରେ ୨୦ ଅକ୍ଟୋବର ୨୦୨୪ (ରବିବାର)ରେ କୁଚିଣ୍ଡାର ଟାଉନ୍ ହଲ୍‌ଠାରେ କ୍ରୀଷ୍ଣା ବିକାଶ, ବରଗଡ଼ର 'ନବାକାଂକ୍ଷା' - କ୍ୟାରିୟର୍ କାଉନ୍‌ସେଲିଂ ତଥା ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ସ୍କୁଲ୍ ଲିଡର୍ ପୁରସ୍କାରରେ ସମ୍ମାନିତ କରିବା



କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ତା' ସହିତ କୁଚିଣ୍ଡା ଅଂଚଳର ଅନେକ ସୁନାମଧନ୍ୟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ କୁଚିଣ୍ଡା ଅଂଚଳର ୨୫ଟି ଉଚ୍ଚ ମାଧ୍ୟମିକ ସ୍କୁଲ୍ ତଥା ସିବିଏସ୍‌ଇ ସ୍କୁଲ୍‌ର ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଜାତୀୟ ସ୍ତରୀୟ କଳା ଉତ୍ସବ ୨୦୨୩ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବିକାଶ ଆବାସିକ ବିଦ୍ୟାଳୟର ଗତବର୍ଷର ଦ୍ୱାଦଶ ଶ୍ରେଣୀ ଛାତ୍ର ଆଶୀର୍ବାଦ ମହାନ୍ତିଙ୍କୁ ତାଙ୍କ ମାତାପିତାଙ୍କ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଦୁଇଟି ଅଧିବେସନରେ ହୋଇଥିଲା। ପ୍ରଥମ ଅଧିବେସନରେ ଏକ କ୍ୱିଜ୍ ପ୍ରତିଯୋଗିତାର ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେସନରେ କ୍ରୀଷ୍ଣା ବିକାଶ ଗ୍ରୁପ୍ ଓ ମୂରଲୀ କ୍ରୀଷ୍ଣା ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ଚେୟାର୍‌ମେନ୍ ଡି.ମୂରଲୀ କ୍ରୀଷ୍ଣା, କ୍ରୀଷ୍ଣା ବିକାଶର ପୂର୍ବବର୍ଷର ଉଚ୍ଚ କୃତୀତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷାବିତ୍‌ଙ୍କ ଉପସ୍ଥିତିରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣପୂର୍ବକ ଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଚେୟାର୍‌ମେନ୍ କ୍ୟାରିୟର୍ କାଉନ୍‌ସେଲିଂ ଉପରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିବା ସହିତ ନିଜର ଭବିଷ୍ୟତକୁ ଦୃଷ୍ଟିରେ ରଖି ଛାତ୍ରଛାତ୍ରୀମାନେ କିପରି ପାଠ ପଢ଼ିବେ ଛାତ୍ରଛାତ୍ରୀମାନଙ୍କ କିପରି ସର୍ବାଙ୍ଗୀନ ଉନ୍ନତି ସାଧିତ ହୋଇପାରିବ, ସେ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ ।

## ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ଧନତେରାସ୍ କଲେକ୍ସନ 'ସଗୁନ'ର ଶୁଭାରମ୍ଭ

ଭୁବନେଶ୍ୱର,(ସବ୍ୟୁ): ଚଳିତ ଧନ୍‌ତେରାସରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ଆପଣଙ୍କ ପାଇଁ ୧ ଗ୍ରାମରୁ ଆରମ୍ଭ କରି ୨୦୦ ଗ୍ରାମ ପର୍ଯ୍ୟନ୍ତ କଲେକ୍ସନ ଓ ଡିଜାଇନର ଏକ ବିସ୍ତୃତ ଶୃଙ୍ଖଳା ଆଣିଛି ଯାହା ପ୍ରତ୍ୟେକ ଗ୍ରାହକଙ୍କ ପସନ୍ଦ ଓ ଆବଶ୍ୟକତାକୁ ପୂରଣ କରୁଛି। ଗ୍ରାଣ୍ଡ୍ ସେଲିବ୍ରେଶନର ଅଂଶ ଭାବେ, ଶ୍ରୀ-ଧନକୁ ଧ୍ୟାନରେ ରଖି ସେନକୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଏହାର ସଗୁନ କଲେକ୍ସନ ଅଧିନରେ ଡିଜାଇନ ଓ ଜୁଏଲାରୀ ପିସ୍‌ଗୁଡିକର ଏକ ଶୃଙ୍ଖଳା ଶୁଭାରମ୍ଭ କରାଯାଇଛି ଏବଂ ଏଥିରେ ବ୍ରାଇଡାଲ ଡିଜାଇନର ପ୍ରାରମ୍ଭିକ ମୂଲ୍ୟ ୧ ଲକ୍ଷ ଟଙ୍କା ରହିଛି। ସଗୁନ କଲେକ୍ସନ ହେଉଛି କଂଟେମ୍ପରାରୀ ଲାଇଟୱେଟ୍‌ରୁ ଆରମ୍ଭ କରି ରୟାଲ ଟ୍ରାଡିସ୍‌ନାଲ ଡିଜାଇନ ପର୍ଯ୍ୟନ୍ତ ସମସ୍ତ ଅବସର ପାଇଁ ସ୍ୱତନ୍ତ୍ର ପିସ୍‌ଗୁଡିକର ଏକ



ରେଞ୍ଜ୍। ଉତ୍ସାହୀ ଗ୍ରାହକଙ୍କ ଧନତେରାସ ସପିଙ୍ଗ ଅନୁଭୂତିକୁ ଉନ୍ନତ କରିବା ପାଇଁ ସେନ୍‌କୋ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ ପ୍ରତ୍ୟେକ ବଜେଟ ସହ ମେଳ ଖାଇବା ପାଇଁ ସୁନା ଅଳଙ୍କାର ଗଢା ମଜୁରୀ ଉପରେ ୪୫୦ ଟଙ୍କା ପର୍ଯ୍ୟନ୍ତ (ପ୍ରତି ଗ୍ରାମ ପିଛା) ରିହାତି, ହୀରା ଅଳଙ୍କାର ମୂଲ୍ୟରେ ୧୦% ପର୍ଯ୍ୟନ୍ତ ରିହାତି ଏବଂ ହୀରା ଅଳଙ୍କାରର ଗଢା ମଜୁରୀ ଉପରେ ୧୦୦% ପର୍ଯ୍ୟନ୍ତ ରିହାତି ଏବଂ ପୁରୁଣା ସୁନା ଅଳଙ୍କାର ଏକ୍ସଚେଞ୍ଜରେ ୦% ହ୍ରାସ ସହିତ ଅକ୍ଟୋବର ୧୮ ତାରିଖ ୨୦୨୪ରୁ ନଭେମ୍ବର ୩ ତାରିଖ ୨୦୨୪ ପର୍ଯ୍ୟନ୍ତ ଶୋ'ରୁମ୍‌ଗୁଡିକରେ ଉତ୍ସାହଜନକ ଅଫର୍‌ର ପରିଚାଳନା କରୁଛି ।

## ଆସ୍ୱାୟାର ଚାରିଟେବୁଲ ଟ୍ରଷ୍ଟ ଏବଂ ହସ୍ପିଟାଲ ଦ୍ୱାରା ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର




ଭୁବନେଶ୍ୱର,(ସବ୍ୟୁ): ୨୦ ତାରିଖ ରବିବାର ଦିନ ଦିହୁଡିବଞ୍ଜର, ଜଗନ୍ନାଥପ୍ରସାଦ, ଗଞ୍ଜାମରେ ଆସ୍ୱାୟାର ଚାରିଟେବୁଲ ଟ୍ରଷ୍ଟ ଏବଂ ଆସ୍ୱାୟାର ହସ୍ପିଟାଲର ମିଳିତ ଉଦ୍ୟମରେ ଏକ ବୃହତ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ଡକ୍ଟର ବନ୍ୟା ଦାଶ (ପ୍ରସୂତି ଏବଂ ସ୍ତ୍ରୀ ରୋଗ), ଡକ୍ଟର ଅମ୍ଲାନ ସିଂ (ମେରୁଦଣ୍ଡ ସର୍ଜରୀ), ଜେନେରାଲ୍ ସର୍ଜନ୍ ଏବଂ ମେଡିସିନ୍ ବିଶେଷଜ୍ଞଙ୍କ ସମେତ ବହୁମୁଖୀ ବିଶେଷଜ୍ଞ ଦଳ ଅଂଶଗ୍ରହଣ କରିଥିଲେ । ଏହି ଶିବିରରେ ନିଶୁଳ୍କ ଔଷଧ ବଣ୍ଟନ ଏବଂ ପାଥୋଲୋଜିକାଲ୍ ଅନୁସନ୍ଧାନ ସେବା ପ୍ରଦାନ କରାଯାଇଥିଲା । ୫୦୦ରୁ ଅଧିକ ରୋଗୀ ସେହି ସେବାଗୁଡିକରୁ ଉପକୃତ ହୋଇଥିଲେ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଅନ୍ତର୍ଗତ ପାଞ୍ଚଟି ଗାଁର ବାସିନ୍ଦା ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଉଦବୋଧନ ଦେଇ ଆସ୍ୱାୟାର ହସ୍ପିଟାଲର ଚେୟାରମ୍ୟାନ୍ ଡକ୍ଟର ଚନ୍ଦ୍ରଭାନୁ ପରିଜା ଏହି ସ୍ୱାସ୍ଥ୍ୟ ଶିବିର ଚଳାଇବାରେ ଆସ୍ୱାୟାର ଚାରିଟେବୁଲ୍ ଟ୍ରଷ୍ଟର ଉଦ୍ୟମକୁ ପ୍ରଶଂସା କରିଥିଲେ ।

## ବେଦାନ୍ତ ଆଲୁମିନିୟମ୍ ଲଜିଷ୍ଟିକ୍ସରେ ବର୍ଦ୍ଧିତ ଦକ୍ଷତା, ସ୍ଥିରତା ପାଇଁ ବିଓବିଆରଏନ ରେକ୍‌କୁ ନିୟୋଜିତ କରିଛି

ଭୁବନେଶ୍ୱର,(ସବ୍ୟୁ): ଭାରତର ବୃହତମ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ବଗି ଓପନ୍ ବଟମ୍ ରାପିଡ୍ ଡିସଚାର୍ଜ ରେଳ ୱାଗନକୁ ବୈଜ୍ଞାନିକ ପଦ୍ଧତିରେ ଖୋଲିବା ଆକ୍ୟୁଏଟର୍ (ବିଓବିଆରଏନ)କୁ ଓଡିଶାର ଝାରସୁଗୁଡା ଏବଂ କୋରବାର ଛତିଶଗରେ କୋଲ ପରିବହନ ପରିବହନ ପାଇଁ ନିୟୋଜିତ କରାଯାଇଛି । ଭାରତୀୟ ରେଳବାଇ ଦ୍ୱାରା ଆରମ୍ଭ ହୋଇଥିବା ଜେନେରାଲ୍ ପର୍ପୋଜ୍ ୱାଗନ୍ ଇନଭେଷ୍ଟମେଣ୍ଟ ସ୍କିମ୍ (ଜିପିଡବ୍ଲୁଆଇଏସ୍)ର ଏକ ଅଂଶ ଭାବରେ ଏହି ପଦକ୍ଷେପ ନିଆଯାଇଛି ଏବଂ ଉନ୍ନତ କାର୍ଯ୍ୟକ୍ଷମତା ହାସଲ କରିବା ସହିତ ସ୍ଥିରତା ଲକ୍ଷ୍ୟକୁ ଆଗକୁ ବୃଦ୍ଧିକରିବାରେ ସାହାଯ୍ୟ କରିବ ।



ବିଓବିଆରଏନ ପ୍ରକାରର ରେଳ ୱାଗନ୍ ଗୁଡିକ ଥର୍ମାଲ୍ ପାୱାର୍ ପ୍ଲାଣ୍ଟ ଏବଂ ବନ୍ଦର ପରି ବ୍ୟବହାର ସ୍ଥାନ ମାନଙ୍କରେ ବହୁ ପରିମାଣର କୋଇଲା ପରିବହନ ପାଇଁ ଡିଜାଇନ୍ କରାଯାଇଛି । ଅତୁଳନୀୟ ଭାବରେ, ସେଗୁଡିକ ୱାଗନ୍ ତଳୁ ସିଧାସଳଖ ହପର୍ ଗର୍ତରେ ଅନଲୋଡ୍ ହୋଇପାରିବ, ଫଳସ୍ୱରୂପ ଏକ ଦକ୍ଷ ଏବଂ ଦ୍ରୁତ ଅନଲୋଡିଂ ପ୍ରକ୍ରିୟା ଏବଂ ସାମଗ୍ରୀ ବିତରଣରେ ଜଡିତ ସମୟ ହ୍ରାସ ହୋଇପାରିବ ।

ବେଦାନ୍ତ ଆଲୁମିନିୟମ୍ ବିଶ୍ୱର ସର୍ବବୃହତ ଆଲୁମିନିୟମ କାରଖାନା ଝାରସୁଗୁଡାରେ ଏବଂ ଭାରତର ଆଇକନିକ୍ ସ୍ମେଲଟର ବାଲକୋରେ କୋରବା ଠାରେ କାର୍ଯ୍ୟ କରେ, ଉଭୟେ ନିରନ୍ତର ଏବଂ ନିର୍ଭରଯୋଗ୍ୟ ଶକ୍ତି ଯୋଗାଣ ଆବଶ୍ୟକ କରନ୍ତି । ବିଓବିଆରଏନ ରେକ୍‌ର ପରିଚୟ, କମ୍ପାନୀକୁ ଲିଙ୍କେଜ୍ କୋଇଲାର ବସ୍ତୁକରଣରେ ଉନ୍ନତି ଆଣିବାରେ ସକ୍ଷମ କରିବ, ଏହାର କାର୍ଯ୍ୟ ପାଇଁ ଏକ ସ୍ଥିର ଏବଂ ଦକ୍ଷ ଯୋଗାଣ ସୁନିଶ୍ଚିତ କରିବ । ରେଳ ପରିବହନର ସୁବିଧାକୁ ବ୍ୟବହାର କରି ଏହା ଯୋଗାଣ ଶୃଙ୍ଖଳାରେ ସାମଗ୍ରିକ ଉତ୍ପାଦନ ଖର୍ଚ୍ଚ ହ୍ରାସ କରିବା ସହିତ ଅପ୍ଟିମାଇଜ୍ କରିବାରେ ସମର୍ଥ ହେବ । ରେଳ ଚଳାଚଳର ପ୍ରତି ଟନ୍ କାର୍ବନ ନିର୍ଗମନ ହାର କମ୍ ରହିଛି ହେତୁ ଏହି ପଦକ୍ଷେପ ବେଦାନ୍ତ ଆଲୁମିନିୟମକୁ ଟ୍ରକ୍ ମାଧ୍ୟମରେ ସଡ଼କ ପରିବହନ ପରିବର୍ତ୍ତେ ରେଳ ଉପରେ ନିର୍ଭର କରି ଏହାର କାର୍ବନ ଫୁଟ୍ ପ୍ରିଂଟକୁ ଯଥେଷ୍ଟ ହ୍ରାସ କରିବାରେ ସକ୍ଷମ କରିବ ।

ସମ୍ପ୍ରତି, ବେଦାନ୍ତ ଆଲୁମିନିୟମ୍ ଏହାର ଚାରିଟି ବିଓବିଆରଏନ କ୍ୟାପ୍ଟିଭ୍ କୋଇଲା ରେକ ଚଳାଇଥାଏ ଏବଂ ଚାରିଆଡେ ରେକ୍ ଯୋଗ କରି ଏହାର ଲଜିଷ୍ଟିକ୍ କ୍ଷମତାକୁ ଆହୁରି ବିସ୍ତାର କରିବାକୁ ଯୋଜନା କରିଛି । ଏହି ସମ୍ପ୍ରସାରଣ କେବଳ କାର୍ଯ୍ୟକ୍ଷମ ଦକ୍ଷତାକୁ ବଢାଇବ ନାହିଁ ବରଂ ସ୍ଥାୟୀ ଅଭ୍ୟାସକୁ ଏକତ୍ର କରିବା ପାଇଁ କମ୍ପାନୀର ପ୍ରୟାସରେ ମଧ୍ୟ ସହାୟକ ହେବ ।

## ବ୍ରିକ୍ସ ଶିଖର ସମ୍ମିଳନୀରେ ମୋଦି

# ଆତଙ୍କବାଦ ଉପରେ ବର୍ଷିଲେ



ମସ୍କୋ: ଯୁଦ୍ଧ ନୁହେଁ, କଥାବାର୍ତ୍ତା ଏବଂ କୂଟନୀତିକୁ ସମର୍ଥନ କରେ ଭାରତ । ରୁଷର କଜାନରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀକୁ ସମ୍ବୋଧିତ କରି ଚୀନ ଓ ରୁଷ ରାଷ୍ଟ୍ରପତିଙ୍କ ସମେତ ବିଶ୍ୱର ବଡ଼ ବଡ଼ ନେତାଙ୍କ ଆଗରେ ଏପରି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ନିଜ ଅଭିଭାଷଣରେ ପରୋକ୍ଷରେ ପାକିସ୍ତାନକୁ କଟାକ୍ଷ କରି ଆତଙ୍କବାଦ ଉପରେ ବର୍ଷିଛନ୍ତି ମୋଦି । ଆତଙ୍କବାଦ ପ୍ରସଙ୍ଗରେ ଦୋ ମୁହାଁ ନୀତିର ସ୍ଥାନ ନାହିଁ ବୋଲି ସେ କହିଛନ୍ତି । ଷୋଡ଼ଶ ବ୍ରିକ୍ସ ଶିଖର ସମ୍ମିଳନୀକୁ ସମ୍ବୋଧିତ କରିବାବେଳେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଆମକୁ ଆତଙ୍କବାଦ ଏବଂ ଆତଙ୍କବାଦୀ ପାଣ୍ଠି ବିରୋଧରେ ଏକାଠି ହୋଇ ଜୋରଦାର ମୁକାବିଲା କରିବାକୁ ପଡ଼ିବ ।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, 'ମୁଁ ବିଶ୍ୱାସ କରେ ଯେ ବ୍ରିକ୍ସ, ଏକ ବିବିଧତାପୂର୍ଣ୍ଣ ଓ ସମାବେଶୀ ମଞ୍ଚ ଭାବରେ ସମସ୍ତ କ୍ଷେତ୍ରରେ ଏକ ସକରାତ୍ମକ ଭୂମିକା ଗ୍ରହଣ କରିପାରିବ । ଏ ବାବଦରେ ଆମର ଆଭିମୁଖ୍ୟ ଲୋକକୈନ୍ଦ୍ରିକ ହେବା ଉଚିତ । ଆମକୁ ବିଶ୍ୱକୁ ଏକ ବାର୍ତ୍ତା ଦେବାକୁ ପଡ଼ିବ ଯେ ବ୍ରିକ୍ସ ବିଭାଜନକାରୀ ସଂଗଠନ ନୁହେଁ, ବରଂ ଏହା ଲୋକଙ୍କ ସ୍ୱାର୍ଥରେ କାମ କରେ । ଯେପରି ଆମେ ମିଳିତ ଭାବେ କୋଭିଡ ଭଳି ଏକ ଆହ୍ୱାନକୁ ଦୂର କରିପାରିଥିଲୁ, ଭବିଷ୍ୟତ ପିଢ଼ି ପାଇଁ ଏକ ନିରାପଦ, ଶକ୍ତିଶାଳୀ ଏବଂ ସମୃଦ୍ଧ ଭବିଷ୍ୟତକୁ ସୁନିଶ୍ଚିତ କରିବା ପାଇଁ ମଧ୍ୟ ଆମେ ନିଶ୍ଚିତ ଭାବେ ନୂତନ ସୁଯୋଗ ସୃଷ୍ଟି କରିବାକୁ ସକ୍ଷମ । ଆତଙ୍କବାଦର ମୁକାବିଲା କରିବା ଏବଂ ଆତଙ୍କବାଦୀଙ୍କ ଆର୍ଥିକ କଳ ବନ୍ଦ କରିବା ପାଇଁ ଆମକୁ ଏକଜୁଟ ଭାବେ ନିରନ୍ତର ସମର୍ଥନ ଆବଶ୍ୟକ । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦୋ ମୁହାଁ ନୀତି ପାଇଁ କୌଣସି ସ୍ଥାନ ନାହିଁ । ଆମ ଦେଶର ଯୁବବର୍ଗଙ୍କୁ ଉଗ୍ରବାଦୀ ହେବାରୁ ରୋକିବା ପାଇଁ ଆମକୁ ଦୃଢ଼ ପଦକ୍ଷେପ ନେବା ଜରୁରୀ ।

ମୋଦି କହିଛନ୍ତି, 'ବ୍ରିକ୍ସ ସମ୍ମିଳନୀ ଏପରି ଏକ ସମୟରେ ଅନୁଷ୍ଠିତ ହେଉଛି, ଯେତେବେଳେ ବିଶ୍ୱ ଯୁଦ୍ଧ, ଅର୍ଥନୈତିକ ଅନିଶ୍ଚିତତା, ଜଳବାୟୁ ପରିବର୍ତ୍ତନ ଏବଂ ଆତଙ୍କବାଦ ଭଳି ଅନେକ ଆହ୍ୱାନର ସମ୍ମୁଖୀନ ହେଉଛି ।

ଉତ୍ତର-ଦକ୍ଷିଣ ଏବଂ ପୂର୍ବ-ପଶ୍ଚିମ ବିଭାଜନ ଭଳି ସ୍ଥିତି ଉପୁଜିଛି । ମୁଦ୍ରାସ୍ଫୀତି ବନ୍ଦ କରିବା, ଖାଦ୍ୟ ନିରାପତ୍ତା, ଶକ୍ତି ନିରାପତ୍ତା, ସ୍ୱାସ୍ଥ୍ୟ ସୁରକ୍ଷା, ଜଳ ନିରାପତ୍ତା ଆଦି ନିଶ୍ଚିତ କରିବା ବିଶ୍ୱର ସମସ୍ତ ଦେଶର ପ୍ରାଥମିକତା ହେବା ଉଚିତ । ଟେକ୍ନୋଲୋଜିର ଏହି ଯୁଗରେ ସାଇବର ଡିପଫେକ୍, ଭୁଲ ତଥ୍ୟ ଭଳି ନୂଆ ଆହ୍ୱାନ ସୃଷ୍ଟି ହେଉଛି । ଏଭଳି ସମୟରେ ବ୍ରିକ୍ସ ସମ୍ମିଳନୀରୁ ଅନେକ ଆଶା ରହିଛ । ଏ ବାବଦରେ ସମସ୍ତ ନିଷ୍ପତ୍ତି ସର୍ବସମ୍ମତିକ୍ରମେ ଗ୍ରହଣ କରାଯିବା ଉଚିତ ଏବଂ ବ୍ରିକ୍ସର ପ୍ରତିଷ୍ଠାତା ସଦସ୍ୟଙ୍କ ମତକୁ ସମ୍ମାନ ଦିଆଯିବା ଉଚିତ ।ଜୋହାନ୍ସବର୍ଗ ସମ୍ମିଳନୀ ସମୟରେ ଗ୍ରହଣ କରାଯାଇଥିବା ମାର୍ଗଦର୍ଶିକା, ମାନକ, ଆଦର୍ଶ ଏବଂ ପ୍ରକ୍ରିୟା ସମସ୍ତ ସଦସ୍ୟ ଏବଂ ସହଭାଗୀ ଦେଶ ଅନୁପାଳନ କରିବା ଆବଶ୍ୟକ ।'

## ମୋଦୀ-ଜିନପିଙ୍ଗ୍ ଆଲୋଚନା

# ସୀମାରେ ଶାନ୍ତି ବଜାୟ ରଖିବାକୁ ଗୁରୁତ୍ୱ

ମସ୍କୋ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ୍ ଗତ ପାଞ୍ଚ ବର୍ଷ ମଧ୍ୟରେ ରୁଷିଆର କଜାନରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀରେ ସେମାନଙ୍କର ପ୍ରଥମ ଦ୍ୱିପାକ୍ଷିକ ବୈଠକ କରିଛନ୍ତି । ଏହି ବୈଠକ ପ୍ରାୟ ୫୦ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା । ଯେତେବେଳେ ଡେପସାଙ୍ଗ ସମତଳ ଅଞ୍ଚଳ ଏବଂ ଡେମଚୋକ ଅଞ୍ଚଳରେ ଭାରତର ଚୀନ୍ ପରସ୍ପରର ପାଟ୍ରୋଲିଂ ଅଧିକାର ଫେରାଇ ଆଣିବାକୁ ରାଜି ହୋଇ ସାରିଛନ୍ତି ସେତେବେଳେ ଦୁଇଦିନ ପରେ ଏହି ବୈଠକ ଅନୁଷ୍ଠିତ ହୋଇଛି । ପୂର୍ବ ଲଦାଖରେ ଥିବା ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ସହିତ ବିବାଦର ସମାଧାନ ପାଇଁ ପ୍ରୟାସରେ ନୂଆ ଦିଗ ଏହି ବୈଠକ ଦ୍ୱାରା ମିଳିବ ବୋଲି ଚର୍ଚ୍ଚା ହେଉଛି । ଦ୍ୱିପାକ୍ଷିକ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱର ଶାନ୍ତି ଏବଂ ସ୍ଥିରତା ପାଇଁ ଆମର ବୈଠକ ଗୁରୁତ୍ୱପୂର୍ଣ୍ଣ । ସୀମାରେ ସହମତି ସ୍ୱାଗତଯୋଗ୍ୟ ।

ମୁଁ ନିଶ୍ଚିତ ଯେ ଆମେ ଖୋଲା ମନ ସହ କଥା ହେବା ଏବଂ ଆମର ଆଲୋଚନା ଗଠନମୂଳକ ହେବ । ଅକ୍ଟୋବର ୨୦୧୯ରେ ମହାବଲିପୁରମରେ ଏକ ଅନୌପଚାରିକ ଶିଖର ସମ୍ମିଳନୀରେ ଦୁଇ ନେତା ସାକ୍ଷାତ ହୋଇଥିଲେ । କିଛି ମାସ ପୂର୍ବରୁ ପୂର୍ବ ଲଦାଖରେ ଚୀନ୍ ଆକ୍ରମଣ ଏଲଏସିରେ ସାମରିକ ବିବାଦ ସୃଷ୍ଟି କରିଥିଲା । ଦୁଇ ନେତା ବାଲି (୨୦୨୨) ଏବଂ ଜୋହାନ୍ସବର୍ଗ (୨୦୨୩)ରେ କିଛି ସଂକ୍ଷିପ୍ତ ବୈଠକ କରିଥିଲେ । ତେବେ ବୁଧବାରର ବୈଠକ ହେଉଛି ପ୍ରଥମ ଉପଯୁକ୍ତ ଦ୍ୱିପାକ୍ଷିକ ବୈଠକ । ବିଶେଷଜ୍ଞମାନଙ୍କ ଅନୁସାରେ ଚାରି ବର୍ଷ ଧରି ଚାଲିଆସୁଥିବା ଅବରୋଧକୁ ଶେଷ କରିବାରେ ପିଏମ ମୋଦୀ ଏବଂ ସି ଜିନପିଙ୍ଗଙ୍କ ମଧ୍ୟରେ ସାକ୍ଷାତ ଏକ ପ୍ରମୁଖ ସଫଳତା । ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ବାର୍ତ୍ତାଳାପ ବ୍ରାଜିଲର ଫୋର୍ଟାଲେଜାଠାରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀରେ ହୋଇଥିଲା । କୂଟନୈତିକସ୍ତରରେ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଥିଲା । କାରଣ ଏହି ବୈଠକ ପରେ ପିଏମ ମୋଦୀ ଏବଂ ସି ଜିନପିଙ୍ଗ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପାଇଁ ଏକ ପ୍ଲାଟଫର୍ମ ସୃଷ୍ଟି ହୋଇପାରିବେ ବୋଲି ଚର୍ଚ୍ଚା ହେଉଥିଲା । ତା'ପରେ ଉଭୟ ଦେଶ ପରସ୍ପର ପାଇଁ ସହଯୋଗ ବୃଦ୍ଧି ବିଷୟରେ ଆଲୋଚନା କରିଥିଲେ । କିଛି ମାସ ପରେ ୧୭ ସେପ୍ଟେମ୍ବର ୨୦୧୪ରେ ସି ଜିନପିଙ୍ଗ ଭାରତ ଗସ୍ତରେ ଆସିଥିଲେ । ଏହି ଗସ୍ତ ସମୟରେ ଉଭୟ ନେତା ବାଣିଜ୍ୟ, ନାଗରିକ ଆଣବିକ ଶକ୍ତି ଏବଂ ସଂଯୋଗ ଭଳି କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ଚେଷ୍ଟା କରିଥିଲେ । ତେବେ ଦୁଇ ଦେଶ ମଧ୍ୟରେ ସମାଧାନ ହୋଇ ନ ଥିବା ସୀମା ସମସ୍ୟା ଯୋଗୁ ଅର୍ଥନୈତିକ ଏବଂ ସାଂସ୍କୃତିକ ସମ୍ପର୍କ ଉପରେ ଆଲୋଚନା ଅସ୍ପଷ୍ଟ ରହିଥିଲା ।

## ଜୟା ଶେଟ୍ଟୀ ହତ୍ୟା ମାମଲା

# ଗ୍ୟାଙ୍ଗଷ୍ଟର ଛୋଟା ରାଜନକୁ ମିଳିଲା ଜାମିନ



ମୁମ୍ବାଇ: ହୋଟେଲ ବ୍ୟବସାୟୀ ଜୟା ଶେଟ୍ଟୀ ହତ୍ୟା ମାମଲାରେ ଛୋଟା ରାଜନ ଦୋଷୀ ସାବ୍ୟସ୍ତ ହୋଇଥିଲା । ଚଳିତ ବର୍ଷ ମେ' ୩୦ ତାରିଖରେ ଏକ ସ୍ୱତନ୍ତ୍ର ମୋକକା ଅଦାଲତ ଛୋଟା ରାଜନ ଓ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ କିଛି ଲୋକଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଥିଲେ । ତେବେ ବମ୍ବେ ହାଇକୋର୍ଟ ଆଜି ଏହି ଦଣ୍ଡରୁ ମୁକ୍ତ କରିବା ସହ ଛୋଟା ରାଜନକୁ ଜାମିନ ପ୍ରଦନ କରିଛନ୍ତି ।

ଜଷ୍ଟିସ ରେବତି ମୋଇତେ ଡେରେ ଓ ଜଷ୍ଟିସ ପୃଥ୍ୱୀରାଜ ଚୌହାନଙ୍କ ଖଣ୍ଡପୀଠ ତାଙ୍କୁ ଜମିନ ପ୍ରଦାନ କରିବା ସହ ବେଲ ବଣ୍ଡ ବାବଦକୁ ଏକ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଛୋଟା ରାଜନକୁ ଜାମିନ ମିଳିଥିଲେ ସୁଦ୍ଧା ଅନ୍ୟ ଅପରାଧିକ ମାମଲାରେ ସେ ଜେଲରେ ହିଁ ରହିବ । ଛୋଟା ରାଜାନ ବିରୋଧରେ ବଟି ଆଦାୟ ଓ ଏ ସମ୍ବନ୍ଧୀୟ ଅନେକ ଅପରାଧିକ ମାମଲା ରୁଜୁ ହୋଇଛି । ତେଣୁ ହୋଟେଲ ମାଲିକଙ୍କୁ ହତ୍ୟା ମାମଲାରେ ତାଙ୍କ ତଥା ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ମକୋକା ଅଧୀନରେ ମଧ୍ୟ ମାମଲା ରୁଜୁ କରାଯାଇଥିଲା । ଏହି ହତ୍ୟା ମାମଲାରେ ଅନ୍ୟ ତିନିଜଣ ଅଭିଯୁକ୍ତଙ୍କୁ ଦୁଇଟି ପୃଥକ ପୃଥକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ପ୍ରମାଣ ଅଭାବରୁ ଜଣେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ ।

୨୦୦୧ ମେ' ୪ ତାରିଖରେ ମୁମ୍ବାଇର ଗ୍ରାମଦେବୀରେ ଥିବା ଗୋଲ୍ଡେନ କ୍ରାଉନ ହୋଟେଲର ମାଲିକ ଜୟା ଶେଟ୍ଟୀଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଛୋଟା ରାଜନ ଗ୍ୟାଙ୍ଗର ଦୁଇ ଜଣ ସଦସ୍ୟ ତାଙ୍କୁ ହତ୍ୟା କରିଥିଲେ । ଛୋଟା ରାଜନ ବିଦେଶରେ ରହୁଥିବାବେଳେ ଭାରତରେ ନିଜ ଗ୍ୟାଙ୍ଗ ଚଳାଉଥିଲା । ୨୦୧୫ରେ ଇଣ୍ଡୋନେସିଆରୁ ତାକୁ ଗିରଫ କରାଯାଇଥିଲା । ଅକ୍ଟୋବର ୨୦୧୫ରେ ସେଠାରୁ ଭାରତକୁ ଅଣାଯାଇଥିଲା । ସେବେଠାରୁ ସେ ନୂଆଦିଲ୍ଲୀର ତିହାର ଜେଲରେ ଅଛି । ୨୦୧୧ ମସିହାରେ ସାମ୍ବାଦିକ ଜେ ଡେଙ୍କ ହତ୍ୟା ମାମଲାରେ ରାଜନ ଆଜୀବନ କାରାଦଣ୍ଡ କାଟୁଛି । ୧୯୯୩ ମସିହାରେ ମୁମ୍ବାଇ ସିରିଏଲ ବିସ୍ଫୋରଣ ପରେ ଦାଉଦ ଇବ୍ରାହିମଙ୍କ ନିକଟରେ ଥିବା ଛୋଟା ରାଜନ ଦାଉଦ ଗ୍ୟାଙ୍ଗରୁ ଅଲଗା ହୋଇଯାଇଥିଲେ ।

## ଦିଲ୍ଲୀ ପ୍ରଦୂଷଣ

# ପଞ୍ଜାବ, ହରିୟାଣା ସରକାରଙ୍କୁ ଭର୍ତ୍ସନା



ନୂଆଦିଲ୍ଲୀ: ଦିଲ୍ଲୀ ପ୍ରଦୂଷଣ ପ୍ରସଙ୍ଗରେ ସୁପ୍ରିମକୋର୍ଟ ପୁଣି ଥରେ ପଞ୍ଜାବ, ହରିୟାଣା ଏବଂ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗକୁ କଡ଼ା ଭାଷାରେ ଶୁଣାଇଛନ୍ତି । ଅଦାଲତ କହିଛନ୍ତି ଯେ ଏହି ମାମଲା କିଛି ଆଇନର ଅନୁପାଳନରେ ସୀମିତ ନୁହେଁ । ଲୋକଙ୍କ ମୌଳିକ ଅଧିକାର ଏଠାରେ ଉଲ୍ଲଂଘନ କରାଯାଉଛି ଯେଉଁମାନେ ବାୟୁକୁ ବିଷାକ୍ତ କରନ୍ତି ଏବଂ ଏହାକୁ ରୋକିବାରେ ବିଫଳ ହୁଅନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କୋର୍ଟଙ୍କ ନିର୍ଦ୍ଦେଶରେ ପଞ୍ଜାବ ଏବଂ ହରିୟାଣାର ମୁଖ୍ୟ ସଚିବମାନେ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ ।

ଜଷ୍ଟିସ ଅଭୟ ଓକାଙ୍କ ନେତୃତ୍ୱରେ ୩ ଜଣ ବିଚାରପତିଙ୍କ ଏକ ବେଞ୍ଚ ଉଭୟଙ୍କୁ ତୀବ୍ର ଭର୍ତ୍ସନା କରିଛି । ବେଞ୍ଚର ସଦସ୍ୟ ଜଷ୍ଟିସ ଅମାନତୁଲ୍ଲା କହିଛନ୍ତି, ଦିଲ୍ଲୀର ବର୍ତ୍ତମାନର ଅବସ୍ଥା ଏବଂ ଭବିଷ୍ୟତରେ କଣ ଘଟିବ ସେ ବିଷୟରେ ଚିନ୍ତା କର । ତୁମେ ମଧ୍ୟ ନଡ଼ା ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହୋଇଥିବ । ଅନ୍ତତଃ ପକ୍ଷେ ନିଜ ବିଷୟରେ ଚିନ୍ତା କରଛପଞ୍ଜାବର ଆଡଭୋକେଟ୍ ଜେନେରାଲ୍ ଏବଂ ମୁଖ୍ୟ ଶାସନ ସଚିବଙ୍କୁ କେନ୍ଦ୍ରରୁ ଟ୍ରାକ୍ଟର ଏବଂ ମେସିନ୍ ପାଇଁ ପାଣ୍ଠି ମାଗିବା ଅଭିଯୋଗରେ କୋର୍ଟ ତାଗିଦ୍ କରିଛନ୍ତି । ଏହାର କୌଣସି ରେକର୍ଡ ନାହିଁ ବୋଲି କୋର୍ଟ କହିଛନ୍ତି । ଅଦାଲତ ଏହା ମଧ୍ୟ କହିଛନ୍ତି ଯେ ଯେଉଁ ଅଧିକାରୀଙ୍କ ଆଡଭୋକେଟ୍ ଜେନେରାଲ୍ ଏହି ଦାବୀ ପ୍ରକାଶ କରିଛନ୍ତି ସେହି ଅଧିକାରୀଙ୍କ ନାମ ପ୍ରକାଶ କରାଯିବା ଉଚିତ ଯାହା ଦ୍ୱାରା ତାଙ୍କୁ ଅବମାନନା ନୋଟିସ୍ ପଠାଯାଇପାରିବ ।

ପଞ୍ଜାବ ପକ୍ଷରୁ ହାଜର ହୋଇଥିବା ବରିଷ୍ଠ ଆଡଭୋକେଟ୍ ଅଭିଷେକ ମନୁ ସିଂଭି ଏହି ମାମଲା ସମ୍ଭାଳିବାକୁ ଚେଷ୍ଟା କରିଥିଲେ । ଏହା ଉପରେ ଜଷ୍ଟିସ୍ ଓକା କହିଛନ୍ତି, ଆମକୁ ଆଉ କିଛି କହିବାକୁ ବାଧ୍ୟ କର ନାହିଁ । ରାଜ୍ୟ ସରକାରଙ୍କ ଗମ୍ଭୀରତା ଦୃଶ୍ୟମାନ ହେଉଛି । ପ୍ରଥମେ ଆଡଭୋକେଟ୍ ଜେନେରାଲ୍ କହିଛନ୍ତି ଯେ କାହା ବିରୋଧରେ କୌଣସି ମାମଲା ପଞ୍ଜିକୃତ ହୋଇନାହିଁ । ବର୍ତ୍ତମାନ ଆପଣ କହୁଛନ୍ତି ଯେ ଚଳିତ ବର୍ଷ କେବଳ ୫ଟି ମାମଲା ପଞ୍ଜିକୃତ ହୋଇଛି ଏହି ମାମଲାରେ ଆମିକସ୍ କ୍ୟୁରି ଅପରାଜିତା ସିଂ କହିଛନ୍ତି, ଏହା ପ୍ରତିବର୍ଷ ସମାନ କାହାଣୀ । ଚଳିତ ବର୍ଷ କୋର୍ଟ ଅଧିକ ଗୁରୁତର ଭାବରେ ନଜର ରଖିଛନ୍ତି, ତଥାପି ସେହି ମନୋଭାବ ରହିଛି ଦୀପାବଳି ଯେତିକି ପାଖେଇ ଆସୁଛନ୍ତି, ଅନ୍ୟାନ୍ୟ କାରଣ ଯୋଗୁଁ ଦିଲ୍ଲୀ ଏକ ଗ୍ୟାସ ଚାମ୍ବର ହେବ ।



# ଭୁଶୁଡ଼ିଲା ନିର୍ମାଣାଧୀନ କୋଠା, ୫ ମୃତ

ବେଙ୍ଗାଲୁରୁ : ବେଙ୍ଗାଲୁରୁରେ ଗତ କିଛି ଦିନ ହେଲା ପ୍ରବଳ ବର୍ଷା ଜାରି ରହିଛି । ଏଥିପାଇଁ ଜନଜୀବନ ପ୍ରଭାବିତ ହୋଇଛିଛ ପ୍ରବଳ ବର୍ଷା ଯୋଗୁଁ ମଙ୍ଗଳବାର ସନ୍ଧ୍ୟାରେ ସହରରେ ଏକ ନିର୍ମାଣାଧୀନ ୭ ମହଲା କୋଠା ଭୁଶୁଡ଼ି ପଡ଼ିଛି । ବାବୁସାପାଲିଆଠାରେ ଥିବା ଅଂଜନାଦ୍ରି ଲେଆଉଟରେ ଏହି ଘଟଣା ଘଟିଛି । ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୩ ଜଣଙ୍କୁ ଭଗ୍ନାବଶେଷ ତଳୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ୧୭ ଜଣ ଶ୍ରମିକ ଭଗ୍ନାବଶେଷ ତଳେ ଫସି ରହିଥିବା କୁହାଯାଉଥିଲା ।

ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ୮ ଜଣଙ୍କୁ ରାତିରେ ଉଦ୍ଧାର କରିଛି । ଏମାନଙ୍କ ମଧ୍ୟରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏବେବି ଆହୁରି ୩ରୁ ୪ ଜଣ ଶ୍ରମିକ ଫଶି ରହିଥିବା ଆଶଙ୍କା କରାଯାଉଛି । ସେପଟେ ଏହି ଦୁର୍ଘଟଣାକୁ ନେଇ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି ଶିବକୁମାର କହିଛନ୍ତି, ସରକର ସରକାର ଏହି ବିପର୍ଯ୍ୟୟକୁ ରୋକି ପାରିବେ ନାହିଁ । କିନ୍ତୁ ରିଲିଫ ଏବଂ ଉଦ୍ଧାର ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି । ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଅନେକ ଦଳ ନିୟୋଜିତ ଅଛନ୍ତି । ଆପାର୍ଟମେଣ୍ଟ ଏବଂ ତଳିଆ ଅଞ୍ଚଳରୁ ଜଳ ହଟାଇବା ପାଇଁ ପମ୍ପ ନିୟୋଜିତ କରାଯାଇଛି । ରାଜ୍ୟ ତଥା ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀର ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି ।

## ମହାରାଷ୍ଟ୍ର ନିର୍ବାଚନ

# ଏନ୍‌ସିପିର ପ୍ରଥମ ତାଲିକା ଜାରି

ମୁମ୍ବାଇ: ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନ୍ସିପି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି । ଏଥିରେ ୩୮ ଜଣଙ୍କ ନାଁ ରହିଛି । ସେମାନଙ୍କ ମଧ୍ୟରେ ନିଜେ ଅଜିତ ପାୱାର ଅଛନ୍ତି । ସେ ପୁଣି ଥରେ ବାରାମତୀ ଆସନରୁ ପ୍ରାର୍ଥୀ ହେବେ । ସେ ଏନସିପି ଟିକେଟରେ ୧୯୯୧ରୁ ଲଗାତାର ଭାବେ ଏହି ଆସନରୁ ଜିତି ଆସୁଛନ୍ତି । ତା'ପୂର୍ବରୁ ଦୁଇ ଥର ସେ ଏହି ଆସନରୁ କଂଗ୍ରେସ ଟିକେଟରେ ବିଜୟୀ ହୋଇଥିଲେ ।

୨୦୧୯ ବିଧାନସଭା ନିର୍ବାଚନରେ ଅଜିତ ପାୱାର ବାରାମତୀ ଆସନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀଙ୍କୁ ରେକର୍ଡ ୧ ଲକ୍ଷ ୬୫ ହଜାର ଭୋଟରେ ପରାସ୍ତ କରିଥିଲେ । ହେଲେ ଏଥର ଏଠାରେ ତାଙ୍କର ମୁକାବିଲା ତାଙ୍କ କାକା ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍ସିପି ସହିତ ହେବ । ଏନ୍ସିପି (ଶରଦ ପାୱାର) ପକ୍ଷରୁ ବାରାମତୀରୁ ଯୁଗେନ୍ଦ୍ର ପାୱାରଙ୍କୁ ଛିଡ଼ା କରାଯିବ ।ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନ୍ସିପି ତା'ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ୩୮ ଜଣଙ୍କ ନାଁ ଜାରି କରିଥିବା ବେଳେ ସେମାନଙ୍କ ମଧ୍ୟରେ ୨୬ ଜଣ ସିଟିଂ ବିଧାୟକ ରହିଛନ୍ତି । ଦଳ ସେମାନଙ୍କ ଉପରେ ପୁଣି ଥରେ ଭରସା ଦେଖାଇଛି । ଦଳୀୟ ନେତା ତଥା ମହାରାଷ୍ଟ୍ର ବିଧାନସଭାର ଉପ-ବାଚସ୍ପତି ନରହରି ଜିରୱାଲଙ୍କୁ ଡିଣ୍ଡୋରି ଆସନରୁ ପ୍ରାର୍ଥୀ କରାଯାଇଥିବା ବେଳେ ମନ୍ତ୍ରୀ ଛଗନ ଭୁଜବଳଙ୍କୁ ୟେଓଲା ଆସନରୁ ପ୍ରାର୍ଥୀ କରାଯାଇଛ । ଛଗନ ଭୁଜବଳ ଏହି ଆସନରୁ ୨୦୦୪ରୁ ଲଗାତାର ନିର୍ବାଚନ ଜିତି ଆସୁଛନ୍ତି । ସେହିଭଳି ନିକଟରେ କଂଗ୍ରେସ ଛାଡ଼ି ଅଜିତ ପାୱାରଙ୍କ ଏନ୍ସିପିରେ ଯୋଗ ଦେଇଥିବା ହୀରାମନ ଖୋସକରଙ୍କୁ ଇଗତପୁରୀ ଆସନରୁ ଟିକେଟ ମିଳିଛି ।୨୮୮ଟି ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ପାଇଁ ନଭେମ୍ବର ୨୦ ତାରିଖରେ ଭୋଟ୍ ଗ୍ରହଣ କରାଯିବ । ନଭେମ୍ବର ୨୩ ତାରିଖରେ ଭୋଟ୍ ଗଣତି ହେବ ।

# ନକଲି କୋର୍ଟରେ ଓକିଲ ଜଜ୍ : ବାନ୍ଧିଲା ପୋଲିସ




ଗାନ୍ଧୀନଗର : ଗୁଜରାଟର ଗାନ୍ଧୀନଗରରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି । ନକଲି କୋର୍ଟ ଚଳାଉଥିବା ଘଟଣାରେ ପୋଲିସ ଜଣେ ଅସଲି ଓକିଲଙ୍କୁ ଗିରଫ କରିଛି । ମୋରିସ ସାମୁଏଲ ଖ୍ରୀଷ୍ଟିୟାନ ନାମକ ଜଣେ ଓକିଲ ନିଜ ଘରେ କୋର୍ଟ ସ୍ଥାପନ କରି ବିଭିନ୍ନ ଜମିଜମା ସମ୍ବନ୍ଧୀୟ ମାମଲାର ଫଇସଲା କରୁଥଲେ । ନିଜକୁ ଜଜ୍ ଭାବେ ପରିଚୟ ଦେଇ ଲୋକଙ୍କୁ ଧୋକା ଦେଉଥିବା ମୋରିସଙ୍କୁ ପୁଲିସ ମଙ୍ଗଳବାର ଗିରଫ କରିଛି । ସେ ଗାନ୍ଧୀନଗରସ୍ଥିତ ଏକ କାର୍ଯ୍ୟାଳୟରେ ଅସଲି କୋର୍ଟ ଭଳି ପରିବେଶ ସୃଷ୍ଟି କରି ନିଜକୁ ଜଜ୍ ଭାବେ ଦର୍ଶାଇ ବିଭିନ୍ନ ପ୍ରସଙ୍ଗରେ ରାୟ ଜାରି କରୁଥିଲେ । ଯେଉଁ ଲୋକମାନଙ୍କର ଜମିଜମା ସମ୍ବନ୍ଧୀୟ ମାମଲା ସହରର ସିଭିଲ କୋର୍ଟରେ ପଡ଼ି ରହିଥିଲା, ସେହିମାନଙ୍କୁ ଟାର୍ଗେଟ କରି ମୋରିସ ଫସାଉଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ।

ଏଭଳି ଲୋକଙ୍କୁ ସେ ଗାନ୍ଧୀନଗରସ୍ଥିତ କାର୍ଯ୍ୟାଳୟକୁ ଡକାଉଥିଲେ, ଯାହାକୁ ସେ ଏକ ଅଦାଲତ ପରି ସଜାଇଥିଲେ । ସେ ନିଜ ମହକିଲମାନଙ୍କୁ ସେମାନଙ୍କର ପଡ଼ି ରହିଥିବା ଜମିଜମା ସମ୍ବନ୍ଧୀୟ ମାମଲାର ସମାଧାନ କରିବାର ଆଶା ଦେଖାଇ ତାଙ୍କଠାରୁ ମୋଟା ଅଙ୍କର ଟଙ୍କା ମଧ୍ୟ ନେଉଥିଲେ । କେବଳ ସେତିକି ନୁହେଁ, ସେ ଟ୍ରିବ୍ୟୁନାଲ ଅଧିକାରୀ ଭଳି ଆଦେଶ ମଧ୍ୟ ପାରିତ କରୁଥିଲେ । ନିଜର ନକଲି ଅଦାଲତକୁ ଅସଲି ଅଦାଲତର ରୂପ ଦେବା ପାଇଁ ସେ ନିଜର ସହଯୋଗୀମାନଙ୍କୁ ଅଦାଲତର କର୍ମଚାରୀ ଏବଂ ଓକିଲ ରୂପରେ ବସାଉଥିଲେ । ପୁଲିସ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୧୯ର ଏକ ସରକାରୀ ଜମି ସମ୍ବନ୍ଧୀୟ ମାମଲାର ଶୁଣାଣି କରି ମୋରିସ ନିଜ ମହକିଲଙ୍କ ସପକ୍ଷରେ ଆଦେଶ ଜାରି କରିଥିଲେ, ଯେଉଁ ଜମିର ମୂଲ୍ୟ ୧୦୦ କୋଟି ଟଙ୍କା ଥିଲା । ଏହାପରେ ସିଭିଲ କୋର୍ଟଙ୍କ ଦ୍ୱାରା ହୋଇଥିବା ଅଭିଯୋଗ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ଏତିକି ନୁହେଁ, ଏପରି ଭାବେ ପ୍ରାୟ ୧୧ଟି ସରକାରୀ ଜମି ବିବାଦର ସମାଧାନ କରି ନିଜ ମହକିଲଙ୍କ ସପକ୍ଷରେ ଆଦେଶ ପାରିତ କରିଛନ୍ତି ଅଭିଯୁକ୍ତ ମୋରିସ । ଏହିସବୁ ଜମିର ମୂଲ୍ୟ କୋଟିକୋଟି ଟଙ୍କା ହେବ । ମଙ୍ଗଳବାର ଧାରା ୪୨୦ (ଠକିବା) ଓ ୧୨୦ବି (ଅପରାଧିକ ଷଡ଼ଯନ୍ତ୍ର) ଅଧୀନରେ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଚଳାଇଛି ପୁଲିସ ।

# କ୍ଷଣିକରେ ଧୂଳିସାତ ହେଲା ୧୦ ମହଲା

ଜେରୁଜେଲମ: ଇସ୍ରାଏଲର ମିସାଇଲ ମାଡ଼ରେ ଲେବାନନର ରାଜଧାନୀ ବିରୁଟରେ ଏକ ବହୁତଳ ଆବାସିକ କୋଠା ମାତ୍ର କିଛି ସେକେଣ୍ଡ ମଧ୍ୟରେ ମାଟିରେ ମିଶିଯାଇଥିଲା । ଆଉ ଏହାର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେଉଛ । ଏହି ବହୁ ତଳ (୧୦ ମହଲାରୁ ଅଧିକ) କୋଠାକୁ ମିସାଇଲ ମାଡ଼ କରି ଉଡ଼ାଇ ଦେବାର ପ୍ରାୟ ୪୦ ମିନିଟ ପୂର୍ବରୁ ସତର୍କ କରାଇ ଦେଇଥିଲା ଇସ୍ରାଏଲ । ଏହି କୋଠା ସହିତ ଏହା ଆଖପାଖରେ ଥିବା ଆଉ ଦୁଇଟି ବହୁତଳ କୋଠା ଖାଲି କରି ଦେବାକୁ ଇସ୍ରାଏଲ ସେନାର ଜଣେ ମୁଖପାତ୍ର ସେଠାରେ ବସବାସ କରୁଥିବା ଲୋକଙ୍କୁ ସୋଶାଲ ମିଡିଆ ଯୋଗେ ବାର୍ତ୍ତା ଦେଇଥିଲେ । ଏହି ଘଟଣା ପରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେମାନେ କ୍ଷୟକ୍ଷତିର ଆକଳନ କରିବା ସହିତ ଏଥିଯୋଗୁ ପ୍ରଭାବିତ ହୋଇଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ସେଠାରେ ପହଞ୍ଚିଥିଲେ । ଅନ୍ୟପକ୍ଷରେ ହିଜବୁଲ୍ଲା ପକ୍ଷରୁ ମଙ୍ଗଳବାର କୁହାଯାଇଥିଲା ଯେ ଯେତେଦିନ ପର୍ଯ୍ୟନ୍ତ ଇସ୍ରାଏଲ ଯୁଦ୍ଧ ଜାରି ରଖିଥିବ, ସେତେ ଦିନ ଯାଏଁ କୌଣସି ଆଲୋଚନା ହେବ ନାହିଁ । ଏହା ସହିତ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବାସଭବନ ଉପରେ କରାଯାଇଥିବା ଡ୍ରୋନ୍ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି ଇରାନ ସମର୍ଥିତ ଲେବାନନର ଏହି ବିଦ୍ରୋହୀ ସଂଗଠନ ।



# ୧୫ ବର୍ଷରୁ କମ୍ ଚେସ୍: ଲଳିତ ରଞ୍ଜନ ବିଜେତା



ଭୁବନେଶ୍ୱର, ୨୩।୧୦ (ସବ୍ୟୁ): ବାରବାଟୀ ଷ୍ଟାଡିୟମସ୍ଥିତ ହର୍ଷ ଗେଟ୍ ହଲ୍ ପରିସରରେ ରାଜ୍ୟ ୧୫ ବର୍ଷରୁ କମ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ୩ ଦିନିଆ ଏହି ପ୍ରତିଯୋଗିତାରେ କଟକର ଲଳିତ ରଞ୍ଜନ ସାହୁ ଚାମ୍ପିଅନ ହୋଇଛନ୍ତି । ଓପନ ବର୍ଗର ଶ୍ରେଷ୍ଠ ୧୦ରେ ସ୍ଥାନ ଅଧିକାର କରିଥିବା ଅନ୍ୟ ଖେଳାଳିମାନେ ହେଲେ ଆର୍ଯ୍ୟନ ବେହେରା, ଶ୍ରୀହନ ସାବତ, ସ୍ୱସ୍ତିକ ଶୁଭମ ପଟ୍ଟନାୟକ, ଆୟୁଷ ଆର୍ଯ୍ୟନ ମହାପାତ୍ର, ଆଦିତ୍ୟ ବିକ୍ରମ ମିଶ୍ର, ପ୍ରତ୍ୟୁଷ ନାୟକ, ପ୍ରତ୍ୟାଶା ଜେନା, କେ.ସାଇ କ୍ରିଷ୍ଣା ତୋରା, ରିତ୍ୱିକରାଜ ମିଶ୍ର ଯଥାକ୍ରମେ ୨ରୁ ୧୦ମ ସ୍ଥାନ ମଧ୍ୟରେ ରହିଛନ୍ତି ।

ବାଳିକା ବର୍ଗରେ ଜୟଲକ୍ଷ୍ମୀ ସାହୁ ଚାମ୍ପିଅନ ହୋଇଛନ୍ତି । ଶ୍ରଦ୍ଧା ସ୍ମରଣିକା ନନ୍ଦ, ସ୍ନେହଯୁକ୍ତା ବେହେରା, ପଦ୍ମିନୀ ପାଣିଗ୍ରାହୀ, ସ୍ରିଷ୍ଟି ଶ୍ରେୟସୀ, ଜ୍ୟୋତିକା ସାହୁ, ଦ୍ରିଷ୍ଟ ପ୍ରଧାନ, ସାଇଆତ୍ରି ମହାପାତ୍ର, ଇଶାନୀ ଦାସ ଓ ନୟନିକା ସାହୁ ପ୍ରମୁଖ ଦୁଇରୁ ୧୦ତମ ସ୍ଥାନ ମଧ୍ୟରେ ରହିଛନ୍ତି ।

୧୭ ବର୍ଷରୁ କମ ବାଳକରେ ରେୟାନ୍ସ ମଲ୍ଲିକ ଓ ବାଳିକାରେ ଅନନ୍ୟା ମିଶ୍ର ପ୍ରଥମ ସ୍ଥାନ, ୯ ବର୍ଷରୁ କମ ବାଳକ-ବାଳିକାରେ ଶୁଭମ ମହାପାତ୍ର ଓ ତନଭି ମିଶ୍ର, ୧୩ ବର୍ଷରୁ କମ ବାଳକ ବାଳିକାରେ ବିଶ୍ୱପ୍ରିତ ରାୟ ଓ ସାଇ ବିଦ୍ୟାଶ୍ରୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ନିଖିଳ ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ, ଶିଳ୍ପପତି ପ୍ରଦୀପ ସିଂହ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲ୍ଲା ଚେସ୍ ସଂଘ ସଭାପତି ବିବେକ କୁମାର ଟିବରିୱାଲ, ଉପସଭାପତି ପ୍ରଶାନ୍ତ କୁମାର, ସମ୍ପାଦକ ଅଜୟ କୁମାର ନାୟକ ମଞ୍ଚରେ ଉପସ୍ଥିତ ଥିଲେ । ସନ୍ତୋଷ କୁମାର ପୃଷ୍ଟି, ଫନିନ୍ଦ୍ର ନାଥ ମହାନ୍ତି, ରାଜେନ୍ଦ୍ର କୁମାର ସେଠୀ, ଶ୍ରୀତମ ପୃଷ୍ଟି, ସେକ୍ ମନସୁର ଅଲ୍ଲୀ, ଜ୍ୟୋତିପ୍ରକାଶ ମହାପାତ୍ର, ସତ୍ୟରଞ୍ଜନ ପଟ୍ଟନାୟକ, ସୁଧିର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସୂର୍ଯ୍ୟକାନ୍ତ ବିଷୋଇ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଦାୟିତ୍ୱ ବହନ କରିଥିଲେ । ଉକ୍ତ ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ତାପସ ମହାନ୍ତି ଏବଂ ପିଙ୍କି ମହାପାତ୍ର ପରିଚାଳନା କରିଥିଲେ ।

# ନରଣଗଡ ଫୁଟବଲ ଟୁର୍ଣ୍ଣାମେଣ୍ଟ : ତରତୁଆ ସେମିକୁ ଉନ୍ନୀତ



ନିରାକାରପୁର, ୨୩।୧୦ (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନରଣଗଡ ବିଜୁ ବଳୟ ଯୁବ ନିକେତନ ଦ୍ୱାରା ଚାଲିଥିବା ନରଣଗଡ ଫୁଟବଲ ଟୁର୍ଣ୍ଣାମେଣ୍ଟର ବୁଧବାର ମ୍ୟାଚରେ ବାଲିଗାଡିଆ ଫୁଟବଲ ଦଳକୁ ତରତୁଆ ଦଳ ଭେଟିଥିଲେ । ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ରେ ଖେଳ ଶେଷ ପର୍ଯ୍ୟନ୍ତ ୧-୧ ସ୍କୋର ରେ ଉଭୟ ବରାବର ରହିଥିଲେ। ଶେଷରେ ଟ୍ରାଇବ୍ରେକର ଜରିଆରେ ଖେଳ ଅନୁଷ୍ଠିତ ହୋଇଥିଲା ଏଥିରେ ୪-୩ ଗୋଲରେ ତରତୁଆ ଦଳ ବିଜୟ ହାସଲ କରି ସେମିକୁ ଉନ୍ନିତ ହୋଇଛି । ଖେଳକୁ ଫକୀର ଚରଣ ନିଶଙ୍କ, ଶରତ ଛୋଟରାୟ, ଅଭିନଶ ପଟ୍ଟନାୟକ ଓ ସୁକାନ୍ତ କୁମାର ପ୍ରଧାନ ପରିଚାଳନା କରିଥିଲେ। ମ୍ୟାଚରେ ଅତିଥି ଭାବେ ପୂର୍ବତନ ସରପଞ୍ଚ ଅବକାଶ ମହାନ୍ତି, ପୂର୍ବତନ ସରପଞ୍ଚ କାଳୁ ଚରଣ ବଳିଆରସିଂହ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

## ଆଜିଠୁ ଦ୍ୱିତୀୟ ଟେଷ୍ଟ

# ଚୂଡ଼ାନ୍ତ ଏକାଦଶ ଚୟନ ନେଇ ଦ୍ୱନ୍ଦ୍ୱରେ ଟିମ୍ ଇଣ୍ଡିଆ

ପୁନେ, ୨୩।୧୦ (ଏଜେନ୍ସି): ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଗୁରୁବାରଠାରୁ ପୁନେରେ ଆରମ୍ଭ ହେବାକୁ ଯାଉଛି । ପ୍ରଥମ ଟେଷ୍ଟରେ ପରାଜିତ ହୋଇଥିବା ଟିମ୍ ଇଣ୍ଡିଆ ଏହି ମ୍ୟାଚରେ ବିଜୟ ହାସଲ କରି ସଫଳ ପ୍ରତ୍ୟାବର୍ତ୍ତନ କରିବା ଲକ୍ଷ୍ୟରେ ରହିଛି । ଏହି ମ୍ୟାଚ ପାଇଁ ଭାରତୀୟ ଚୂଡ଼ାନ୍ତ ଏକାଦଶରେ କିଏ ଖେଳିବେ ସେ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି ଅଧିନାୟକ ରୋହିତ ଶର୍ମା । ଶୁଭମନ ଗିଲ କିମ୍ବା ଲୋକେଶ ରାହୁଲଙ୍କ ମଧ୍ୟରୁ କିଏ ଚୂଡ଼ାନ୍ତ ଏକାଦଶରେ ସେ ନେଇ ଦ୍ୱନ୍ଦ୍ୱ ଲାଗିରହିଛି । ଗିଲ ପ୍ରଥମ ଟେଷ୍ଟରେ ଫିଟ୍ ନଥିବାରୁ ଖେଳିପାରି ନଥିଲେ । ରାହୁଲ ତାଙ୍କୁ ମିଳିଥିବା ସୁଯୋଗର ସଦୁପଯୋଗ କରିପାରି ନାହାନ୍ତି । ତେଣୁ ଏମାନଙ୍କ ମଧ୍ୟରୁ କିଏ ଖେଳିବ ତାହା ସ୍ପଷ୍ଟ ହୋଇପାରି ନାହିଁ । ସେହିଭଳି ତୃତୀୟ ସ୍ପିନର ଭୂମିକାକୁ ନେଇ ଚିତ୍ର ସ୍ପଷ୍ଟ ହୋଇଛି । ଯେହେତୁ ପୁନେର ଟ୍ରାକ୍ ସ୍ପିନରଙ୍କୁ ସୁହାଇବ, ତେଣୁ ଚୂଡ଼ାନ୍ତ ଏକାଦଶରେ ୩ ଜଣ ସ୍ପିନର ଖେଳିବେ । ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜାଙ୍କ ବ୍ୟତୀତ କୁଲଦୀପ ଯାଦବ ଓ ଅକ୍ଷର ପଟେଲଙ୍କ ମଧ୍ୟରୁ ଜଣେ ସ୍ଥାନ ପାଇବେ । ଏତଦବ୍ୟତୀତ ଦ୍ୱିତୀୟ ମ୍ୟାଚ୍ ପାଇଁ ୱାଶିଂଟନ ସୁନ୍ଦରଙ୍କୁ ସାମିଲ କରାଯାଇଥିବାରୁ ପୁନେରେ ସେ ଖେଳିବା ସମ୍ଭାବନା ରହିଛି । ଯଶପ୍ରୀତ ବୁମରାଙ୍କ ସମେତ ମହମ୍ମଦ ସିରାଜଙ୍କୁ ଖେଳାଯିବ ନା ଆକାଶଦୀପ ଏକାଦଶରେ ସାମିଲ ହେବେ, ତାହା ବଡ଼ ପ୍ରଶ୍ନ ହୋଇରହିଛି ।




ବ୍ୟାଟିଂ ଲାଇନ୍ଅପ୍ ମଜଭୁତ କରିବା ପାଇଁ ଆବଶ୍ୟକ ପଡ଼ିଲେ ତିନିଜଣ ଅଲରାଉଣ୍ଡରଙ୍କୁ ଖେଳାଯିବ । ଯଦି ଏହା ହୁଏ, ତେବେ ଅଶ୍ୱିନ ଜାଡେଜାଙ୍କ ସହ ଅକ୍ଷର ପଟେଲଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରାଯାଇପାରେ । ପ୍ରଥମ ଟେଷ୍ଟରେ ବ୍ୟାଟିଂ ବିଫଳତା ଯୋଗୁ ଭାରତ ପରାଜିତ ହୋଇଥିଲା । ତେବେ ରୋହିତ ଶର୍ମା, ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ, ରବିଚନ୍ଦ୍ରନ ଅଶ୍ୱିନ, ଯଶପ୍ରୀତ ବୁମରା ଓ ରିଷଭ ପନ୍ତ ଖେଳିବା ନିଶ୍ଚିତ ଥିବାବେଳେ ବାକି ୫ଟି ସ୍ଥାନ ପାଇଁ ଟିମ୍ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ ରହିଛି ।




## ସୁନ୍ଦରଙ୍କୁ ମିଳିପାରେ ସୁଯୋଗ

ଦ୍ୱିତୀୟ ଓ ତୃତୀୟ ଟେଷ୍ଟ ପାଇଁ ଦଳକୁ ଡାକରା ପାଇଥିବା ୱାଶିଂଟନ ସୁନ୍ଦରଙ୍କୁ ଏକାଦଶରେ ସୁଯୋଗ ମିଳିବା ସମ୍ଭାବନା ରହିଛି । ବିଶେଷକରି ପୁନେ ପିଚ୍ ମନ୍ଥର ରହିବ । ବଲ୍ ଅଧିକ ଟର୍ଣ୍ଣ ହେବ । ଫିଲ୍ଡିଂ କୋଚ୍ ର୍ୟାନ୍ ଟେନ ଡୋଶ୍ଚେଟଙ୍କ ମତ ଅନୁଯାୟୀ ନ୍ୟୁଜିଲାଣ୍ଡ ଦଳର ମୁଖ୍ୟ ଏକାଦଶରେ ୪ ଜଣ ବାମହାତୀ ବ୍ୟାଟର ରହିଛନ୍ତି । ପୁନେରେ ଅତିରିକ୍ତ ସ୍ପିନର ଭାବେ ମିଚେଲ ସାଣ୍ଟନର ଖେଳିଲେ ବାମହାତୀ ବ୍ୟାଟରଙ୍କ ସଂଖ୍ୟା ୫କୁ ବଢ଼ିଯିବ । ତେଣୁ ଜଣେ ଡାହାଣ ହାତୀ ଅଫ୍ସ୍ପିନର ବୋଲର ଭାବେ ସୁନ୍ଦରଙ୍କୁ ଡକାଯାଇଛି । ୱାଶିଂଟନ ସୁନ୍ଦର ୨୦୨୧ ମାର୍ଚ୍ଚରେ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ମାତ୍ର ଗତ ଦିଲ୍ଲୀ ବିପକ୍ଷ ରଣଜୀ ଟ୍ରଫି ମୁକାବିଲାରେ ସେ ତାମିଲନାଡୁ ପକ୍ଷରୁ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରି ୧୫୨ ରନ କରିବା ସହ ୬ ୱିକେଟ ନେଇଥିଲେ ।

# ରାଜମାତା ଜିଜାବାଈ ଟ୍ରଫି: ମଧ୍ୟପ୍ରଦେଶ ବିପକ୍ଷରେ ଓଡ଼ିଶାର ଗୋଲ ବର୍ଷା

ଭୁବନେଶ୍ୱର, ୨୩।୧୦ (ସବ୍ୟୁ): ୨୯ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଈ ଟ୍ରଫିର ତୃତୀୟ ମ୍ୟାଚ୍‌ରେ ଓଡ଼ିଶା ଦଳ ୧୨-୦ ଗୋଲରେ ମଧ୍ୟପ୍ରଦେଶକୁ ହରାଇଛି । ଏହି ମ୍ୟାଚ୍‌ରେ ଓଡ଼ିଶା ଖେଳାଳିଙ୍କ ଗୋଲ ବର୍ଷା ଦେଖିବାକୁ ମିଳିଥିଲା । ଅଧିନାୟିକା ପ୍ୟାରୀ ଖାଖା ଏକାକୀ ୬ଟି ଗୋଲ କରିଥିଲେ ।

ସେ ୧୦, ୩୫, ୫୦, ୫୨, ୫୬ ଓ ୭୩ତମ ମିନିଟରେ ଏହି ଗୋଲ କରିଥିଲେ । ତାଙ୍କ ବ୍ୟତୀତ ସୁଭଦ୍ରା ସାହୁ ୪୦ ଓ ୬୩ତମ ମିନିଟିରେ ଦୁଇଟି, ଦୀପା ନାୟକ ୨୬ତମ ମିନିଟ ଏବଂ ମନୀସା ନାଏକ ୩୨ ଓ ୭୧ତମ ମିନିଟରେ ଦୁଇଟି ଗୋଲ କରିଥିଲେ । ମଧ୍ୟପ୍ରଦେଶ ପକ୍ଷରୁ ୪୯ତମ ମିନିଟରେ ମିନୁ ଆତ୍ମଘାତୀ ଗୋଲ କରିଥିଲେ । ଏହି ବିଜୟ ସହ ଓଡ଼ିଶା ଦଳ ଫାଇନାଲ ଗ୍ରାଉଣ୍ଡ ନିମନ୍ତେ ଯୋଗ୍ୟତା ଅର୍ଜନ କରିଛି ।



# ପାଲଲହଡା କପ ଫୁଟବଲ : ଭୁବନେଶ୍ୱର ଏକାଦଶକୁ ହରାଇ ଫାଇନାଲରେ ଝାରସୁଗୁଡା



ପାଲଲହଡା, ୨୩।୧୦ (ସବ୍ୟୁ) : ଗତ ଶୁକ୍ରବାରଠାରୁ ପାଲଲହଡା ଷ୍ଟାଡିୟମ ପରିସରରେ ଆରମ୍ଭ ହୋଇଥିବା ୩୬ତମ ରାଜ୍ୟସ୍ତରୀୟ ପାଲଲହଡା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ଷଷ୍ଠ ତଥା ଶେଷ ସେମିଫାଇନାଲ ମ୍ୟାଚ ବହୁତ ଚିତ୍ତାକର୍ଷକ, ରୋମାଞ୍ଚକର ଓ ସଂଘର୍ଷପୂର୍ଣ୍ଣ ଥିଲା । ବୁଧବାର ଗ୍ରୁପ ବି'ର ଶେଷ ମ୍ୟାଚରେ ଝାରସୁଗୁଡା ସେକେଣ୍ଡ ବାଟାଲିୟନ ଓ ଭୁବନେଶ୍ୱର କିଶୋର କ୍ଲବ ମଧ୍ୟରେ ପରସ୍ପରକୁ ଆକ୍ରମାଣତ୍ମକ ଢଙ୍ଗରେ ଖେଳ ଶେଷ ପର୍ଯ୍ୟନ୍ତ ୧-୧ ଗୋଲରେ ଅମୀମାଂଶିତ ରହିବା ପରେ ଶେଷରେ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଟାଇବ୍ରେକରରେ ଝାରସୁଗୁଡା ସେକେଣ୍ଡ ବାଟାଲିୟନ ଏକାଦଶ ଭୁବନେଶ୍ୱର କିଶୋର କ୍ଲବ ଏକାଦଶକୁ ୫-୪ ଗୋଲରେ ପରାସ୍ତ କରି ଗ୍ରୁପ ବି'ରୁ ଫାଇନାଲକୁ ଉନ୍ନୀତ ହୋଇଛି । ଭୁବନେଶ୍ୱରର କିଶୋର କ୍ଲବକୁ ଝାରସୁଗୁଡା ସେକେଣ୍ଡ ବାଟାଲିୟନ ଏକାଦଶର ଶ୍ରେଷ୍ଠ ଖେଳାଳି ଏକଲବ୍ୟ ଖାଲୁଆ ବିଜୟ ସୂଚକ ଶେଷ ଗୋଲ ଦେଇ ସିଧାସଳଖ ଫାଇନାଲ ଖେଳିବାକୁ ନିଜର ସ୍ଥାନ ପକ୍କା କରିଥିବାରୁ ତାଙ୍କୁ ଆଜିର ମୁଖ୍ୟ ଅତିଥି ଆୟୋଜକ କମିଟି ଦ୍ୱାରା ପ୍ରଦତ୍ତ ଏବଂ ଏଚ. ଡି. ଏଫ. ସି ଦ୍ୱାରା ପ୍ରାୟୋଜିତ ପୁରସ୍କାର ରାଶି ପ୍ରଦାନ କରିଥିଲେ । ଆୟୋଜକ ପାଲଲହଡା କପ ୨୦୨୪ର ସଭାପତି ରଘୁନନ୍ଦନ ଆଚାର୍ଯ୍ୟ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଆଜିର ମ୍ୟାଚରେ ପାଲଲହଡା ଉପଜିଲ୍ଲାପାଳ ସୁଶାନ୍ତ କୁମାର ପତି ମୁଖ୍ୟ ଅତିଥି ରୂପେ ଏବଂ ସମ୍ମାନିତ ଅତିଥିରୂପେ ପାଲଲହଡାର ବିଶିଷ୍ଟ ଶ୍ରମିକ ନେତା ତଥା ବିଜେପି ର ବରିଷ୍ଠ ନେତା ମନୋଜ କୁମାର ସାହୁ ଯୋଗଦେଇଥିଲେ ।

ଆଜିର ଖେଳକୁ ରେଫରୀ ଶିବଶଙ୍କର ପଣ୍ଡା ପରିଚାଳନା କରୁଥିଲାବେଳେ ତାଙ୍କୁ ସହାୟତା ପ୍ରଦାନ କରିଥିଲେ ଅନ୍ୟତମ ରେଫରୀ ସୁଜିତ ପାତ୍ର, ସରୋଜ କୁମାର ବେହେରା ଓ ସଲିଳ ବେହେରା । ପ୍ରତିକୂଳ ପାଗ ସତ୍ତ୍ୱେ ଆଜିର ଖେଳ ଦେଖିବାକୁ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସାମଗମ ହୋଇଥିଲା । ଆସନ୍ତାକାଲି ସୁନ୍ଦରଗଡ଼ ମହିଳା ଏକାଦଶ ଓ ରାଉରକେଲା ମହିଳା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହେବଏବଂ ଆସନ୍ତା ୨୫ତାରିଖ ଦିନ କଟକ ଯୁବଜ୍ୟୋତି କ୍ଲବ ଏବଂ ଆଜିର ବିଜେତା ଝାରସୁଗୁଡା ସେକେଣ୍ଡ ବାଟାଲିୟନ ମଧ୍ୟରେ ଫାଇନାଲ ଖେଳ ହେବ ବୋଲି ଆୟୋଜକ କମିଟିର କୋଷାଧକ୍ଷ ଅଭୟ କୁମାର ନାଏକ ଓ ସଂଯୋଜକ ହରିହର ବେହେରାଙ୍କ ସୂତ୍ରରୁ ପ୍ରକାଶ । କିନ୍ତୁ ଦାନାବାତ୍ୟା ପ୍ରଭାବ ଜନିତ ଖେଳକୁ ପାଗ ଦେଖି କରାଯିବ ବୋଲି ଆୟୋଜକ କମିଟି ର ସଭାପତି ରଘୁନନ୍ଦନ ଆଚାର୍ଯ୍ୟ ସମୟ କୁ ଏକ ପ୍ରେସ ଇସ୍ତାହାରରେ ପ୍ରକାଶ କରିଛନ୍ତି ।

# ଟି-୨୦ରେ ଜିମ୍ବାୱେର ବିଶାଳ ସ୍କୋର

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ଜିମ୍ବାୱେ ଦଳ ଇତିହାସ ରଚିଛି । ବଡ଼ବଡ଼ ଟିମ୍ ଯାହା କରି ଦେଖାଇପାରି ନାହାନ୍ତି, ତାହା କରିଛି ଜିମ୍ବାୱେ । ଟି-୨୦ ଅନ୍ତର୍ଜାତୀୟରେ ସବୁ ଦଳ ୩୦୦ରୁ ଅଧିକ ରନ କରିବାକୁ ଆଶା ରଖିଥାନ୍ତି । କିନ୍ତୁ ଏବାବଦରେ ସବୁଠୁ ଆଗେଇ ଯାଇଛି ଜିମ୍ବାୱେ । ସବୁଠୁ ବଡ଼ ସ୍କୋର କରିବାର ରେକର୍ଡ଼ ଜିମ୍ବାୱେ ନାଁରେ ହୋଇଛି । ଗାମ୍ବିଆ ବିପକ୍ଷ ମ୍ୟାଚ୍‌ରେ ଜିମ୍ବାୱେ ପ୍ରଥମେ ବ୍ୟାଟିଂ କରି ୩୪୪ ରନ କରିଛି । ଏହାପୂର୍ବରୁ ଟି-୨୦ ଅନ୍ତର୍ଜାତୀୟରେ କେବଳ ଥରେ ହିଁ ୩୦୦ରୁ ଅତିକ୍ରମ କରିଥିଲା । ୨୦୨୩ରେ ମଙ୍ଗୋଲିଆ ବିପକ୍ଷରେ ନେପାଳ ୩୧୩ ରନ କରିଥିଲା । ଏହା ଏକ ଅତୁଟ ରେକର୍ଡ଼ ହୋଇ ରହିବ ବୋଲି ଅନୁମାନ କରାଯାଉଥିଲା । କିନ୍ତୁ ଜିମ୍ବାୱେ ଏହି ରେକର୍ଡ଼କୁ ଭାଙ୍ଗି ଦେଇଛି । ଏହି ମ୍ୟାଚ୍‌ରେ ଜିମ୍ବାୱେର ୩ ଜଣ ବ୍ୟାଟର ଅର୍ଦ୍ଧଶତକ ଓ ଜଣେ ବ୍ୟାଟର ଶତକ ମାରିଥିଲେ । ଅଧିନାୟକ ସିକନ୍ଦର ରାଜା ୪୩ ବଲରୁ ୧୩୩ ରନ କରିଥିଲେ । ସିକନ୍ଦରଙ୍କ ଇନିଂସ୍‌ରେ ୧୫ ଛକା ଓ ୭ ଚୌକା ରହିଛି । ସେ ଶେଷ ଯାଏଁ ଅପରାଜିତ ରହିଥିଲେ । ମାରୁମାନି ୬୨, ବନେଟ ୫୦ ରନ, କାଲିଭ ମାଡାଣ୍ଡୋ ୫୫ ରନ କରିଥିଲେ । ଜିମ୍ବାୱେ ଇନିଂସ୍‌ରେ ମୋଟ ୨୭ଟି ଛକା ହୋଇଥିଲା । ଅନ୍ତର୍ଜାତୀୟ ଟି-୨୦ରେ ଏହା ଏକ ରେକର୍ଡ଼ । ଗାମ୍ବିଆ ବୋଲର ମୁସା ଜୋବାର୍ଥେ ୪ ଓଭରରେ ୯୩ ରନ ଦେଇଥଲେ । ଏହାର ଜବାବରେ ଗାମ୍ବିଆ ୧୪.୪ ଓଭରରେ କେବଳ ୧୪ ରନ କରିବାକୁ ସମର୍ଥ ହୋଇଥିଲା ।



# ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ : ଓଡ଼ିଶା ଚାମ୍ପିଅନ



ଭୁବନେଶ୍ୱର, ୨୩।୧୦ (ସବ୍ୟୁ) : ସ୍ଥାନୀୟ ରେଳବାଇ ଇନଡୋର ଷ୍ଟାଡିୟମଠାରେ ଚାଲିଥିବା ଅଡିଟ ଓ ଏକାଉଣ୍ଟସ ପୂର୍ବାଞ୍ଚଳ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ଓଡିଶା ସେମିଫାଇନାଲରେ ମଣିପୁରକୁ ହରାଇ ଫାଇନାଲରେ ଗତବର୍ଷର ଚାମ୍ପିଅନ ପଶ୍ଚିମବଙ୍ଗ ଦଳକୁ ୩-୧ ହରାଇ ଚଳିତବର୍ଷର ଚାମ୍ପିଅନ ହୋଇଅଛି । ଓଡିଶା ଦଳର କ୍ୟାପଟେନ ରଣଜିତ ବନ୍ଥା, ଜ୍ଞାନ ଚାନ୍ଦ, କାଲଗା ଜଗଦୀଶ, ଅର୍ଣ୍ଣବାଣ ମଣ୍ଡଳ, ଧ୍ରୁବ ରାୱାତ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ । ମହିଳା ଡବଲସରେ ଅନାମିକା ସିଂହ ସିଶୋଦିୟା ଓ ଚିମରୋନ କଲିତା ଦେବାହୁତି ଲାହୋନ ଏବଂ ସୋମିବାଳାଙ୍କୁ ହରାଇ ବିଜୟୀ ହୋଇଥିବା ବେଳେ ବରିଷ୍ଠ ପୁରୁଷ ସିଙ୍ଗଲସରେ ସୌରଭ ଅଗ୍ରୱାଲ ମୁକେଶ କୁମାରଙ୍କୁ ହରାଇ ଚାମ୍ପିଅନ ହୋଇଛନ୍ତି ।

ଗୁରୁବାର ସେମିଫାଇନାଲ ପୁରୁଷ ସିଙ୍ଗଲସ, ବରିଷ୍ଠ ସିଙ୍ଗଲସ, ପୁରୁଷ ଡବଲସ, ମିକ୍ସଡ ଡବଲସ ଖେଳ ଅନୁଷ୍ଠିତ ହେବ । ଓଡିଶା ଦଳର ସଫଳତା ପାଇଁ ପ୍ରଧାନ ମହାଲେଖାକାର ରାଜ କୁମାର ଓ ମହାଲେଖାକାର ବିଶ୍ୱନାଥ ସିଂହ ଜାଡନ, ବରିଷ୍ଠ ଉପ ମହାଲେଖାକାର ଶ୍ରୀରାଜ ଅଶୋକ, ବାଲକ୍ରିଷ୍ଣା ନାଲ୍ଲାମୋଥୁ, ପୂର୍ବତଟ ରେଳବାଇର ଅଡିଟ ଅଧିକାରୀ ଶଶିରଞ୍ଜନ,ଏଜି ରିକ୍ରେସନ କ୍ଲବର ସମ୍ପାଦକ ଭି ଆନନ୍ଦ ଭଟ, ଓ ଓଡିଶା ଦଳର କୋଚ ଇନ୍ଦ୍ରପ୍ରକାଶ ଶ୍ରୀବାସ୍ତବ ଓଡିଶା ଦଳର ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଆଜିର ଖେଳକୁ ସହକାରୀ ଲେଖାପରୀକ୍ଷା ଅଧିକାରୀ ସରୋଜକାନ୍ତ ସ୍ୱାଇଁ, ରମାକାନ୍ତ ମିଶ୍ର, ରାଜେଶ କୁମାର ସିଂହ, ସୁରେଶ ଚନ୍ଦ୍ର ମହାନ୍ତି, ସରୋଜ ବାରିକ ଓ ଦେବଦତ୍ତ ମହାନ୍ତି ପରିଚାଳନା କରିଥଲେ ।

# ଓଡ଼ିଶା ପାରା ସନ୍ତରଣକାରୀ ଦଳକୁ ଭବ୍ୟ ସ୍ୱାଗତ



ଭୁବନେଶ୍ୱର,୨୩।୧୦ (ସବ୍ୟୁ): ଭୁବନେଶ୍ୱର ଫେରିବା ପରେ ଓଡିଶାର ପାରା ସନ୍ତରଣ ଖେଳାଳିଙ୍କୁ କ୍ରୀଡା ଏବଂ ଯୁବ ସେବା ବିଭାଗ ପକ୍ଷରୁ ବିଜୟ ରାଉତ, ସୁନୀଲ ପ୍ରଧାନ କୋଷାଦକ୍ଷ ପାରାଲିମ୍ପିକ କମିଟି ଅଫ ଇଣ୍ଡିଆ ଏବଂ ପାରା ସ୍ପୋର୍ଟସ ସଂଘ ଓଡିଶାର ସଭାପତି କମଳାକାନ୍ତ ରଥ ବିମାନ ବନ୍ଦରରେ ସ୍ୱାଗତ କରିଛନ୍ତି ।

ବୁଧବାର ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଓଡିଶାର ପାରା ସନ୍ତରଣ ଖେଳାଳି ଓ କର୍ମକର୍ତ୍ତାମାନେ ପହଞ୍ଚିଥିଲେ । ଓଡ଼ିଶା ଖେଳାଳି ମୋଟ୍ ୨୬ ପଦକ ପାଇଛନ୍ତି ସେଥିରେ ୧୩ ସ୍ୱର୍ଣ୍ଣ, ୧୦ ରୌପ୍ୟ ଓ ୩ କାଂସ୍ୟ ପଦକ ହାସଲ କରିଥିଲେ । ଓଡ଼ିଶା ପାରା ସନ୍ତରଣ ଖେଳାଳିଙ୍କର ବହୁତ ଭଲ ପ୍ରଦର୍ଶନ । ସଂଘ ସଭାପତି କହିଛନ୍ତି ଆମ ଖେଳାଳି ମୁଖ୍ୟ ସ୍ରୋତକୁ ଆସିବାକୁ ହେଲେ କ୍ରୀଡା ବିଭାଗର ସହଯୋଗ ଯେପରି ଯିବା ଆସିବା କ୍ରୀଡା ପ୍ରତିଯୋଗିତାରେ ଉନ୍ନତ ମାନର ସହଯୋଗ ରହିଛି, ୧୪ ଦିନର ଅଭ୍ୟାସ ରେ ୨୬ ପଦକ ପାଉଛନ୍ତି ଆମକୁ ବର୍ଷ ସାରା କ୍ରୀଡା ଉନ୍ନତି ପାଇଁ ପ୍ରଶିକ୍ଷକ, ସ୍ଥାନ ଓ ହଷ୍ଟେଲର ସବୁ ସୁବିଧା ସୁଯୋଗ କଳିଙ୍ଗ ଷ୍ଟାଡିୟମରେ ଯୋଗାଇ ଦିଅନ୍ତେ, ତାହେଲେ ଆମ ଖେଳାଳି ରାଜ୍ୟ ପାଇଁ ଆହୁରି ପଦକ ଆଣି ପାରନ୍ତେ ।

ସୂଚନା
ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି